

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୪ ମଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 24 MAY 2023

Vol.No. 34 ■ No. 136 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ପ୍ରକାଶ ପାଇଲା ଆଇଏଏସ୍ ରେଜଲ୍ଟ

## ଈଶିତା କିଶୋର ଟପ୍ପର, ପ୍ରଥମ ୪ଟି ସ୍ଥାନରେ ଝିଅ





ଭୁବନେଶ୍ୱର, ୨୩/୦୫ (ନି.ପ୍ର): ୟୁପିଏସସି ଦ୍ୱାରା ପରିଚାଳିତ ସିଭିଲ୍ ସର୍ଭିସ ପରୀକ୍ଷା ୨୦୨୨ର ଚୂଡ଼ାନ୍ତ ଫଳ ପ୍ରକାଶ ପାଇଛି। ଏଥିରେ ମୋଟ ୯୩୩ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବା ବେଳେ ଈଶିତା କିଶୋର ଟପ୍ପର ହୋଇଛନ୍ତି। ପ୍ରଥମ ତିନିଟି ସ୍ଥାନ ମହିଳାମାନେ ଅକ୍ତିଆର କରିଛନ୍ତି। ଗରିମା ଲୋହିଆ ଦ୍ୱିତୀୟ ଓ ଉମା ହାରାଥି ଏନ୍ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କୃତକାର୍ଯ୍ୟ ହୋଇଥିବା ୯୩୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୮୦ ଜଣ ଆଇଏଏସ୍, ୩୮ ଜଣ ଆଇଏଫ୍ଏସ୍, ୨୦୦ ଜଣ ଆଇପିଏସ୍ ଏବଂ ଅନ୍ୟମାନେ ସେଂଟ୍ରାଲ ସର୍ଭିସେସ୍ ଗ୍ରୁପ୍ ଏ ଓ ଗ୍ରୁପ୍ ବି ସର୍ଭିସେସ୍ ରେ ନିଯୁକ୍ତି ପାଇବେ। କୃତକାର୍ଯ୍ୟ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଓଡ଼ିଶାରୁ ୨୬ ଜଣ ଅଛନ୍ତି। ଅନୁପ ଦାସ ୩୮ ନମ୍ବର ରାଙ୍କରେ ଥିବା ବେଳେ ପ୍ରଣିତା ଦାସ ୪୨, ଅର୍ଣ୍ଣବ ମିଶ୍ର ୫୬, ଦୀକ୍ଷିତା ଯୋଶୀ ୫୮, କୃତିକା ମିଶ୍ର ୬୬, କସ୍ତୁରୀ ପଣ୍ଡା ୬୭, ପଲ୍ଲବୀ ମିଶ୍ର ୭୩ ଓ ପ୍ରଶାନ୍ତ ରାଜ ୯୭ ରାଙ୍କ ପାଇଛନ୍ତି। ସେହିପରି ସିଦ୍ଧାର୍ଥ ମିଶ୍ର ୧୦୬ ନମ୍ବର ରାଙ୍କରେ ରହିଥିବା ବେଳେ ସୌମ୍ୟରଞ୍ଜନ ଦାସ ୧୩୬, ସୋନାଲି ମିଶ୍ର ୧୪୦, ଦୁର୍ଗା ପ୍ରସାଦ ଅଧିକାରୀ ୧୬୨, ସୁଶ୍ରୀ ଶୁଭାଙ୍ଗୀ ଖୁଣ୍ଟିଆ ୨୪୮, ସତ୍ୟ ପ୍ରକାଶ ମିଶ୍ର ୨୬୧, ଆୟୁଷୀ ପ୍ରଧାନ ୩୩୪, ଦିବ୍ୟା ଜୈନ ୩୬୩, କୃତିକା ମିଶ୍ର ୪୦୧, ରଶ୍ମୀ ପ୍ରଧାନ ୪୦୫, ତେଜସ୍ୱୀ ବେହେରା ୫୧୬, ପ୍ରଥମା ପ୍ରତୀକ୍ଷା ପ୍ରଧାନ ୬୭୦, ଶୁଭସ୍ମିତା ସେଠୀ ୬୮୦, ଶୁଭମ ମିଶ୍ର ୬୮୮, ନିବେଦିତା ଦାସ ୮୪୮, ବୀରେନ୍ଦ୍ର କୁମାର ଦାସ ୮୫୪ ଓ ମାନସଜ୍ୟୋତି ଦାସ ୮୮୧ ରାଙ୍କରେ କୃତକାର୍ଯ୍ୟ ହୋଇଛନ୍ତି।

# ଏସବିଆଇର ୮୯୦ ଟି ଶାଖାରେ ବଦଳାଯାଇ ପାରିବ ୨ ହଜାର ଟଙ୍କିଆ ନୋଟ




ଭୁବନେଶ୍ୱର, ୨୩/୦୫ (ନି.ପ୍ର): ଆଜି ଠାରୁ ଦୁଇ ହଜାର ଟଙ୍କିଆ ନୋଟ ବଦଳାଇ ପାରିବେ । ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ମୋଟ ୮୯୦ଟି ଶାଖାରେ ଶାଖାରେ ନୋଟ୍ ବଦଳର ବ୍ୟବସ୍ଥା ହୋଇଛି । ଏସବିଆଇର ଭୁବନେଶ୍ୱର ମଣ୍ଡଳ ସିଜିଏମ୍ ଚନ୍ଦ୍ରଶେଖର ଶର୍ମା ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ନୋଟ୍ ବଦଳାଇବା ପାଇଁ ଆମ ପାଖରେ ୧୨ ହଜାର କୋଟି ରହିଛି । ସେ କହିଛନ୍ତି ଯେ ଅଧିକ ଦରକାର ପଡ଼ିଲେ ଘଣ୍ଟାକ ଭିତରେ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ଦେବାକୁ କହିଛି । ଥରକେ ୨୦ ହଜାର ବଦଳା ଯାଇପାରିବ । ଫାଙ୍କା ଥିଲେ ଦିନକୁ ଏକାଧିକ ଥର ବଦଳାଇ ହେବ ବୋଲି ସେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ନୋଟ୍ ବଦଳ ପାଇଁ କୌଣସି ଆଇଡି ପ୍ରମାଣ ଦେବାକୁ ପଡ଼ିବ ନାହିଁ।

# ୪୦ ଉପରେ ୨୨ ସହରରେ ତାତି



ଭୁବନେଶ୍ୱର, ୨୩/୦୫ (ନି.ପ୍ର): ଅସହ୍ୟ ତାତି। ତା ସହ ଅସ୍ୱାଭାବିକ ଗୁଳୁଗୁଳି। ଆକାଶରୁ ନିଆଁ ବର୍ଷିଲା ପରି ସ୍ଥିତି। ଏଭଳି ଚିତ୍ର ମଙ୍ଗଳବାର ଦେଖିବାକୁ ମିଳିଛି ରାଜ୍ୟର ଅଧିକାଂଶ ସହରରେ। ସକାଳ ୮ଟା ପରଠାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ପ୍ରବଳ ଖରାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ରାଜ୍ୟବାସୀ ଖରାଯୋଗୁଁ ତ୍ରାହିତ୍ରାହି ଡାକିଛନ୍ତି। ରାଜ୍ୟର ୨୨ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଅଥବା ଅଧିକ ରେକର୍ଡ ହୋଇଛି। ୪୩.୩ ଡିଗ୍ରୀ ସହ ବଲାଙ୍ଗୀର ସର୍ବାଧିକ ଉତପ୍ତ ସହର ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ପାଣିପାଗ ବିଭାଗ ପକ୍ଷରୁ ଜାରି ସୂଚନା ଅନୁଯାୟୀ ମଙ୍ଗଳବାର ବଲାଙ୍ଗୀରରେ ▶▶ପୃଷ୍ଠା ୭

## ଓଡ଼ିଶାର ସମସ୍ତ ଶୈବ ପୀଠରେ ନିଷେଧ ହେବ ଗଂଜେଇ ବ୍ୟବହାର

ଭୁବନେଶ୍ୱର, ୨୩/୦୫ (ନି.ପ୍ର):ଓଡ଼ିଶାର ସମସ୍ତ ଶୈବ ପୀଠରେ ଗଂଜେଇ ବ୍ୟବହାର ନିଷେଧ ହେବ । ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏନେଇ ସମସ୍ତ ଜିଲ୍ଲା ର ଜିଲ୍ଲପାଳ ଓ ଏସପି ଙ୍କୁ ଚିଠି ଲେଖିଛି । ମିଳିଥିବା ସୂଚନା ଅନୁସାରେ ବିଭିନ୍ନ ଶୈବ ପୀଠ ମାନଙ୍କ ରେ ଗଂଜେଇ ବ୍ୟବହାର ନିଷିଦ୍ଧ ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଅନୁରୋଧ କରାଯାଇଛି । ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ର ନିର୍ଦ୍ଦେଶକ ଏନେଇ ରାଜ୍ୟ ର ସମସ୍ତ ଜିଲ୍ଲା ର ଜିଲ୍ଲାପାଳ ଓ ଏସପି ଙ୍କୁ ଚିଠି ଲେଖିଛନ୍ତି ।

# ଟ୍ରକ୍ ଯାତ୍ରା କଲେ ରାହୁଲ ଗାନ୍ଧି: ଡ୍ରାଇଭରଙ୍କ ସମସ୍ୟା ବୁଝିଲେ



କର୍ଣ୍ଣାଟକ,୨୩/୦୫ : କର୍ଣ୍ଣାଟାରେ କ୍ଲିନ୍ ସୁଇପ୍ ପାଇବା ପରେ ନିଜ ପୁରୁଣା ଜୋସ୍‌କୁ ଫେରି ପାଇଛି କଂଗ୍ରେସ। ଆସନ୍ତା ବର୍ଷ ହେବାକୁ ଥିବା ଲୋକସଭା ନିର୍ବାଚନ ସମେତ ବିଭିନ୍ନ ରାଜ୍ୟର ବିଧାନସଭା ନିର୍ବାଚନରେ କର୍ଣ୍ଣାଟକା ଇତିହାସକୁ ରିପିଟ୍ କରିବାକୁ ଅଣ୍ଟା ଭିଡ଼ିଛି ଦଳ । ଏଥିନିମନ୍ତେ ଦଳର ନେତା ରାହୁଲ ଗାନ୍ଧି ରାତି ଦିନ ଏକ କରି ଦେଇଛନ୍ତି। ତୃଣମୂଳ ସ୍ତରରେ ଲୋକଙ୍କ ସମସ୍ୟା ବୁଝିବାକୁ ସେ ଗୋଟିଏ ବି ମଉକା ହାତଛଡ଼ା କରିବାକୁ ଚାହୁଁ ନାହାନ୍ତି। ରାହୁଲଙ୍କର ଏବେ ଏକ ଭିଡିଓ ଭାଇରାଲ ହେଉଥିବା ବେଳେ ସେଥିରେ ସେ ଟ୍ରକ୍‌ରେ ଯାତ୍ରା କରୁଥିବା ଦେଖିବାକୁ ମିଳିଛି। ରାହୁଲ ଗାନ୍ଧି ଗତ ରାତିରେ ଦିଲ୍ଲୀରୁ ଶିମଲା ଅଭିମୁଖେ ଯାଉଥିଲେ। ହେଲେ ଅମ୍ବାଲାରୁ ସେ ଚଣ୍ଡିଗଡ଼ ପର୍ଯ୍ୟନ୍ତ ଟ୍ରକ୍‌ରେ ଯାତ୍ରା କରିଥିଲେ। କଂଗ୍ରେସର ବହୁ କାର୍ଯ୍ୟକର୍ତ୍ତା ଏହାର ଭିଡିଓ ସୋଶାଲ ମିଡିଆରେ ପୋଷ୍ଟ କରିଛନ୍ତି। ରାହୁଲ ଗାନ୍ଧି ଅମ୍ବାଲାରେ ଟ୍ରକ୍ ଡ୍ରାଇଭରଙ୍କ ସହ ସାକ୍ଷାତ କରିଥିଲେ। ଏହି ସମୟରେ ସେ ଡ୍ରାଇଭରଙ୍କ ସମସ୍ୟା ବୁଝିବାକୁ ଚେଷ୍ଟା କରିଥିଲେ। ରାହୁଲ ଗାନ୍ଧିଙ୍କ ଭିଡିଓ ଶେଆର କରି କଂଗ୍ରେସ ନେତା ସୁପ୍ରିୟା ଶ୍ରୀନେତ କହିଛନ୍ତି, କେତେବେଳେ ୟୁନିଭରସିଟିରେ ଛାତ୍ରଙ୍କ ସହ, କେତେବେଳେ ଖେଳାଳିଙ୍କ ସହ, କେତେବେଳ ଚାଷୀଙ୍କ ସହ ତ ପୁଣି କେତେବେଳେ ଡେଲିଭରି ବୟଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ବୁଝିବାକୁ ଚେଷ୍ଟା କରୁଛନ୍ତି ରାହୁଲ ଗାନ୍ଧି। ସେ ଦେଶର ସାଧାରଣ ଲୋକଙ୍କ ସମସ୍ୟା ଓ କଷ୍ଟ ବୁଝିବାକୁ ଚେଷ୍ଟା କରୁଛନ୍ତି। ଏହା ଦେଖି ମନରେ ଏକ ପ୍ରକାର ବିଶ୍ୱାସ ଜନ୍ମୁଛି ଯେ ଲୋକଙ୍କ ସମସ୍ୟା ବୁଝିବାକୁ ଓ ସେମାନଙ୍କ ସହ ଛିଡ଼ା ହେବାକୁ କେହି ଜଣେ ଏହି ଦେଶରେ ଅଛନ୍ତି। ▶▶ପୃଷ୍ଠା ୭

## ମୁଣ୍ଡଳି ବ୍ରିଜ୍‌ରୁ ଡେଇଁ ଛାତ୍ରୀ ମୃତ୍ୟୁ ଘଟଣା: ପୁରୁଷ ବନ୍ଧୁ ଗିରଫ

ଭୁବନେଶ୍ୱର, ୨୩/୦୫ (ନି.ପ୍ର): ମୁଣ୍ଡଳି ବ୍ରିଜ୍‌ରୁ ଡେଇଁ ଛାତ୍ରୀ ମୃତ୍ୟୁ ଘଟଣାରେ ପୋଲିସ ତାଙ୍କର ପୁରୁଷ ବନ୍ଧୁଙ୍କୁ ଗିରଫ କରିଥିବା ଜଣା ପଡିଛି । ମିଳିଥିବା ସୂଚନା ଅନୁସାରେ ଆଠଗଡ଼ ପୋଲିସ ଅଭିଯୁକ୍ତ ପୁରୁଷ ବନ୍ଧୁଙ୍କୁ ଗିରଫ କରିଛି । ମୃତ ଛାତ୍ରୀଙ୍କ ବାପାଙ୍କ ଏତଲା ଆଧାରରେ ପୋଲିସ ତାଙ୍କର ପୁରୁଷ ବନ୍ଧୁଙ୍କୁ ଗିରଫ କରିଛି । ଉଲ୍ଲେଖନୀୟ ଯେ ଗତ ୨୦ ତାରିଖ ଦିନ ଛାତ୍ରୀ ଜଣଙ୍କ ବ୍ରିଜରୁ ଡେଇଁଥିଲେ ଓ ତାର ପରଦିନ ତାଙ୍କର ମୃତଦେହ ମିଳିଥିଲା ।

## ମା'କୁ ହାଣି ଦେଲା ପୁଅ

ଜଗତସିଂହପୁର, ୨୩/୦୫ (ନି.ପ୍ର): ଯେଉଁ ମା' ଦଶମାସ ଗର୍ଭରେ ରଖି ଜନ୍ମ ଦେଇଥିଲା। ପଣତ କାନିରେ ମୁହଁ ପୋଛି ଦେଉଥିଲା। ପୁଅର ସବୁ ଅଳିଅଝଟ ସହୁଥିଲା।ଆଜି ସେହି ମା'କୁ ହତ୍ୟା କରିବାକୁ ପଛାଇଲା ନାହିଁ ନୃଶଂସ ପୁଅ। ଏପରି ଘଟଣା ଘଟିଛି ଜଗତସିଂହପୁର ଜିଲ୍ଲା ଲକ୍ ଥାନା ଅନ୍ତର୍ଗତ କୁମ୍ଭାର ସାହିରେ। ମୃତ ମହିଳା ଜଣଙ୍କ ହେଲେ ସୁଲୋଚନା ଦେବୀ। ସେ ପାରାଦୀପଗଡ ହାଇସ୍କୁଲର ଜଣେ ସହକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ପୁଲିସ ଅଭିଯୁକ୍ତ ପୁଅ ଅଂଶୁମାନଙ୍କୁ ଅଟକ ରଖି ପଚରାଉଚରା କରୁଛି। ଆଜି ସକାଳ ପ୍ରାୟ ସାଢେ ୫ଟା ସମୟରେ ସୁଲୋଚନା ଦାଣ୍ଡ ପିଣ୍ଡାରେ ବସି ଶାଗ ବାଛୁଥିଲେ। ଏହି ସମୟରେ ଅଂଶୁମାନ ଆସି ମା' ମୁଣ୍ଡ ଓ ବେକକୁ କୁଟୁରିରେ ଚୋଟ ପକାଇଥିଲେ। ପରିବାର ଲୋକେ ପାଟି ଶୁଣି ଦୌଡ଼ି ଆସିଥିଲେ। ସେତେବେଳକୁ ସୁଲୋଚନାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇସାରିଥିଲା। ଆକ୍ରମଣକାରୀ ପୁଅ ଅଂଶୁମାନ ବେହେରା ଜଣେ ମାନସିକ ରୋଗୀ ବୋଲି କୁହାଯାଉଛି। ଗତକାଲିଅଂଶୁମାନଙ୍କ ବୁଢି ମାଆର ଶ୍ରାଦ୍ଧ ଥିଲା। ବ୍ରାହ୍ମଣ ଅଂଶୁମାନ ମୁଣ୍ଡରେ ଚନ୍ଦନ ଲଗାଇ ଦେଇଥିଲେ। ସେହି ଘଟଣାରେ ଗତକାଲି ଠାରୁ ଉତକ୍ଷିପ୍ତ ଥିଲେ ଅଂଶୁମାନ। ଆଜି ସକାଳୁ ନିଜ ମାଆ ଉପରେ ରାଗ ସାରିଥିଲା ବୋଲି କୁହାଯାଉଛି। ପାରାଦୀପ ଅତିରିକ୍ତ ଏସପି ଏବଂ ଲକ୍ ଥାନା ଆଇଆଇସି ପହଞ୍ଚି ତଦନ୍ତ କରୁଛନ୍ତି।

## ପାକିସ୍ତାନ ଡ୍ରୋନ୍ ଷଡ଼ଯନ୍ତ୍ର ଫେଲ୍

## ପଞ୍ଜାବ ସୀମାରେ ମାରି ଖସାଇଲା ବିଏସଏଫ: ଆସୁଥିଲା ଡ୍ରଗ୍‌ସ



ନୂଆଦିଲ୍ଲୀ, ୨୩/୦୫ (ନି.ପ୍ର): ପାକିସ୍ତାନର ନାପାକ୍ ଷଡ଼ଯନ୍ତ୍ର ବିଫଳ। ପାକ୍ ଡ୍ରୋନକୁ ମାରି ଖସାଇଲା ବିଏସଏଫ । ପଞ୍ଜାବ ପ୍ରାନ୍ତରେ ପାକିସ୍ତାନର ଡ୍ରଗ୍ସ କାରବାରକୁ ଫେଲ୍ କରିଛି ଭାରତୀୟ ସେନା । ଅମୃତସର ସୀମାରେ ନିଶାଦ୍ରବ୍ୟ ନେଇ ଆସୁଥିବା ଏକ ଡ୍ରୋନକୁ ମାରି ଖସାଇ ଦେଇଛି ବର୍ଡର ସିକ୍ୟୁରିଟି ଫୋର୍ସ । ସୋମବାର ରାତିରେ ଏହି ଘଟଣା ଘଟିଛି । ସୁରକ୍ଷାବଳ ଏକ କଳା ରଙ୍ଗର ଡ୍ରୋନକୁ ଭୈନି ରାଜପୁତାନା ଗାଁରୁ ଜବତ କରିଛନ୍ତି । ସେଥିରୁ ୨ ପ୍ୟାକେଟ୍ ଡ୍ରଗସ୍ ମିଳିଛି । ବିଏସଏଫ ସୂଚନ ମୁତାବକ, ଡ୍ରୋନ ମିଳିଥିବା ଡ୍ରଗ୍ସ ଓଜନ ୨ କେଜିରୁ ଅଧିକ ହେବ । ସୋମବାର ବିଳମ୍ବିତ ରାତିରେ ଯବାନ ମାନେ ଏକ ଡ୍ରୋନର ଶବ୍ଦ ଶୁଣିଥିଲେ । ଏହା ପରେ ପୂରା ୟୁନିଟ୍ ଆଲର୍ଟ ହୋଇଯାଇଥିଲା । ▶▶ପୃଷ୍ଠା ୭

# ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ସୃଷ୍ଟିଧର ପରିଡ଼ାଙ୍କୁ ସାମ୍ବାଦିକ ମହଲରୁ ସମ୍ବର୍ଦ୍ଧନା



ବାଲେଶ୍ୱର, ୨୩/୦୫ (ନି.ପ୍ର): ଜୀବନବ୍ୟାପୀ ସାରସ୍ୱତ ସାଧନା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ନିକଟ ଅତୀତରେ ସମ୍ବର୍ଦ୍ଧିତ ଓ ପୁରସ୍କୃତ ହୋଇଥିବା ଦୈନିକ ଓଡ଼ିଆ ଖବରକାଗଜ 'ଧ୍ୱନି ପ୍ରତିଧ୍ୱନି'ର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ାଙ୍କୁ ବାଲେଶ୍ୱରର ସାମ୍ବାଦିକ ମହଲରୁ ମଙ୍ଗଳବାର ସମ୍ମାନିତ କରାଯାଇଛି।ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସାମ୍ବାଦିକ ପ୍ରକୋଷ୍ଠରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀଶଙ୍କର ଭୂୟାଁ, ବରିଷ୍ଠ ସାମ୍ବାଦିକ ରଂଜନ ବାଗ, ଦେବବ୍ରତ ପାଣିଗ୍ରାହୀ, ଗଙ୍ଗାଧର ରାଉତ, 'ସମାଜ' ବାଲେଶ୍ୱର ଡେସ୍କ ଇନଚାର୍ଜ ଶଶିରଂଜନ ମଲିକ ପ୍ରମୁଖ ଯୋଗଦେଇ ଶ୍ରୀ ପରିଡ଼ାଙ୍କୁ ଶୁଭେଚ୍ଛା ଜଣାଇବା ସହ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ମାନିତ କରିଥିଲେ। ବାଲେଶ୍ୱରର ଜଣେ ଆଗ ଧାଡ଼ିର ସାହିତ୍ୟିକ, କବି, ପ୍ରାବନ୍ଧିକ ତଥା ଖବର କାଗଜର ମୁଖ୍ୟ ସମ୍ପାଦକ ଭାବେ ଶ୍ରୀ ପରିଡ଼ାଙ୍କୁ ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧିତ କରିବା ଜିଲା ପାଇଁ ଗୌରବର ବିଷୟ ବୋଲି ସେମାନେ କହିଥିଲେ। ତାଙ୍କର ସୁସ୍ଥ ନିରାମୟ ଜୀବନ ସାଙ୍ଗକୁ ସାରସ୍ୱତ ସାଧନା ଏମିତି ଜାରି ରହିଥାଉ ବୋଲି ଉପସ୍ଥିତ ଅତିଥି-ବକ୍ତା ଓ ସାମ୍ବାଦିକମାନେ କାମନା କରିଥିଲେ। ସମ୍ମାନିତ ଅବସରରେ ଶ୍ରୀ ପରିଡ଼ା ସମସ୍ତଙ୍କୁ ସାଧୁବାଦ ଜଣାଇବା ସହ ତାଙ୍କର ବିଭିନ୍ନ ସାହିତ୍ୟ କୃତି ଓ ସାରସ୍ୱତ ସାଧନାର ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ସମ୍ବର୍ଦ୍ଧନା ପର୍ବରେ ବାଲେଶ୍ୱରର ବହୁ ସାମ୍ବାଦିକ ଯୋଗଦେଇ ଶ୍ରୀ ପରିଡ଼ାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

# ପ୍ରୋଭିଡେଂଟ ଫଣ୍ଡ୍ ପାଇଁ ଆବଶ୍ୟକ ହେଲେ ବ୍ରହ୍ମପୁର ପିଏଫ୍ ଅଫିସ୍ ଆଗରେ ଧାରଣା ଦେବେ ଅବସରପ୍ରାପ୍ତ ଶ୍ରମିକ ଓ ସଂଘ

ଜୟପୁର, ୨୩/୦୫ (ନି.ପ୍ର): ସ୍ଥାନୀୟ ଯାଦବ ଭବନ ଠାରେ କାଗଜ କଳ ଶ୍ରମିକ ମାନଙ୍କ ସମସ୍ୟା ନେଇ ଏକ ବୈଠକ ଶ୍ରୀ କେଦାର ବେହେରା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ବ୍ରହ୍ମପୁର ଆଂଚଳିକ ପିଏଫ୍ ଅଫିସ୍ ଯାଇ ଫେରିଥିବା ଶ୍ରମିକ ନେତା ବସନ୍ତ ବେହେରା ଜଣାଇଥିଲେ ଯେ କେସିଟି ଟ୍ରଷ୍ଟ ଶ୍ରମିକ ମାନଙ୍କ ପି ଏଫ୍ ଜମା ଟଙ୍କା ସେକ୍ୟୁରିଟି ବଣ୍ଡ୍ ଏବଂ ଆର୍ ଟି ଜି ଏସ୍ ମାଧ୍ୟମରେ ପୈଠ କରିବାକୁ ଆଂଚଳିକ ପିଏଫ୍ ଅଫିସ୍ କୁ ଲିଖିତ ଭାବେ ଜଣାଇ ଥିଲେ । କିନ୍ତୁ ପି ଏଫ୍ ଅଧିକାରୀ କହିଛନ୍ତି କେବଳ ବ୍ୟାଙ୍କ ଡ୍ରାଫ୍ଟ କିମ୍ବା ବ୍ୟାଙ୍କର୍ସ ଚେକ୍ ଆକାରରେ ହିଁ ଗ୍ରହଣ କରାଯିବ । ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ଦେଇଥିଲେ ଯେ ମାର୍ଚ୍ଚ ମାସ ସୁଦ୍ଧା ଟ୍ରାନ୍ସଫର ହୋଇଯିବ । କିନ୍ତୁ ମାର୍ଚ୍ଚ ମାସ ରେ ଥାପର ଗ୍ରୁପର କେସିଟି ଟ୍ରଷ୍ଟ ଏକ ଚିଠି ଦେଇଛି । ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି ଆଗରୁ ମ୍ୟାନେଜମେଂଟକୁ ଏହି ଅସୁବିଧା କଥା ଜଣେଇଥିଲେ । ତା ସତ୍ତ୍ୱେ ସେମାନେ ଅବହେଳା କରୁଥିବାରୁ ଆବଶ୍ୟକ ସ୍ଥଳେ ସଂଘ ଓ ଅବସରପ୍ରାପ୍ତ ଶ୍ରମିକ ମାନେ ବ୍ରହ୍ମପୁର ଆଂଚଳିକ ପିଏଫ୍ ଅଫିସ୍ ଘେରି କେନ୍ଦ୍ର ପି ଏଫ୍ କମିଶନରଙ୍କୁ ଜଣେଇବେ ବୋଲି କହିଥିଲେ । ଇତି ମଧ୍ୟରେ ମ୍ୟାନେଜମେଣ୍ଟ ଅଧିକାରୀ ବ୍ରହ୍ମପୁର ଆଂଚଳିକ ଅଫିସ୍ ଯାଇଛନ୍ତି ଏବଂ ଡ୍ରାଫ୍ଟ ଜରିଆରେ ପୈଠ କରିବାକୁ ସମ୍ମତି ଜଣାଇଥିବା କହିଛନ୍ତି । ତେବେ ଯଦି ସମସ୍ୟା ଦୂର ନହୁଏ ତେବେ ଦୃଢ଼ ପଦକ୍ଷେପ ନିଆଯିବ । ୨୦୨୦ ରୁ ଏ କାରଖାନା ନୂଆ କମ୍ପାନୀ ହାତକୁ ନେଇଛି । ଋଣ ମଧ୍ୟ ୧୫୮ କୋଟି ନେଇଛି । କିନ୍ତୁ ଆଜି ପର୍ଯ୍ୟନ୍ତ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ଷ୍ଟାଚ୍ୟୁଟରୀ ପେମେଂଟ ଗ୍ରାଚ୍ୟୁଇଟି ଦେଉନାହିଁ । କାଗଜ କଳ ଉତ୍ପାଦନ କରୁଛି । ମାର୍ଚ୍ଚ ମାସ ରେ ୨୧ କୋଟି , ଏପ୍ରିଲ୍ ରେ ୨୩ କୋଟି ଏବଂ ମେ' ମାସ ରେ ପ୍ରାୟ ୨୫ କୋଟିରୁ ଉର୍ଦ୍ଧ୍ୱ କାଗଜ ବିକ୍ରି ହେବ । ଗତ ୧୬ ତାରିଖରେ ମାନ୍ୟବର ବିଧାୟକ ସଭାପତି ଥିବା ୟୁନିଅନର ପ୍ରତିନିଧି ମାନେ ଆଡଭାନ୍ସ ଦରମା ( ଅଧା) ପାଇଁ ଗୁହାରୀ କରିବା ରୁ ୟୁନିଟ୍ ଶୁଣିଲେ ନାହିଁ, ତେଣୁ କାଗଜ ବୋଝେଇ ଟ୍ରକ ସବୁ ବନ୍ଦ କଲେ । ତା ସତ୍ତ୍ୱେ ମ୍ୟାନେଜମେଂଟ ତା ଜିଦିରେ ଅଟଳ । ଆଜି କୁ ଦୁଇ ମାସ ହେଲା ଦରମା ନାହିଁ, କଂଟ୍ରାକ୍ଟର ଲେବର ସେକ୍ୟୁରିଟୀ ଗାର୍ଡ ମାନେ ଚାରି ମାସ ହେଲା ଦରମା ପାଇ ନାହାଁନ୍ତି । ଆନ୍ଦୋଳନ କଲେ କାରଖାନା ବନ୍ଦ କରିଦେବାର ଧମକ ଦେଉଛି ମ୍ୟାନେଜମେଣ୍ଟ । ଏଣୁ ସଭାରେ ନିଷ୍ପତି ନିଆଯାଇଛି ଯେ ଜୁନ୍ ମାସ ୧୫ ତାରିଖ ସୁଦ୍ଧା ଯଦି ସମସ୍ୟା ର ସମାଧାନ ନହୁଏ ତେବେ ଜୁନ୍ - ୧୯ ତାରିଖରୁ କାରଖାନା ମୁଖ୍ୟ ଫାଟକ ପାର୍ଶ୍ୱରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ବିକ୍ଷୋଭ ସଂଗଠିତ କରାଯିବ । ଆଜିର ବୈଠକରେ ସର୍ବଶ୍ରୀ ରବିନ୍ଦ୍ର କୁମାର ତ୍ରିପାଠୀ, ସହଦେବ ନାଏକ, ସୁଦର୍ଶନ ବିଷୋୟୀ,ଧ୍ରୁବ ଚରଣ ବାରିକ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।

# କେନ୍ଦୁଝରର ପ୍ରୟାସ ସେବା ଗ୍ରାମରେ ଲୋକାର୍ପିତ ହେଲା ରେଡିଓ ଜୁହାର

କେନ୍ଦୁଝର, ୨୩/୦୫ (ନି.ପ୍ର): କେନ୍ଦୁଝର ଜିଲ୍ଲା ରଘୁନାଥପୁର ପଂଚାୟତ ର ପାହାଡ ଜଙ୍ଗଲ ଘେରା ଏକ ଅଖ୍ୟାତ ପଲ୍ଲୀ ଖମଣଗୋଡାସାହୀ ର ପ୍ରୟାସ ସେବା ଗ୍ରାମରେ ଏକ ମନୋଜ୍ଞ ପରିବେଶ ମଧ୍ୟରେ ଲୋକାର୍ପିତ ହୋଇଛି ରେଡିଓ ଜୁହାର । ଏହି ରେଡିଓ ଜୁହାର ହେଉଛି ୯୦.୦ ଏଫ.ଏମ ଗୋଷ୍ଠୀ ବେତାର କେନ୍ଦ୍ର ଏବଂ ଜିଲ୍ଲାର ତୃତୀୟ ବେତାର କେନ୍ଦ୍ର । ଏହି ବେତାର କେନ୍ଦ୍ର ସହ ଗ୍ରାମାଂଚଳ ଲୋକମାନଙ୍କୁ ଜଡିତ କରାଇବା ସହ ଏହା ମାଧ୍ୟମରେ ଗ୍ରାମାଂଚଳର ଲୁକାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ଏବଂ ଗ୍ରାମାଂଚଳର ବିଭିନ୍ନ ବର୍ଗର ଲୋକଙ୍କୁ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଗୁଡିକ ସହ ଯୋଡିବା ସହ ସହାୟତା ତଥା ଫାଇଦା ପହଂଚାଇବା ଦିଗରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଦ୍‌ଭାବନାର ଏହା ଏକ ଅଭିନବ ପ୍ରୟାସ । ସରକାର ଓ ବିଶେଷ କରି ଅନଗ୍ରସର ଲୋକମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ରେଡିଓ ଜୁହାର ବେଶ ସହାୟକ ହେବ ବୋଲି ବିଶ୍ୱାସ ରଖିଛନ୍ତି ଅନୁଷ୍ଠାନର ଚଣ୍ଡି ପ୍ରସାଦ ପଟ୍ଟନାୟକ । ରେଡିଓ ଜୁହାର ର ଲୋକାର୍ପଣ ଉତ୍ସବରେ ଜିଲ୍ଲା ପରିଷଦର ସଭାପତି ସାଗରିକା ସାହୁ , ସଦର ବିଧାୟକ ମୋହନ ଚରଣ ମାଝୀ , କେନ୍ଦୁଝର ବାର ଆସୋସିଏସନ ସଭାପତି ଆଶିଷ ଚକ୍ରବର୍ତୀ କେନ୍ଦୁଝରଗଡ ପୌରପାଳିକାର ଅଧ୍ୟକ୍ଷ ନିକୁ ସାହୁ , ଅଲ ଇଣ୍ଡିଆ ରେଡିଓ ସମ୍ବଲପୁର ଓ କଟକ ଜୋନ ର ଉପ ନିର୍ଦ୍ଦେଶକ ଡ. ଏସ. ଏ ନ. ପଟ୍ଟନାୟକ , ଓଡିଶା ରାଜ୍ୟ ଗୋଷ୍ଠୀ ଭିତିକ ବେତାର କେନ୍ଦ୍ରର ସଭାପତି ଅବଦୁଲ ସଫିକ , ରେଡିଓ ନମସ୍କାର ଅଧ୍ୟକ୍ଷ ଏନ. ଏ. ଶାହ ଆନସାରୀ , ରେଡିଓ ଗୁଞ୍ଜନ ବରଗଡ ର ନିର୍ଦ୍ଦେଶକ ନିହାର ରଞ୍ଜନ ପଣ୍ଡା , ବରିଷ୍ଠ ଷ୍ଟୁଡିଓ ଓ ସାଉଣ୍ଡ ଡିଜାଇନର ପିଣ୍ଟୁ ମିଶ୍ର , ବିଶିଷ୍ଟ ସିନେମା ଓ ଟି.ଭି କଳାକାର ବୀରେନ ମିଶ୍ର ଓ ଶକ୍ତି ବରାଳ , ଶ୍ରୀ ସୁରେଶ କୁମାର , ଗୁଞ୍ଜ , ନୂଆଦିଲ୍ଲୀ , ବିଶିଷ୍ଟ ସାମ୍ବାଦିକ , ସମାଜସେବୀ , ପୁରୀ , ବିଜୟ ପଟ୍ଟନାୟକ , ବିଶିଷ୍ଟ ବରିଷ୍ଠ ସାମ୍ବାଦିକ ବିଭୁତି ପଟ୍ଟନାୟକ , ବିରିଷ୍ଠ ସାମ୍ବାଦିକ ବିନୟ ଭୁଷଣ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ରେଡିଓ ଜୁହାରର ଏ ହି ଲୋକାର୍ପଣ ଉତ୍ସବରେ ସମାଜର ବିଭିନ୍ନ କ୍ଷେତ୍ରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ୩୦ ଜଣ ଜଣ ଯୁବ ପ୍ରତିଭାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ଅବସରରେ ସମସ୍ତଙ୍କୁ ବୃକ୍ଷ ରୋପଣ ଉଦ୍ଦେଶ୍ୟରେ ଚାରା ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ ବୃକ୍ଷ ଦେବତାଙ୍କୁ ଜଳ ଅର୍ପଣ କରାଯାଇ ଲୋକାର୍ପଣ ଉତ୍ସବ ଆରମ୍ଭ ହୋଇଥିଲା ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ

ଜୟପୁର, ୨୩/୦୫ (ନି.ପ୍ର): ରାଜ୍ୟ ଆଇନ ସେବା ପ୍ରାଧିକରଣ ଆଦେଶକ୍ରମେ ଜିଲ୍ଲା ଦୌରାଜଜ ତଥା ଅଧ୍ୟକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ଶ୍ରୀଯୁକ୍ତ ସତ୍ୟ ନାରାୟଣ ମିଶ୍ରଙ୍କ ତତ୍ୱବଧାନରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଭିନ୍ନକ୍ଷମଙ୍କ ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଚଳିତ ମାସ ୨୨ ତାରିଖ ଠାରୁ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବାରୁ ଆଜି ଏକ ଆଇନ ସଚେତନତା ବାର୍ତା ପାଇଁ ରାଲି କରାଯାଇଥିଲ । ଏହି ରାଲିରେ ଜିଲ୍ଲା ଓ ଦୌରାଜଜ ତଥା ଅଧ୍ୟକ୍ଷ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ଶ୍ରୀଯୁକ୍ତ ସତ୍ୟ ନାରାୟଣ ମିଶ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ରାଲିରେ ଜିଲ୍ଲା ଓ ଦୌରାଜଜ ସତ୍ୟ ନାରାୟଣ ମିଶ୍ର, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁମନ ଜେନା, ଜିଲ୍ଲା ବାର ପ୍ରେସିଡେନ୍ଟ ଶ୍ରୀ ବିରେଶ କୁମାର ପଟ୍ଟନାୟକ ଓ ଅନ୍ୟାନ୍ୟ ବରିଷ୍ଠ ଓକିଲ ତତ୍ସହିତ ଡିଫେନ୍ସ କାଉନସେଲ କାର୍ଯ୍ୟାଳୟର କର୍ମକର୍ତା ଓ ପାରା ଲିଗାଲ ସ୍ୱେଚ୍ଛାସେବୀ ଆଦି ଏହି ଅଭିଯାନରେ ସାମିଲ ଥିଲେ । ସେହିପରି ଆଜି ୨୨-୦୫-୨୦୨୩ରିଖରେ ଜିଲ୍ଲା ଜଜ ତଥା ଅଧ୍ୟକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ଆଦେଶକ୍ରମେ ଆଜି ସଚିବ ସୁମନ ଜେନା କୋରାପୁଟର ଶିଶୁ ଯତ୍ନ ଅନୁଷ୍ଠାନ ପରିଭ୍ରମଣ କରିଥିଲେ । ଏହି ଅନୁଷ୍ଠାନରେ ଅନ୍ତେବାସୀଙ୍କ ସୁରକ୍ଷା ଓ ଯତ୍ନ ସମ୍ପର୍କରେ ତଦାରଖ କରିବ ସହିତ ଅନାଥ ଶିଶୁ ମାନଙ୍କର ପାନୀୟ, ସ୍ୱାସ୍ଥ୍ୟ, ପୃଷ୍ଟିକର ଖାଦ୍ୟ, ପରିବେଶ ସମ୍ପର୍କରେ କର୍ମକର୍ଥା ଠାରୁ ବିସ୍ତୃତ ରିପୋର୍ଟ ତଲବ କରିଥିଲେ । ଏହି ଅନୁଷ୍ଠାନରେ ରହୁଥିବା ୨ମାସରୁ ୨ ବର୍ଷ ପର୍ଯ୍ୟନ୍ତ ୧୩ ଜଣ ଶିଶୁ ମାନଙ୍କୁ କିପରି ଅଧିକ ଯତ୍ନ ସହକାରରେ ରହିବେ ସେଥିପାଇଁ ପ୍ରତିମାସରେ ଦୁଇଥର ଜିଲ୍ଲା ଚିକିତ୍ସା ଅଧିକାରୀଦ୍ୱାରା ଶିଶୁରୋଗ ବେଶେଷଜ୍ଞଙ୍କୁ ଡେପୁଟ କରିବା ବୋଲି ସୁପେରିୟରଙ୍କୁ ସଚିବ ଶ୍ରୀ ସୁମନ ଜେନା ପ୍ରତିଶ୍ରୁତି ଦେଇଛନ୍ତି ।

## ସର୍ଗିପାଲି ଗଣଦୁଷ୍କର୍ମ, ହତ୍ୟା ମାମଲା

# ସଠିକ୍ ତଦନ୍ତ ଓ ନ୍ୟାୟ ଦାବିରେ ଜୁନ ୨୨ରେ୧୨ ଘଂଟିଆ ବଲାଙ୍ଗିର ବନ୍ଦ ପାଳିତ

ବଲାଙ୍ଗିର, ୨୩/୦୫ (ନି.ପ୍ର): ରାଜ୍ୟରେ ଦଳିତ ମହିଳାମାନଙ୍କୁ ଗଣଦୁଷ୍କର୍ମ ପରେ ହତ୍ୟା କରାଯାଉଛି । ହେଲେ ପୀଡିତାଙ୍କ ପରିବାରଙ୍କୁ ନ୍ୟାୟ ମିଳିବା ତ ଦୂରର କଥା ନ୍ୟାୟ ପାଇଁ ଅନେକ ପୀଡିତାଙ୍କ ପରିବାର ବିଭିନ୍ନ ଜାଗାକୁ ଯାଇ ନୟନ୍ତ ହୋଇଗଲେଣି । ତେବେ ଏହାକୁ ନେଇ ଗତକାଲି ସ୍ଥାନୀୟ ମାରୱାଡି ସେବା ସଦନଠାରେ ପଶ୍ଚିମ ଓଡ଼ିଶା ମହିଳା ସଂଗଠନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ସଂଗଠନର ସଭାନେତ୍ରୀ ଶ୍ରୀମତୀ ସବିତା ନନ୍ଦ ଉପସ୍ଥିତ ରହି ମହିଳାଙ୍କ ହକ୍ ପାଇଁ ଓ ନ୍ୟାୟ ପାଇଁ ପଶ୍ଚିମ ଓଡିଶା ମହିଳା ସଂଗଠନ ସବୁ ସମୟରେ ଆଗେଇ ଆସି ଲଢେଇ କରୁଥିବା ବେଳେ ସମଗ୍ର ରାଜ୍ୟରେ ମହିଳାମାନଙ୍କୁ ବିଶେଷ ଭାବରେ ଦଳିତ ମହିଳାମାନଙ୍କୁ ଗଣଦୁର୍ଷ୍କମ ପରେ ହତ୍ୟା କରାଯାଉଛି । ଆଜି ପର୍ଯ୍ୟନ୍ତ ଜଣଙ୍କୁ ମଧ୍ୟ ନ୍ୟାୟ ମିଳିପାରିନାହିଁ । ପିପିଲି, ବରଗଡ, ଢେଙ୍କାନାଳ, କୋରାପୁଟରେ ଅନେକ ଦଳିତ ମହିଳାମାନଙ୍କୁ ଗଣଦୁଷ୍କର୍ମ ପରେ ହତ୍ୟା କରାଯାଇଛି । ତେବେ ଏଥିରୁ ବଲାଙ୍ଗିର ଜିଲ୍ଲା ମଧ୍ୟ ବାଦ ପଡିନାହିଁ । ଦିଲ୍ଲୀର ନିର୍ଭୟା ଘଟଣାରୁ ମଧ୍ୟ ଭୟଙ୍କର ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକର ସର୍ଗିପାଲିର ସ୍ନେହଲତା ଛତ୍ରିଆ ଘଟଣା । ଏହି ଘଟଣାକୁ ଆଜି ୮ ବର୍ଷ ପୂରିଲା । ହେଲେ ଏଯାଏଁ ନ୍ୟାୟ ମିଳି ପାରିନଥିବା କହି ଘଟଣାର ସିବିଆଇ ତଦନ୍ତ ଦାବୀ କରିଥିଲେ ଶ୍ରୀମତୀ ନନ୍ଦ । ଅନ୍ୟପଟେ ବଲାଙ୍ଗିର ମେଡିକାଲ କଲେଜର ଡାକ୍ତରୀ ଛାତ୍ରୀ ନିରୁପମା ନନ୍ଦ ମୃତ୍ୟୁ ଘଟଣା ଆଜି ପର୍ଯ୍ୟନ୍ତ ମଧ୍ୟ ରହସ୍ୟମୟ ହୋଇରହିଛି । ସେହିପରି ରାଜ୍ୟର ବହୁ ଚର୍ଚ୍ଚିତ ମମିତା ମେହେର ହତ୍ୟା ଘଟଣାର ସଠିକ୍ କାର୍ଯ୍ୟାନୁଷ୍ଠାନ ଓ ବଙ୍ଗୋମୁଣ୍ଡାର ପୂଜା ଜୈନ ହତ୍ୟା ଘଟଣାର ପର୍ଦ୍ଦାଫାସ୍ ହୋଇପାରି ନାହିଁ । ଯାହାକୁ ଗୁରୁତ୍ୱ ଦେଇ ଘଟଣାର ସଠିକ୍ ତଦନ୍ତ କରିବା ସହ ପୀଡିତାଙ୍କ ପରିବାରକୁ ନ୍ୟାୟ ମିଳିବା ଦାବୀରେ ପଶ୍ଚିମ ଓଡିଶା ମହିଳା ସଂଗଠନ ଆସନ୍ତା ଜୁନ୍ ୨୨ରେ ୧୨ ଘଂଟିଆ ବଲାଙ୍ଗିର ବନ୍ଦ ପାଇଁ ନିଷ୍ପତି ନେଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ସଂଗଠନର ସଭାନେତ୍ରୀ ଶ୍ରୀମତୀ ନନ୍ଦ ।

# ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ

ଖୋର୍ଦ୍ଧା, ୨୩/୦୫ (ନି.ପ୍ର): ବେଗୁନିଆ ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତୀ ଅଧ୍ୟକ୍ଷତା ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏଥିରେମୋଟ ୧୦୦ ଟି ଅଭିଯୋଗ ପତ୍ର ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୮୬ଟି ଅବିଯୋଗ ବ୍ୟକ୍ତିଗତ ଥିଲାବେଳେ ୧୦ଟି ବିଭିନ୍ନ ସାମୁହିକ ସମସ୍ୟା ଥିଲା । ସେହିପରି ୩ଟି ଅଭିଯୋଗର ସ୍ଥଳ ବିଶେଷରେ ସମାଧାନ କରାଯାଇଥିଲା ଏପରିକି ଜଣଙ୍କୁ ୫୦୦୦ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା । ଆଜିର ଏହି ମିଳିତ ଜନ ଶୁଣାଣି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେନ୍ଦ୍ର ନାଥ ମୁର୍ମୁ, ଉପ -ଜିଲ୍ଲାପାଳ, ଦୀପ୍ତି ରଞ୍ଜନ ସେଠି, ବି.ଡ଼ି.ଓ ଙ୍କ ସମେତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, ୨୩/୦୫ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଡୁଙ୍ଗୁରିପାଲି ପଂଚାୟତ ସମିତି କାର୍ଯ୍ୟାଳୟ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୁବର୍ଣ୍ଣପୁର ସୂର୍ଯ୍ୟନାରାୟଣ ଦାଶ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୩୪ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୧୮ ଗୋଟି, ସାମୁହିକ ଦରଖାସ୍ତ ୬ ଗୋଟି, ସିଏମଆରଏଫ ସହାୟତା ନିମନ୍ତେ ୩ ଗୋଟି ଦରଖାସ୍ତ ଗ୍ରହଣ କରାଯାଇ ଥିବାବେଳେ ଶିବିରରେ ୭ ଗୋଟି ଦରଖାସ୍ତର ତୁରନ୍ତ ସମାଧାନ କରାଯାଇଛି । ଗ୍ରହଣ କରାଯାଇଥିବା ସମସ୍ତ ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗ ଗୁଡିକୁ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତୁରନ୍ତ ସମାଧାନ ନିମନ୍ତେ ପ୍ରେରଣ କରାଯାଇଛି । ଡୁଙ୍ଗୁରିପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିପୁର ମହାନନ୍ଦିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ସୁବର୍ଣ୍ଣପୁର ନିହାର ରଞ୍ଜନ କହଁର, ଡୁଙ୍ଗୁରିପାଲି ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଅଧିକ୍ଷଣ ଯନ୍ତ୍ରୀ ଆରଡବ୍ଲୁଏସଏସ ଇଂ. ବିଭୁ ପ୍ରସାଦ ପଣ୍ଡା, ଅଧିକ୍ଷଣ ଯନ୍ତ୍ରୀ ପିଡବ୍ଲୁଡି ଇଂ. ଦାମୋଦର କୈବର୍ତ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଦୈତ୍ୟ ନାରାୟଣ ପାଢ଼ୀ, ଜିଲ୍ଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମଞ୍ଜୁବାଳା ଦାଶ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ଶ୍ରମ ଉପନିର୍ଦ୍ଦେଶକ ଡିଲେଶ୍ୱର ଖାକା, ଉପନିର୍ଦ୍ଦେଶକ କୃଷି ନାରାୟଣ ଚନ୍ଦ୍ର ସେଠୀ, ପ୍ରକଳ୍ପ ନିର୍ଦ୍ଦେଶକ ଜଳ ଅମଳ ପ୍ରକଳ୍ପ, ସିଡିଭିଓ ଅନନ୍ତ ପଣ୍ଡା, ଜିଲ୍ଲା ପଂଚାୟତ ଅଧିକାରୀ ଅର୍ଜୁନ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ କୁମାର ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ଉପଜିଲ୍ଲାପାଳ ସୋନପୁର କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ ଖଦାଳ ପାତ୍ର, ତହସିଲଦାର, ବ୍ଲକ ସ୍ତରୀୟ କର୍ମଚାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦାନ କରିଥିଲେ ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର

କନ୍ଧମାଳ, ୨୩/୦୫ (ନି.ପ୍ର): ସେମାନେ ଭିନ୍ନକ୍ଷମ । ହେଲେ ସେମାନେ ସବୁ କ୍ଷେତ୍ରରେ ଯେପରି ସକ୍ଷମ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ଆଉ ସରକାରଙ୍କ ଯୋଜନାର ସୁଫଳ ଯେପରି ସେମାନଙ୍କ ନିକଟରେ ପହଂଚିବ ସେନେଇ ଡିଏଲଏସ ପକ୍ଷରୁ ସପ୍ତାହ ବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ସୋମବାର ଫୁଲବାଣୀ ସ୍ଥିତ ଗାନ୍ଧୀ ସ୍ମୃତି ଭବନ ଠାରେ ଆୟୋଜିତ ସଚେତନତା ସଭାରେ ଫୁଲବାଣୀ ବିଡ଼ିଓ ପ୍ରବୀଣ କୁମାର ବାଣୁଆ, ଡିଏସଏସଓ ବଳରାମ ସେଠୀ, ମୁନିସିପାଲିଟି ସିଓ ସରିତା ରଥ, ସିଡିପିଓ ଫୁଲବାଣୀ ସୁବର୍ଣ୍ଣ ରାଣୀ ନାୟକ, ଭବାନୀ ଶଙ୍କର ରଥ, ଆଇନଜୀବୀ ନନ୍ଦିତା ପଣ୍ଡା, ଜୟନ୍ତୀ ପାଣିଗ୍ରାହୀ, ଉଷାରାଣି ପ୍ରଧାନ, ବିଏସଏସଓ କବିତା ବେହେରା, ସପ୍ଲାଇ ଇନ୍ସପେକ୍ଟର ରବିନ୍ଦ୍ରପଣ୍ଡା, ସହ ସମ୍ପାଦକ ବନବାସୀ ସେବା ସମିତି ସ୍ୱେଚ୍ଛସେବୀ ଅଶୋକ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ପକ୍ଷରୁ ଭିନ୍ନକ୍ଷମଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବହୁ ପଦସ୍ଥ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

# ନାବାଳିକା ଦୁଷ୍କର୍ମ ମାମଲାରେ ଜେଲ ଗଲା ବୃଦ୍ଧ

କେନ୍ଦ୍ରାପଡା , ୨୩/୦୫ (ନି.ପ୍ର): କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଠାକୁରପାଟଣା ଅଂଚଳର ଜଣେ ବୟସ୍କ ବ୍ୟକ୍ତିଙ୍କୁ ପୋଲିସ ନାବାଳିକା ଦୁଷ୍କର୍ମ ମାମଲାରେ ୩୯୨/୨୩ ରେ କୋର୍ଟ ଚାଲାଣ କରିଥିବା ଜଣାପଡିଛି । ଅଭିଯୋଗ ମୁତାବକ ଠାକୁରପାଟଣା ଅଂଚଳର ପ୍ରହଲ୍ଲାଦ ବେହେରା(୬୨) କିଛିଦିନ ହେବ ଜେ ନାବାଳିକା କୁ ପ୍ରଲୋଭନ ଦେଖାଇ ନିଜ ଗୁହାଳ ଘରକୁ ଡାକିନେଇ ଦୁଷ୍କର୍ମ ଉଦ୍ୟମ କରିବା ସହ ଘଟଣା ପ୍ରକାଶ କଲେ ଜୀବନରେ ମାରି ଦେବାକୁ ଧମକ ଚମକ ଦେଇଥିଲା । ଭୟଭୀତ ନାବାଳିକା ଜଣକ ଘରେ ଏକଥା ପ୍ରକାଶ କରିବା ପରେ ପରିବାର ପକ୍ଷରୁ ସଦର ଥାନାରେ ଅଭିଯୋଗ କରାଯାଇଛି । ଥାନା ଅଧିକାରୀ ସରୋଜ କୁମାର ସାହୁ ୩୯୨/୨୩ ରେ ମାମଲା ରୁଜୁ କରିବା ସହ ପୋକ୍ସୋ ଆକ୍ଟରେ ଆସାମୀ ପ୍ରହଲ୍ଲାଦକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

# ଦାୟିତ୍ୱ ଦିଆ ନିଆ ବେଳେ ଅଫିସିଆଲ କାଇଦାକୁ ଉଲ୍ଲଘଂନ କଲେ ବିଦାୟୀ ଏସପି

ରାଉରକେଲା, ୨୩/୦୫ (ନି.ପ୍ର): ରାଉରକେଲା ଏସପି ମୁକେଶ କୁମାର ଭାମୁ ଏଠାରୁ ସମ୍ବଲପୁରକୁ ବଦଳି ହୋଇଥିବା ବେଳେ, କେନ୍ଦୁଝର ଏସପି ରାଉରକେଲାକୁ ବଦଳି ହୋଇ ଆସିଲେ । ହେଲେ ଗତକାଲି ଏସପି ରାଉରକେଲା ଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯିବା ପରେ ଆଜି ଏଠାରେ ଦାୟିତ୍ୱ ଦିଆ ନିଆ ପର୍ବ ଆରମ୍ଭ ହୋଇଥିଲା ରାଉରକେଲା ଏସପି ଅଫିସରେ । ହେଲେ ଦାୟିତ୍ୱ ଦିଆ ନିଆ ବେଳେ ରାଉରକେଲାର ବିଦାୟୀ ଏସପି ଶ୍ରୀ ଭାମୁ ସିଭିଲ ପୋଷାକରେ ରହିଥିବା ଓ ନୂଆ ଏସପି ୟୁନିଫର୍ମରେ ରହିବା ଘଟଣା ବିଭିନ୍ନ ମହଲରେ ଆଲୋଚନାର ବିଷୟ ହେବା ସହ ଏହା ସଂପୂର୍ଣ ଅଫିସିଆଲ ଡେକୋରମର ଖୋଲା ଉଲ୍ଲଘଂନ । ସେ ପୁଣି ଜଣେ ବରିଷ୍ଠ ଆଇପିଏସଙ୍କ ସମ୍ମୁଖରେ ଯିଏ କି ରାଉରକେଲାର ନୁଆଏସପି ହୋଇ ଆସିଛନ୍ତି ତାଙ୍କ ସମ୍ମୁଖରେ ହେଲା । ସାଧାରଣ ଲୋକେ ଭୁଲ କଲେ ଯେଉଁ ପୁଲିସି ଦଣ୍ଡ ବିଧାନ ଲାଗି ତତ୍ପର ହେଉଛି ତେବେ ପୁଲିସି ଯଦି ଏଭଳି ଭୁଲ କଲେ ତାକୁ ଦେଖିବ କିଏ ବୋଲି ପ୍ରଶ୍ନ ହେଉଛି । ଏହି ପର୍ବ ପରେ ଏହା ଏବେ ସମଗ୍ର ଜିଲ୍ଲାରେ ଆଲୋଚନା ଆରମ୍ଭ ହେବା ସହ ଏ ଦିଗରେ ଡିଜି ପୁଲିସି କି ପ୍ରକାର ପଦକ୍ଷେପ ନେବେ ତାହା ଦେଖିବାକୁ ବାକି ରହିଲା । ଅନ୍ୟପକ୍ଷରେ ଶ୍ରୀ ଭାମୁ କୁଆଡେ କେନ୍ଦୁଝର ଏସପି ହୋଇ ଯିବାକୁ ଚାହୁଁ ଥିଲେ ଯାହା ସରକାର କଲେ ନାହିଁ ବୋଲି ଆଲୋଚନା ଚାଲିଛି । ସେତ ବଦଳି ହୋଇ ଚାଲି ଗଲେ ନୂତନ ଏସପି ମଧ୍ୟ ଡିଆଇଜି ପାହ୍ୟାକୁ ପଦୋନ୍ନତି ପାଇ ଯାଉଛନ୍ତି ସେ ମଧ୍ୟ ଖୁବ ଶିଘ୍ର ଏଠାରୁ ଯିବେ ଆଉ ଜଣେ ଏସପି ଙ୍କୁ ପୁଣି ରାଉରକେଲା ଦାୟିତ୍ୱ ନେବାକୁ ପଡିବ ବୋଲି କୁହାଯାଉଛି । ତେବେ ଶ୍ରୀ ଭାମୁ ସିନା ବଦଳି ହୋଇ ଚାଲି ଗଲେ ହେଲ ତାଙ୍କ ସମୟରେ ହୋଇଥିବା ହୋଟେଲ ଡିଲକ୍ସ ଗଳି ହତ୍ୟା କାଣ୍ଡ, ଓଭରବ୍ରିଜ ଉପରେ ହୋଇଥିବା ଗୁଳିକାଣ୍ଡର ହତ୍ୟା ମାମଲା ଓ ବ୍ରହ୍ମଣୀ ତରଙ୍ଗରେ ହୋଇଥିବା ଗୁଳିକାଣ୍ଡ ଓ ହତ୍ୟା ମାମଲାର ପର୍ଦ୍ଦାଫାସ କରିପାରିଲେନି । ୨ବର୍ଷ ବିତିଗଲା ହେଲେ କଥା ସେମିତି ରହିଗଲା । ରାଉରକେଲା ପୁଲିସି ଏହା ଭିତରେ ଅନେକ ଅସଜଡା ଓ ମନମାନି ଭିତରେ ଏକ ପ୍ରକାର ଦିଗହରା ହୋଇସାରିଛି । ଦେଖାଯାଉ ନୂତନ ଏସପି ଏହାକୁ ସଜାଡି ଜିଲ୍ଲାପୁଲିସି କୁ ପୁଣି ମୁଖ୍ୟ ସ୍ରୋତକୁ ଆଣି ସାଧାରଣ ଜନତାଙ୍କୁ ସେବା ଦେବାରେ ସହାୟକ ହେବେ ବୋଲି ଆଶା ପ୍ରକାଶ କରାଯାଉଛି ।

# ଗନ୍ଧମାର୍ଦ୍ଦନ ପାରମ୍ପରିକ ଔଷଧୀୟ ଉଦ୍ଭିଦକୁ ନେଇ ଆୟୁର୍ବେଦିକ ଚିକିତ୍ସା

ବଲାଙ୍ଗିର, ୨୩/୦୫ (ନି.ପ୍ର): ନିକଟରେ ଗନ୍ଧମାର୍ଦନ ଆୟୁର୍ବେଦିକ ପାରମ୍ପାରିକ ଔଷଧ ମହାସଂଘ ଖପ୍ରାଖୋଲ ବ୍ଲକର ତେଲେନପାଲି ପଂଚାୟତ ଉଚ୍ଚ ବିଦ୍ୟାଳୟରେ ଏକ ବ୍ଲକ ସ୍ତରୀୟ ବୈଠକ ଆୟୋଜନ କରି ପାଟନାଗଡ଼, ନୂଆପଡା ଏବଂ ସ୍ଥାନୀୟ ବୈଦ୍ୟର ପ୍ରାକୃତିକ ଆରୋଗ୍ୟକାରୀଙ୍କୁ ଏକତ୍ର କରିଥିଲେ । ଆୟୁର୍ବେଦିକ ଚିକିତ୍ସା ହ୍ରାସ ସତ୍ତ୍ୱେ, ଏହି ଉତ୍ସର୍ଗୀକୃତ ଆରୋଗ୍ୟକାରୀମାନେ ଗନ୍ଧମାର୍ଦନ ପାହାଡରୁ ଔଷଧ ଆଣି ନିରପେକ୍ଷ ସେବା ପ୍ରଦାନ କରନ୍ତି, ଯାହା ୨୦୨୩ ମାର୍ଚ୍ଚ ୨୦ ରେ ଓଡିଶା ସରକାରଙ୍କ ଦ୍ୱାରା ଜୈବ ବିବିଧତା ହେରିଟେଜ୍ ସାଇଟ୍ ଭାବରେ ସୂଚିତ କରାଯାଇଥିଲା । ପ୍ରକୃତିର ଅନୁଗ୍ରହ ସହିତ ପାହାଡ ପରିସର ଔଷଧୀୟ ଉଦ୍ଭିଦ ଏବଂ ଏକ ପ୍ରାଚୀନ ଦିନରୁ ଓଡିଶାରେ ଏକ ଆୟୁର୍ବେଦିକ ସ୍ୱର୍ଗ ଅଟେ । ଜଙ୍ଗଲ ସଂରକ୍ଷଣ ତଥା ଆୟୁର୍ବେଦର ଉପକାରିତା ଉପରେ ଗୁରୁତ୍ୱ ଦେଇ ହରିଶଙ୍କର ରେଞ୍ଜ ଅଧିକାରୀ ଗିରିଧାରୀ ନାଗ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବରେ ଗ୍ରହଣ କରିଥିଲେ । ସମ୍ମାନିତ ବ୍ୟକ୍ତିତ୍ୱ ଯେପରିକି କର୍ଣ୍ଣ ମାଝୀ, ଶାଲଭି ଭୋଇ, ବିପ୍ର ବିଶି ଏବଂ ଅନ୍ୟମାନେ ବିଭିନ୍ନ ଉଦ୍ଭିଦ ଉପାଦାନ ଗୁଡ଼ିକର ଉପକାର ଉପରେ ଆଲୋକପାତ କରି ଲୋକଙ୍କୁ ହର୍ବାଲ ଔଷଧ ଉପରେ ମାର୍ଗଦର୍ଶନ କରିଥିଲେ ।

# ରଣ୍ଡାପାଲ୍ଲିଠାରେ ପଂଚାୟତସ୍ତରିୟ ଅଭିଯୋଗ ଶୁଣାଣି ଶିବିର

ଜୟପୁର, ୨୩/୦୫ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ରଣ୍ଡାପାଲ୍ଲି ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ଏବିଡିଓ ମନୋଜ ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରି କେ.ଏସ. ନିସା, ପିଇଓ ଅନିଲ ସରନ, ଏଟିଓ ମାନସ ରଞ୍ଜନ କର, ସରପଂଚ, ସମିତି ସଭ୍ୟା, କନିଷ୍ଠ ଯନ୍ତ୍ରୀ, ପିଇଓ, ଜିଆରଏସ ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ ହର୍ଟିକଲଚର, କୃଷି ବିଭାଗ ଓ ଅନ୍ୟ ଲାଇନ ର ଅଧିକାରି ମାନେ ଉପସ୍ଥିତ ଥିଲେ । ଶିବିରରେ ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ଶୁଣାଣି ହୋଇଥିଲା ।

# ଏକକାଳୀନ ୩ ବିଷାକ୍ତ ସାପ ସହ ୨୫ରୁ ଉର୍ଦ୍ଧ୍ୱ ଅଣ୍ଡା ଉଦ୍ଧାର

କୋରେଇ, ୨୩/୦୫ (ନି.ପ୍ର): ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅର୍ନ୍ତଗତ ପଥରପଦା ପଂଚାୟତ ଅନ୍ତର୍ଗତ ମହମ୍ମଦ ଜମାଲପୁର (ଅଢେଇବାଟିଆ) ଗ୍ରାମରୁ ଗୋଟିଏ ସ୍ଥାନରୁ ୩ଟି ବିଷାକ୍ତ ସାପ ସହ ୨୫ରୁ ଉର୍ଦ୍ଧ୍ୱ ଅଣ୍ଡା ଉଦ୍ଧାର କରାଯାଇଛି । ପ୍ରକାଶ ଯେ, ଅଢେଇବାଟିଆ ଗ୍ରାମର ଗୋକୁଳାନନ୍ଦ ସାହୁ ଆଜି ତାଙ୍କ ବାଟି ପଛପଟେ ପାଚେରୀ ନିର୍ମାଣ କରିବାକୁ ଯାଉଥିବା ବେଳେ ସେଠାରେ ଗଚ୍ଛିତ ଇଟା ମଧ୍ୟରୁ ସାପ ଗର୍ଜ୍ଜନ ଶୁଣି ଶ୍ରମିକ ମାନେ ଭୟଭୀତ ହୋଇ ଗୋକୁଳାନନ୍ଦକୁ ଖବର ଦେଇଥିଲେ । ସେ ସେଠାରେ ପହଂଚି ଇଟା ମଧ୍ୟରେ ସାପ ଥବା ଜାଣି କାମ ବନ୍ଦ କରି ପାଣିକୋଇଲି ଥାନାକୁ ଖବର ଦେଇଥିଲେ । ଖବର ପାଇ କନେଷ୍ଟବଳ ମନମୋହନ ବାରିକ ଘଟଣାସ୍ଥଳରେ ପହଂଚିଥିଲେ । ସେଠାରେ ପହଂଚି ଦେଖିବା ବେଳକୁ ୨୫ରୁ ଉର୍ଦ୍ଧ୍ୱ ସାପ ଅଣ୍ଡା ଦେଖିବାକୁ ପାଇଥିଲେ । ଫଳରେ ସେ ଏକାଧିକ ସାପ ଥିବାର ଆଶଙ୍କା କରିଥିଲେ । ଅଣ୍ଡା ଗୁଡିକୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପରେ ସାପ ଧରିଥିଲେ । ସେଠାରୁ ଏକକାଳୀନ ୩ଟି ବଡ ୫ ଫୁଟରୁ ଉର୍ଦ୍ଧ୍ୱ ସାପ ଧରାଯାଇଥିଲା ।

# ଭାରତର କେତୋଟି ସୁନ୍ଦର ଗ୍ରାମ

ଭାରତର ପରିଚୟ ଗ୍ରାମକୁ ନେଇ ହୋଇଥାଏ । ଗାଁ ମାଟିର ସୁଗନ୍ଧ ସମସ୍ତଙ୍କୁ ନିଜ ଆଡ଼କୁ ଟାଣିନିଏ । ସବୁଜ କ୍ଷେତ, ପ୍ରକୃତିର ସୌନ୍ଦର୍ଯ୍ୟ ଓ ସରଳ ଜୀବନ ଗାଁର ପରିଚଜୟ ହୋଇଥାଏ । ଦେଖିବାକୁ ଗଲେ ସୌନ୍ଦର୍ଯ୍ୟ ଗାଁରେ ହିଁ ଦେଖିବାକୁ ମିଳିଥାଏ । ଦୁନିଆର ସବୁଠାରୁ ସୁନ୍ଦର ହିଲଷ୍ଟେସନ ଓ ପର୍ଯ୍ୟଟନ ସ୍ଥଳୀ ପ୍ରକୃତିରେ ହିଁ ଦେଖିବାକୁ ମିଳିଥାଏ । ଭାରତର କିଛି ଗାଁ ଏପରି ରହିଛି ଯାହା ଭ୍ରମଣ ଯୋଗ୍ୟ ଓ ଏହା ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ । ଆସନ୍ତୁ ଆପଣ ଆଜି ଏପରି ବିଷୟରେ ଜାଣିବେ, ଯାହା ଦ୍ୱାରା ଆପଣ ସହରକୁ ମଧ୍ୟ ଭୁଲିଯିବେ ।

### ବିସ୍ନୋଇ ଭିଲେଜ:



ଜୋଧପୁରରୁ ୪୦ ମିନିଟ୍ ଦୂରରେ ଥିବା ଏହି ଗ୍ରାମର ନାମ ହେଲା ବପିସ୍ନୋଇ ଭିଲେଜ । ଏହି ଗାଁକୁ ସୌନ୍ଦର୍ଯ୍ୟତାର ବରଦାନ ମିଳିଛି । ଯଦି ଆପଣ ଭ୍ରମଣର ସୌଖୀନ ତେବେ ଆପଣଙ୍କୁ ଏହି ଗାଁରେ ଥିବା ହରିଣ ଓ ଚିଙ୍କାରା ବୁଲୁଥିବାର ଦେଖିପାରିବେ । ସବୁଠାରୁ ମଜା କଥା ହେଲା ଏହି ଗାଁର ଲୋକମାନଙ୍କୁ ଏହି ପଶୁମାନଙ୍କ ପ୍ରତି ଯଥେଷ୍ଟ ସ୍ନେହ ରହିଛି । ଏହା ପୂରା ଭାରତରେ ଏକମାତ୍ର ଏପରି ଗ୍ରାମ ଯେଉଁଠାରେ ଲୋକମାନେ ଜଙ୍ଗଲୀ ପଶୁମାନଙ୍କୁ ନିଜ ପିଲାପରି ସ୍ନେହ କରନ୍ତି । ଏଠାରେ ଥିବା ଗୁଡ଼ା ହ୍ରଦ ଲୋକମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି ।







### ମାଓ୍ୱଲ୍ୟାନ୍ନୌଙ୍ଗ ଗ୍ରାମ:

ମେଘାଳୟର ରାଜଧାନୀ ଶିଲଙ୍ଗରେ ଏସିଆର ସବୁଠାରୁ ପରିଷ୍କାର ଗ୍ରାମ ଭାବରେ ଏହା ପରିଚିତ । ଗ୍ରାମର ପରିଚ୍ଛନ୍ନତା ଆପଣଙ୍କୁ ଆକୃଷ୍ଟ କରିବ । ଗ୍ରାମ ଭିତରେ ପଲିଥିନର ବ୍ୟବହାର ଓ ଧୂମପାନ କରିବା ନିଷେଧ । ସ୍ଥାନୀୟ ଲୋକମାନେ ନିଜ ଭିତରେ ମିଳିମିଶି ଚଳିଥାନ୍ତି । ସମସ୍ତଙ୍କ ସହମତିରେ ଗ୍ରାମରେ କୌଣସି ନୂତନ କାମର ଆରମ୍ଭ ହୋଇଥାଏ । ଗାଁର ଅଳ୍ପ ଅଳ୍ପ ଦୂରରେ ଡଷ୍ଟବିନ ରଖାଯାଇଛି । ଗଛରୁ ପଡୁଥିବା ପତ୍ରକୁ ମଧ୍ୟ ଡଷ୍ଟବିନରେ ପକାଯାଏ ।



### ଗୁନେହ ଗ୍ରାମ:



ହିମାଳୟର ସୌନ୍ଦର୍ଯ୍ୟକୁ ଯଦି ଉପଭୋଗ କରିବାକୁ ଚାହୁଁଛନ୍ତି, ତେବେ ଏହି ଗ୍ରାମ ଠାରୁ ଆଉ କୌଣସି ସୁନ୍ଦର ସ୍ଥାନ ନାହିଁ । ହିମାଳୟର ପାହାଡ଼ରେ ସ୍ଥିତ ଏହି ଗ୍ରାମରେ ଦୁନିଆଯାକର ସୌନ୍ଦର୍ଯ୍ୟ ଦେଖିବାକୁ ମିଳିଯିବ । ପ୍ରକୃତି ପ୍ରେମୀମାନଙ୍କ ପାଇଁ ଏହି ଗ୍ରାମ ରୋମାଞ୍ଚଭରା ହେବ ।

### କଳ୍ପ ଗ୍ରାମ:



ଉତ୍ତରାଖଣ୍ଡର ସୁନ୍ଦର ପାହାଡ଼ ଉପରେ ଅବସ୍ଥିତ ଏହି ଛୋଟ ଗ୍ରାମର ନାମ ହେଲା କଳ୍ପ । ଏହା ସୁନ୍ଦରତା ପାଇଁ ଏହା ଆକର୍ଷଣର କେନ୍ଦ୍ର ହୋଇଛି । ଲୋକମାନେ ଏହି ଗ୍ରାମର ସୌନ୍ଦର୍ଯ୍ୟତା ପାଇଁ ପାଗଳ ହୋଇଯାନ୍ତି । ପ୍ରତ୍ୟେକ ବର୍ଷ ଲୋକମାନେ ଶୀତଦିନରେ ବୁଲିବାକୁ ଏଠାକୁ ଆସନ୍ତି । ଏହି ଗ୍ରାମର ଲୋକମାନେ ପର୍ଯ୍ୟଟକମାନଙ୍କୁ ଅତିଥି ପରି ଚର୍ଚ୍ଚା କରିଥାନ୍ତି । ସମୁଦ୍ର ପତ୍ତନରୁ ୭୫୦୦ କି.ମିର ଉଚ୍ଚତାରେ ଥିବା କଳ୍ପ ଗ୍ରାମ ଲୋକମାନଙ୍କର ପ୍ରିୟ ପର୍ଯ୍ୟଟନସ୍ଥଳୀ ହେବାକୁ ଯାଉଛି ।

### ଶ୍ୟାମ ଗ୍ରାମ:



ଆସାମର ଜୋରହାଟ ସ୍ଥିତ ଶ୍ୟାମ ଗ୍ରାମ ଭାଗବାନ ବୁଦ୍ଧଙ୍କ ପାଇଁ ପ୍ରସିଦ୍ଧ । ଏହି ଗ୍ରାମ ପର୍ଯ୍ୟଟକମାନଙ୍କ ପାଇ ବିଶେଷ ଆକର୍ଷଣୀୟ ସ୍ଥାନ ହୋଇଛି । ଲୋକମାନଙ୍କୁ ଏଠାକୁ ଆସିବା ପରେ ମନରେ ଶାନ୍ତି ମିଳିଥାଏ । ସହରର କୋଳାହଳମୟ ଜୀବନଠାରୁ ଦୂରେଇ ରହିବା ପାଇଁ ଲୋକମାନେ ଏଠାକୁ ଆସିଥାନ୍ତି । ଏଠାରେ ଅନେକ ପ୍ରାଚୀନ ବୌଦ୍ଧ ମନ୍ଦିର ରହିଛି ଓ ଆଧାତ୍ମିକବାଦୀ ଲୋକମାନଙ୍କୁ ଏଠାରେ ଶାନ୍ତି ଲାଗିବ ।

## ସ୍ମାର୍ଟ ୱାଲେଟ୍



ବେଙ୍ଗାଲୁରୁର ଏକ ଟେକ୍ନୋଲୋଜି କମ୍ପାନି ଦ୍ୱାରା ପ୍ରଥମଥର ପାଇଁ 'ସ୍ମାର୍ଟ ୱାଲେଟ୍' ବିକଶିତ ହୋଇଛି । ଏହାର ବିଶେଷତ୍ୱ ହେଉଛି, ଏଥିରେ ବ୍ଲୁ-ଟୁଥ୍ ବ୍ୟବସ୍ଥା ରହିଛି ଏବଂ ଯେକୌସି ସ୍ମାର୍ଟ ଫୋନ ଦ୍ୱାରା ଏହାକୁ ପରିଚାଳିତ କରିହେବ । ଏହି ୱାଲେଟ୍ ଭୟାଗର ଭାବେ ନାମିତ । ଦେଖିବାକୁ ପାସପୋର୍ଟ ଭଳି । ୱାଲେଟ୍ ହଜିଗଲେ କିମ୍ବା ଭୁଲକ୍ରମେ କୌଣସି ସ୍ଥାନରେ ରହିଯାଇଥିଲେ ତାହାକୁ ନିଜ ସ୍ମାର୍ଟ ଫୋନ ଦ୍ୱାରା ଠାବ କରିହେବ । କମ୍ପାନି ପକ୍ଷରୁ କଳା, ନୀଳ ଓ ଧୂସର ବର୍ଣ୍ଣର ସ୍ମାର୍ଟ ୱାଲେଟ୍ ବଜାରରେ ଉପଲବ୍ଧ କରାଯିବ । ଦାମ ରହିବ ତିନି ହଜାର ପାଞ୍ଚ ଶହ ଟଙ୍କା ମଧ୍ୟରେ ।

## ଅଭିନବ ଶବ୍ଦ ପ୍ରତିରୋଧକ ଯନ୍ତ୍ର




ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନ କୋଳାହଳମୁକ୍ତ ହେବା ସଂଭବ ନୁହେଁ । ଉଦାହରଣ ସ୍ୱରୂପ ପାନଶାଳା ବା ଭୋଜନାଳୟ। ଏସବୁ ସ୍ଥାନ ସ୍ୱାଭାବିକ ଭାବେ କୋଳାହଳପୂର୍ଣ୍ଣ । ତେବେ, ଏଣିକି ଜଣେ ଚାହିଁଲେ ଏ ଭଳି ସ୍ଥାନରେ ମଧ୍ୟ କେବଳ ନିଜ ପାଇଁ ନିରବ ବାତାବରଣ ସୃଷ୍ଟି କରିପାରିବ । ଏହା ସଂଭବ ହେବ ଏକ ଛୋଟିଆ ଯନ୍ତ୍ର ମାଧ୍ୟମରେ । ବ୍ୟାଟେରି ଚାଳିତ ଯନ୍ତ୍ରଟିର ସୁଇଚ ଟିପିଦେଲେ, ଆଖପାଖର ଶବ୍ଦ ଆଉ କାନରେ ପଡ଼ିବନାହିଁ । ଏହା ଏକ ପ୍ରକାରର ଧ୍ୱନି ପ୍ରତିରୋଧକ ଯନ୍ତ୍ର । 'ମୁଜୋ' ଭାବେ ନାମିତ ଏହି ଯନ୍ତ୍ରର ମୂଲ୍ୟ ଭାରତୀୟ ମୁଦ୍ରାରେ ପ୍ରାୟ ପନ୍ଦରହଜାର ଟଙ୍କା ।

## ହ୍ୱିସ୍କିର ସ୍ୱାଦ ବାରିବା ପାଇଁ କୃତ୍ରିମ ଜିଭ



ଗ୍ଲାସଗୋ ସ୍କୁଲ ଅଫ୍ ଇଂଜିନିଅରିଂର ଦଳେ କାରୀଗରି ବିଶେଷଜ୍ଞ ଏମିତି ଯନ୍ତ୍ରଟିଏ ବିକଶିତ କରିଛନ୍ତି, ଯାହା ଦ୍ୱାରା ଉଭୟ ନୂଆ କିମ୍ବା ପୁରୁଣା ହ୍ୱିସ୍କିର ସ୍ୱାଦ ବାରିବା ସହଜ । ହ୍ୱିସ୍କିର ଆଲକୋହଲ ମାତ୍ରା ଏବଂ ଅନ୍ୟାନ୍ୟ ରାସାୟନିକର ପରିମାଣ ବାବଦରେ ମଧ୍ୟ ଏହି ଯନ୍ତ୍ରରୁ ସୂଚନା ମିଳିପାରିବ । ଯନ୍ତ୍ରଟି ସୁନା ଓ ଆଲୁମିନିଅମରେ ତିଆରି ଏବଂ ଗୁଡ଼ିଏ ଶକ୍ତିଶାଳୀ ସେନସର ଖଞ୍ଜାଯାଇଛି । ଏହା ମଣିଷର ଜିଭ ଭଳି କାମ କରିବ । ଯୌନ୍ତ୍ରଟିର ନିର୍ମାାତା-ବିଶେଷଜ୍ଞମାନେ । ଏହାକୁ କୃତ୍ରିମ ଜିଭ ଭାବେ ନାମିତ କରିଛନ୍ତି । ହ୍ୱିସ୍କିର ସ୍ୱାଦ ବାବଦରେ ଯନ୍ତ୍ରଟି ଅନେଶତ ପ୍ରତିଶତ ସଠିକ ସୂଚନା ଦେବାକୁ ସମର୍ଥ । ଏହା ବ୍ୟତୀତ, ଖାଦ୍ୟର ଗୁରମାନ ଯାଞ୍ଚ କରିବାରେ ମଧ୍ୟ ଏହି ଯନ୍ତ୍ରଟି ସହାୟକ ହୋଇପାରିବ ।



## ଜାପାନ ବିଦ୍ୟାଳୟର ପଢ଼ା ଶୈଳୀ

୨୦୧୨ରେ ହୋଇଥିବା ଏକ ସର୍ବେକ୍ଷଣ ଅନୁସାରେ, ବିଶ୍ୱର ଅନ୍ୟ ପ୍ରାନ୍ତ ତୁଳନାରେ ପର୍ଯ୍ୟଟକମାନେ ଜାପାନ ଭ୍ରମଣରେ ହିଁ ସବୁଠୁ ଅଧିକ ସକାରାତ୍ମକ ମତାମତ ଦେଇଛନ୍ତି । ସେଠା ଲୋକଙ୍କ ମାର୍ଜିତ ବ୍ୟବହାର, ପର୍ଯ୍ୟଟକଙ୍କୁ ସ୍ୱାଗତ କରିବାର ଶୈଳୀକୁ ଖୁବ୍ ପସନ୍ଦ କରାଯାଇଛି । ତେବେ ଜାପାନ ସରକାର ନିଜ ନାଗରିକଙ୍କୁ ଉତ୍ତମ ତଥା ପରିମାର୍ଜିତ କରିବାରେ ବେଶ୍ ସତର୍କ । ସେଥିପାଇଁ ସେଠାରେ ବିଦ୍ୟାଳୟରେ ପଢ଼ିବା ସମୟରୁ ହିଁ ପିଲାଙ୍କୁ ବାବଦରେ ଅବଗତ କରାଯାଇଥାଏ । ସେଠାର ପ୍ରତ୍ୟେକ ପ୍ରାନ୍ତର ଛୋଟ ଠାରୁ ବଡ଼ ବିଦ୍ୟାଳୟଗୁଡ଼ିକରେ ପିଲା ୪ର୍ଥ ଶ୍ରେଣୀରେ ପଢ଼ିବା ପରେ ହିଁ ସେମାନଙ୍କ ଶ୍ରେଣୀରେ ପରୀକ୍ଷା କରାଯାଏ । ମେଣ୍ଟସୋରୀରୁ ତୃତୀୟ ଶ୍ରେଣୀପର୍ଯ୍ୟନ୍ତ ପିଲାଙ୍କୁ ପାଠପଢ଼ାର କୌଣସି ଚାପ ଦିଆଯାଉନଥିବାବେଳେ ସେମାନଙ୍କୁ କଥା କହିବାର ଶୈଳୀ, ଗୁରୁଜନଙ୍କୁ ସମ୍ମାନ ପ୍ରଦର୍ଶନ ଇତ୍ୟାଦିର ଶିକ୍ଷା ଦିଆଯାଏ । ବୌଦ୍ଧଧର୍ମାବଲମ୍ବୀ ଏଇ ରାଷ୍ଟ୍ରରେ ପାଖାପାଖି ୩୦ ବର୍ଷ ତଳେ ସରକାର ଏଇ ନିୟମ ପ୍ରଣୟନ କରିଥିଲେ, ଯାହା ବର୍ତ୍ତମାନ ପର୍ଯ୍ୟନ୍ତ ସୁରୁଖୁରୁରେ ଚାଲୁଛି । ଜାପାନରେ ଯୁବପିଢ଼ି ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ଲୋକଙ୍କ ଉତ୍ତମ ବ୍ୟବହାର ଏଇ କାରଣରୁ ଅନୁମାନ କରିହୁଏ ।

## ମିନିମାଲ ଜ୍ୱେଲେରି







ମିନିମଲ ଜ୍ୱେଲେରି କୁହାଯାଉଥିବା ହାଲୁକା ଅଳଙ୍କାର ପିନ୍ଧିବା ପାଇଁ ଯେତିକି ଆରାମଦାୟକ ସେତିକି ସୁବିଧା ଜନକ । ଏହାର ବିଶେଷତ୍ୱ ହେଲା ଏହାକୁ ସବୁପ୍ରକାର ପରିଧାନ ସହି ତ ଆପଣ ପିନ୍ଧିପାରିବେ ଏବଂ ଏହା ସମସ୍ତଙ୍କୁ ମାନେ ଏବଂ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ପ୍ରଦାନ କରେ ।

ଆଙ୍କଲେଟ- ହାଲୁକା ଓ ପତଳା ଆଙ୍କଲେଟକୁ ଆପଣ ଜିନ୍ସ, ଶାଢ଼ି ଓ ସ୍କାର୍ଟ ସହିତ ପିନ୍ଧିପାରିବେ । ଆଜିକାଲି ବଜାରରେ ଏହି ଷ୍ଟେମେଣ୍ଟ ପାୟଲ ବା ପାଉଁଜି ମିଳୁଛି । ତାକୁ ପିନ୍ଧି ପାରିବେ ।

ଡେଲିକେଟ ନେକଲେସ- ଆଜିକାଲି ଭାରୀ ଓ ଓଜନଦାର ନେକଲେସ ଅପେକ୍ଷା ସୂକ୍ଷ୍ମ କାରିଗରୀ ସହ ପତଳା ଓ ହାଲୁକା ନେକଲେସ୍ ଅଧିକ ପସନ୍ଦ କରାଯାଉଛି । ଆଧୁନିକ ପରିଧାନ ଯଥା-ଟପ୍ ଓ ସାର୍ଟ ଓ ପାରିମ୍ପାରିକ ପରିଧାନ ସାଢ଼ି , କୁର୍ତ୍ତି ପ୍ରଭୃତି ସହ ଏହାକୁ ପିନ୍ଧି ପାରିବେ । ଏବେ ଲେୟର୍ଡ ନେକ୍ଲେସର ଫେସନ ଚାଲିଛି । ବିଶେଷକରି ଗ୍ରୀଷ୍ମ ଓ ବର୍ଷାଋତୁ ପାଇ ଏହା ଅତ୍ୟନ୍ତ ଉପଯୋଗୀ ।

ଷ୍ଟାଇଲିସ ଇୟର କଫସ- କାନକୁ ସମ୍ପୂର୍ଣ୍ଣ ଢ଼ାଙ୍କିବା ପାଇଁ ଓଜନିଆ ଇୟର୍ସ କଫ୍ ପରିବର୍ତ୍ତେ ଛୋଟ କଫ୍ ପରିବର୍ତ୍ତେ ଛୋଟ କଫ୍ସ ପିନ୍ଧି ଦେଖନ୍ତୁ । ସମସ୍ତେ ପସନ୍ଦ କରିବେ ଏବଂ ଆପଣଙ୍କୁ ପ୍ରଶଂସା କରିବେ । ଏଥିରେ ରିଙ୍ଗ, ୟୁରୋପିଆନ ଓ ଷ୍ଟାଇଲ କଫ୍ସର ଚାହିଦସା ବେଶୀ ।

## ଝରକାରେ ପାଇବେ ବାଲକୋନି



ସହରରେ ଲୋକେ ଗୋଟିଏ ଗୋଟିଏ ଘରେ ରହିବା ଅପେକ୍ଷା ଆପାର୍ଟମେଣ୍ଟରେ ରହିବାକୁ ଅଧିକ ପସନ୍ଦ କରୁଛନ୍ତି । ତେବେ ଆପର୍ଟମେଣ୍ଟଗୁଡ଼ିକରେ ବାଲକୋନି ପାଇଁ ଏତେ ସ୍ଥାନ ନଥାଏ । ତେଣୁ ବାହାରର ପ୍ରାକୃତିକ ଦୃଜଶ୍ୟ ତଥା ଥଣ୍ଡା ପବନ ଉପଭୋଗ କରିବା ପ୍ରାୟତଃ ସମ୍ଭବ ହୁଏନି । ଏହାର ଏକ ସହଜ ଉପାୟ ହେଉଛି ଘର ଭିତରେ ୱିଣ୍ଡୋ ସିଟିଂ ବ୍ୟବସ୍ଥା କରିବା । ଏଥିରେ ଝରକା ପାଖରେ ତାଜା ପରି ସ୍ଥାନ ବାହାର କରାଯାଏ ଯାହା ବସିବା ଉପଯୋଗୀ ହୋଇପାରେ । ଏହାକୁ ବିଶେଷ ଭାବେ ଆକର୍ଷଣୀୟ କରିବାକୁ ହୋଇଥାଏ ଯେପରିକି ଘରକୁ ଆସୁଥିବା ଅତିଥିମାନଙ୍କୁ ଏହି ସ୍ଥାନ ମୁଗ୍ଧ କରିପାରିବ । ଏଥିପାଇଁ କେତେକ କଥା ପ୍ରତି ଦୃଷ୍ଟି ଦେବା ଜରୁରୀ-

- ୱିଣ୍ଡୋ ସିଟ୍ ବା ଝରକା ପାଖରେ ରଖାଯାଇଥିବା ପ୍ରଶସ୍ତ ସ୍ଥାନକୁ ରଙ୍ଗିନ କୁଶନ୍ ଏବଂ ଫୁଲଦାନିରେ ସଜାଇ ପାରିବେ । ଏଠାରେ ବସି ଆରାମରେ ବାହାର ଦୃଶ୍ୟ ଦେଖିହେବ ।
- ଘର ବାହାରେ ଯଦି ପ୍ରକୃତିର ସବୁଜିମା ରହିଥାଏ, ଏଠାରେ ଆରାମରେ ବସିବା ଲାଗି ଇଂରାଜୀ ଅକ୍ଷର ଏଲ ଆକୃତିର ୱିଣ୍ଡୋ ସିଟିଂ ଖୁବ୍ ଭଲ ହେବ ।
- ଥ୍ରୋ ବ୍ଲାଙ୍କେଟ୍ ଏବଂ କୁଶନ ସହ ଏଠାରେ ବସିବାର ସ୍ଥାନ ଆକର୍ଷଣୀୟ କରିପାରିବେ ।
- ଝରକା ତଳକୁ ଡ୍ରୟାର ଲଗାଇ ଏହା ଉପରେ ସିଟ୍ ଏବଂ କୁଶନ ରଖିବା ସହଜ ହେବ । ୱିଣ୍ଡୋ ସିଟିଂ ସହିତ ବେଡ୍ ମିଶାଇ ପକାଇପାରିବେ । ପ୍ରାକୃତିକ ପବନକୁ ଉପଭୋଗ କରି ଏଠାରେ ଶୋଇବା ବେଶ୍ ମଜାଦାର ।
- ପିଲାମାନଙ୍କ ରୁମରେ ଝରକା ପାଖକୁ ଡ୍ରୟାର ସେଟିଂ କରି ଥିରେ ତାଙ୍କ ଖେଳଣା ବହି ଏବଂ ଅନ୍ୟାନ୍ୟ ସମାଗ୍ରୀ ରଖିପାରିବେ ।
- ଝରକାକୁ ଲଗାଇ ସୋଫା ପକାଇହେବ । ଏଠାରେ ଡାଇନିଂ ଟେବୁଲ ରଖିଲେ ବି ପ୍ରାକୃତିକ ପରିବେଶରେ ଖାଇବାର ଅନୁଭବ ପାଇପାରିବେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଦ୍ୱିତୀୟ ନୋଟ୍‌ବନ୍ଦୀ...

ଅଧିକାଂଶ ଭାରତୀୟ ୨୦୦୦ ଟଙ୍କିଆ ନୋଟ୍ ସହିତ ପ୍ରଥମ ସାକ୍ଷାତକୁ ଏବେ ବି ଭଲ ଭାବରେ ମନେ ପକାଇ ପାରିବେ, ସେଇ ଖଡ଼୍‌ଖଡ଼ିଆ ଗୋଲାପି ରଙ୍ଗର ପତଳା କାଗଜ, ଯାହାକୁ ହାତରେ ଛୁଇଁଲେ ମନରେ ଖେଳି ଯାଉଥଲା ଏକ ଅପୂର୍ବ ଶିହରଣ; ସେଇ ଭାରତୀୟ ଟଙ୍କା ଖାଦ୍ୟ ଶୃଙ୍ଖଳର ସର୍ବାଧିକ ମୂଲ୍ୟବିଶିଷ୍ଟ ସିଂହ ସମ ରାଜା, ଯାହାର ସ୍ପର୍ଶ ହୃଦୟରେ ଖେଳାଇ ଦେଉଥିଲା ରାଜକୀୟ ଭାବଟିଏ। ଅଧିକାଂଶ ଭାରତୀୟ ମଧ୍ୟ ସମ୍ଭବତଃ ସେମାନଙ୍କ ଭାବପ୍ରବଣତାକୁ ବଖାଣି ବସିବେ ଯାହା ସେମାନେ ଅନୁଭବ କରିଥିଲେ ଏହା ସହିତ ପ୍ରଥମ ଥର ଦେଖା ହେଲାବେଳେ ଅର୍ଥାତ୍ ଏଇ ଗୋଲାପି କାଗଜକୁ ହାତରେ ଧରିବା ବେଳେ ବା ଏହାକୁ ଭାଙ୍ଗି ମନିପର୍ସ/ ୱାଲେଟ୍‌ରେ ସାଇତି ପକେଟ୍‌ରେ ରଖିବା ବେଳେ- ସେଇ ଆନନ୍ଦ, ସେଇ ଆଶ୍ୱାସନା, ସେଇ ଖୁସିର ଲହରୀ ବା ନିରାଶାର ଢେଉକୁ । କିନ୍ତୁ ଠିକ୍ ଯେମିତି ଜଣେ ସିନେ ଜଗତ କି ଖେଳ ମଇଦାନରେ ପଦାର୍ପଣ କରିବା ଅବସରରେ ଅତି ଭଲ ପ୍ରଦର୍ଶନ କରି ପ୍ରତିଶ୍ରୁତିପୂର୍ଣ୍ଣ ସମ୍ଭାବନାଟିଏ ପ୍ରଦାନ କରିବାର ଅଳ୍ପ କିଛିଦିନ ପରେ ସେଇ ଜଗତରୁ ଉଭାନ୍ ହୋଇଯାଏ, ଠିକ୍ ସେମିତି ବେଶ୍ କିଛି ଦିନ ହେବ ୨୦୦୦ ଟଙ୍କିଆ ନୋଟ୍ ଆମମାନଙ୍କ ଜୀବନରୁ ଉଭେଇ ଯାଇଥିଲା, ଆଉ ଏବେ ସମ୍ପୂର୍ଣ୍ଣ ଅତୀତର ଗର୍ଭକୁ ଚାଲିଯିବାର ସମୟ ଉପନୀତ ହୋଇଛି । ଜନ୍ମଲାଭ କରିବା ଦିନରୁ ଏଇ ନୋଟ୍‌କୁ ନେଇ ଯେତେସବୁ କାହାଣୀ ଶୁଣିବାକୁ ମିଳିଛି, ସେଥିରେ ସତ୍ୟତା ଅପେକ୍ଷା ଅଧିକ ଥିଲା କାଳ୍ପନିକତା । ଅଧିକାଂଶ ଭାରତୀୟ ଏହି ନୋଟ୍‌ର ତଥାକଥିତ ଶକ୍ତିକୁ ନେଇ ଟେଲିଭିଜନର ଆଙ୍କରମାନଙ୍କ ଦ୍ୱାରା ପ୍ରସାର କରାଯାଇଥିବା ବଡ଼ ବଡ଼ କଥାଗୁଡ଼ିକୁ ଏବେ ମନେ ପକାଇ ମଜା କରିଥାନ୍ତି । ତେବେ ଯାହା ସତ୍ୟ ଏବଂ ତଥ୍ୟ ଥିଲା, ତାହା ହେଉଛି, ଭାରତୀୟ ଟଙ୍କା ଜଗତରେ ଏହି ନୋଟ୍ ଥିଲା ଶକ୍ତିର ସର୍ବୋଚ୍ଚ ପ୍ରତୀକ ଏବଂ ଭବିଷ୍ୟବାଣୀ କରାଯିବା ଭଳି ତଥା ଯଥା ଶୀଘ୍ର ଏହା ବିଡ଼ାରେ ପରିଣତ ହୋଇ ସାଇତା ହୋଇ ଯାଇଥିଲା- ତାହା ହୁଏତ ରାଜନୀତିକ ଦଳମାନଙ୍କ ଦ୍ୱାରା କିମ୍ବା ବ୍ୟକ୍ତିଗତ ଭାବରେ ରାଜନେତାଙ୍କ ଦ୍ୱାରା ଏହାକୁ ଚାନ୍ଦା ବା କମିଶନ ଭାବରେ ଗ୍ରହଣ କରି ଏବଂ ସଞ୍ଚୟ କରାଯାଇଥିଲା ନିର୍ବାଚନ ବେଳ ପାଇଁ; କିମ୍ବା ଅମଲାତନ୍ତ୍ରୀ ବା ସରକାରୀ କର୍ମଚାରୀମାନଙ୍କ ଦ୍ୱାରା ଲାଞ୍ଚ ଭାବରେ, ଆଉ ଏମିତିକି ବଡ଼ ବଡ଼ ବ୍ୟବସାୟୀ ଓ ମଧ୍ୟସ୍ଥିମାନଙ୍କ ଦ୍ୱାରା ଯେଉଁମାନେ ସେମାନଙ୍କ କାମ ନଗଦ ଅର୍ଥ ମାଧ୍ୟମରେ କରୁଥିଲେ । ବେଳେବେଳେ ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ମଧ ସେମାନଙ୍କ ଆକାଉଣ୍ଟରୁ ଏଟିଏମ୍ ଜରିଆରେ ଏଥିରୁ କିଛି କିଛି ବାହାର କରୁଥିଲେ କିମ୍ବା ଘରଟିଏ କିଣିବା ପାଇଁ ରିୟଲ ଇଷ୍ଟେଟ୍ କାରବାର ସମୟରେ ବିଲ୍ଡରଙ୍କୁ ଦେବା ପାଇଁ ବ୍ୟବହାର କରୁଥିଲେ, ଅନ୍ୟଥା ଏଇ ବଡ଼ ନୋଟ୍‌ର ସେମାନଙ୍କ ଜୀବନରେ କ୍ୱଚିତ୍ ସେପରି କିଛି ବଡ଼ ଭୂମିକା ରହୁଥିଲା। ଏଇ ନୋଟ୍‌ର ଜନ୍ମ ସମୟ ଥିଲା ଅତି ଆନନ୍ଦରେ ବିଭୋର ହେବାର ଦିନଗୁଡ଼ିକର ସମୟ। ସେ ସମୟରେ ସାଧାରଣ ଭାରତୀୟମାନଙ୍କ ମନରେ ବଡ଼ ସ୍ୱପ୍ନଟିଏ ଥିଲା ଯେ କଳାଟଙ୍କା ଓ ଦୁର୍ନୀତିର ଲୋପ ଘଟିବ । ସମସ୍ତେ ଆଶା କରୁଥିଲେ, ଏସବୁର ସେଇ ଲୋକମାନଙ୍କ ଦ୍ୱାରା ପରିସମାପ୍ତି ଘଟିବ, ଯେଉଁ ଲୋକମାନେ ତଥା କ୍ଷମତାର ପାରିବେଶିକ ବ୍ୟବସ୍ଥା ଏସବୁକୁ ପ୍ରଥମେ ଜନ୍ମ ଦେଇଥିଲେ ଏବଂ ପରେ ସେମାନଙ୍କର କ୍ଷମତାକୁ ବଜାୟ ରଖିବା ପାଇଁ ଏହାକୁ ନିରବଚ୍ଛିନ୍ନ ଭାବରେ ବ୍ୟବହାର କରି ଚାଲିଥିଲେ। ନଭେମ୍ବର ୨୦୧୬ର ବିମୁଦ୍ରାକରଣ ପରେ ୧୦୦୦ ଟଙ୍କିଆ ନୋଟ୍‌କୁ ହଟାଇବା ପାଇଁ ଏହାର ଜନ୍ମ ହୋଇଥିଲା। ନରେନ୍ଦ୍ର ମୋଦୀଙ୍କ-ନେତୃତ୍ୱାଧୀନ ସରକାର ସେ ସମୟରେ ରାତାରାତି ତତ୍କାଳୀନ ଅର୍ଥନୀତିର ୮୬ ପ୍ରତିଶତ ମୁଦ୍ରାକୁ ପ୍ରତ୍ୟାହାର କରି ନେଇଥିଲେ, ଯାହା ସମସ୍ତଙ୍କ ପାଇଁ ବିସ୍ମୟର ଏକ ଅଭୂତପୂର୍ବ ମୁହୂର୍ତ୍ତ ଥିଲା। ତେବେ ବିଶ୍ଳେଷଣକାରୀ ଏବଂ ଅର୍ଥନୀତିଜ୍ଞମାନଙ୍କ ମତରେ, ଚଳିତ ଥର ୨୦୦୦ ଟଙ୍କିଆର ପ୍ରଚଳନକୁ ପ୍ରତ୍ୟାହାର କରି ନିଆଯିବା ସେଭଳି ବଡ଼ ଧରଣର ବ୍ୟାଘାତ ସୃଷ୍ଟିକାରୀ ହେବନାହିଁ ବୋଲି ଆଶା କରାଯାଉଛି, ଯେହେତୁ ନୋଗୁଡ଼ିକର ଏକ ନିମ୍ନ ମୂଲ୍ୟ ଏକ ଦୀର୍ଘ ସମୟର ଅବଧି ଭିତରେ ପ୍ରତ୍ୟାହାର କରାଯାଉଛି । ବର୍ତ୍ତମାନ ଭାରତୀୟ ରିଜର୍ଭ ବ୍ୟାଙ୍କ ନିଷ୍ପତ୍ତି ନେଇ ସାରିଛି ଯେ ଗୋଲାପି କାଗଜକୁ ନେଇ ଗୋଲାପି ସ୍ୱପ୍ନ ଦେଖିବାର ବେଳ ଶେଷ ହୋଇଛି । ଅଧିକାଂଶଙ୍କ ମତରେ, 'ବିମୁଦ୍ରାକରଣ ୨.୦' ପଦ୍ଧତିଗତ ଭାବରେ ଠିକ୍, ଯେହେତୁ ଏହା ଅତି ସାବଧାନତାର ସହିତ କରାଯାଉଛି ଏବଂ ୨୦୦୦ ଟଙ୍କିଆ ନୋଟ୍‌ଗୁଡ଼ିକୁ ବ୍ୟାଙ୍କମାନଙ୍କରେ ଜମା କରିବା ପାଇଁ ବା ବଦଳାଇବା ପାଇଁ ଏକ ଦୀର୍ଘ ସମୟର ଅବଧି ପ୍ରଦାନ କରାଯାଇଛି । ପୁଣି ଏହା ସହିତ କୌଣସି ନୀତିଗତ ଉଦ୍ଦେଶ୍ୟ ବା ଲକ୍ଷ୍ୟ ହାସଲ କରାଯିବା ସମ୍ପର୍କରେ ଘୋଷଣା କରାଯାଉ ନାହିଁ । ଆଉ ଯଦି ବି କିଛି ଅଧିକ ପରିମାଣରେ ଥାଏ, ତା'ହେଲେ ଜଣେ ଏହାକୁ ଯେ କୌଣସି ବ୍ୟାଙ୍କରେ ବଦଳାଇ ଦେଇ ପାରିବେ । ତେଣୁ ଅଧିକାଂଶ ନିୟମିତ ନାଗରିକଙ୍କ ଭଳି, କିମ୍ବା ସରକାର ଏବଂ ବେଶ୍ କେତେକ ଅନୁଷ୍ଠାନଙ୍କ ଭଳି ୨୦୦୦ ଟଙ୍କିଆ ନୋଟ୍‌ର ମଧ ଅନ୍ତ ଘଟିବ- ଯାହା ଅନେକ ଆଶା ନେଇ ଜନ୍ମଲାଭ ତ କରିଥିଲା, କିନ୍ତୁ ବେଶୀ କିଛି ହାସଲ କରି ପାରିଲା ନାହିଁ, ଯଦିଓ ଭୁଲ୍ ଲୋକମାନଙ୍କ ହାତରେ ପଡ଼ି ଭୁଲ୍ କାମରେ ଲାଗିବା ପାଇଁ ଯଥେଷ୍ଟ ସମ୍ଭାବନା ରହିଥିଲା । ଅତଏବ, ଅଧିକାଂଶ ଲୋକ ଏହାଠୁ ଖୁସିରେ ମୋହ ତୁଟାଇବେ; ଅଳ୍ପ କିଛି ରୋମାଣ୍ଟିକ୍ ଏବଂ ଠୁଳ କରିଥିବା ଲୋକ ଏହାର ବିୟୋଗରେ କିଛିଟା ସ୍ମରଣିକା ସେମାନଙ୍କ ପାଖରେ ରଖିବେ, ଆଉ ଅଳ୍ପ କିଛି ମାସ ଭିତରେ ଆମେ ସମସ୍ତେ ମାତ୍ର ଛଅ ବର୍ଷରୁ ସାମାନ୍ୟ ଅଧିକ ସମୟର ଆୟୁଷ ନେଇ ଆସିଥିବା ଏଇ ନୋଟ୍ ବିଷୟରେ ସବୁକିଛି ଭୁଲିଯିବା। ଶୁଭ ବିଦାୟ ୨୦୦୦ ଟଙ୍କିଆ ନୋଟ୍ ।

# ମାନବିକ ଅଧିକାର ଓ ସଚେତନ ନାଗରିକ



ଡକ୍ଟର ଲକ୍ଷ୍ମଣ ସାହୁ

ଜୀବଜଗତରେ ମଣିଷ ଏକ ସର୍ବଶ୍ରେଷ୍ଠ ଓ ବିଚାରବନ୍ତ ସାମାଜିକ ପ୍ରାଣୀ । କେବଳ ଖାଇପିଇ ବଞ୍ଚିବା ତା'ର ଜୀବନର ଲକ୍ଷ୍ୟ ନୁହେଁ, ବରଂ ଜୀବନକୁ ସରସସୁନ୍ଦର ଓ ସୁଖମୟ କରିବା ପ୍ରତ୍ୟେକ ମନୁଷ୍ୟର ଅଭିଳାଷ । ଏହି ଅଭିଳାଷକୁ ସଂପୂର୍ଣ୍ଣ କରିବା ପାଇଁ କିଛି ସୁବିଧା ସୁଯୋଗ ଆବଶ୍ୟକ ହୋଇଥାଏ । ସେସବୁ କେବଳ ସମାଜ କିମ୍ବା ରାଷ୍ଟ୍ର ଯୋଗାଇଥାଏ । ଏସବୁ ସୁବିଧାସୁଯୋଗର ସମାହାର ହେଉଛି ଅଧିକାର । ଅର୍ଥାତ୍ ମନୁଷ୍ୟକୁ ରାଷ୍ଟ୍ର ଯେଉଁସବୁ ସୁବିଧା ପ୍ରଦାନ କରେ, ସେସବୁର ସମାହାରକୁ ମାନବିକ ଅଧିକାର କୁହାଯାଏ । ଲାସ୍କିଙ୍କ ଭାଷାରେ, "ଯେଉଁସବୁ ସାମାଜିକ ସର୍ତ୍ତାବଳୀ ବିନା କୌଣସି ବ୍ୟକ୍ତି ତା'ର ବ୍ୟକ୍ତିତ୍ୱର ଉତ୍ତମ ବିକାଶ କରିପାରି ନ ଥାଏ, ତାହାକୁ ଅଧିକାର କୁହାଯାଏ ।" ସେଭଳି ଗ୍ରୀଙ୍କ ଭାଷାରେ, ସାମଗ୍ରିକ ମଙ୍ଗଳ ପାଇଁ ଯେଉଁ କ୍ଷମତା ଦାବି କରାଯାଏ ଓ ସ୍ୱୀକୃତ ହୋଇଥାଏ, ତାକୁ ଅଧିକାର କୁହାଯାଏ । ତେଣୁ ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶ ପାଇଁ ଅଧିକାର ଏକ ଅପରିହାର୍ଯ୍ୟ ସର୍ତ୍ତ । ଏହି ବହୁବିଧ ଅଧିକାରଗୁଡ଼ିକ ରାଷ୍ଟ୍ରଦ୍ୱାରା ପ୍ରଦତ୍ତ ଓ ସୁରକ୍ଷିତ ତଥା ସାର୍ବଜନୀନ । ମନୁଷ୍ୟ ପାଇଁ ଏହି ମାନବିକ ଅଧିକାରର ଗୁରୁତ୍ୱ ରହିଛି ।

ସାଧାରଣତଃ ଆଧୁନିକ ସଭ୍ୟ ସମାଜରେ ମଣିଷକୁ ମଣିଷ ପରି ଏକ ମର୍ଯ୍ୟାଦାଜନକ, ସମ୍ମାନାସ୍ପଦ ଓ ସୁଖମୟ ଜୀବନ ଅତିବାହିତ କରିବା ପାଇଁ ଯେଉଁସବୁ ଅଧିକାରମାନ ମୌଳିକ, ଅବିଚ୍ଛେଦ୍ୟ ଓ ଅପରିହାର୍ଯ୍ୟ, ସେଗୁଡ଼ିକୁ ମାନବିକ ଅଧିକାର କୁହାଯାଏ । ମିଳିତ ଜାତିସଂଘର ମାନବିକ ଅଧୁକାର ଘୋଷଣାନାମା ଅନୁସାରେ, "ମାନବିକ ଅଧିକାର ହେଉଛି ସେହିସବୁ ଅଧିକାର, ଯାହାକୁ ପ୍ରତ୍ୟେକ ବ୍ୟକ୍ତି ତା'ର ମାନବିକତା ବଳରେ ସମାନ ଭାବେ ଉପଭୋଗ କରିଥାଏ ।" ମାନବିକ ଅଧିକାର ହେଉଛି ମୁଖ୍ୟତଃ ସାତଟି ମୌଳିକ ସମାନତାର ସମାହାର । ସେସବୁ ହେଲା ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ଦେଶ, ମାନବ ଉଚ୍ଚ ନୀଚ ଭେଦଭାବରୁ ମୁକ୍ତିଲାଭ ଲାଭ କରିବାର ସ୍ୱାଧୀନତା । ସାଧାରଣ ନାଗରିକ ପାଇଁ ଏକ ଉନ୍ନତ ଚିନ୍ତା, ଅଭିବ୍ୟକ୍ତିର ପରି ପ୍ରକାଶ, ନିଷ୍ପରି ନେବା ଓ ସଂଘ ଗଠନ କରିବାର ପୂର୍ଣ୍ଣ ସ୍ୱାଧୀନତା ।

ମଣିଷ ନିଜର ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ ସ୍ୱାଧୀନତା ଚାହେଁ । ଜୀବନ ପ୍ରତି ବିପଦ, ଅତ୍ୟାଚାର, ଶୋଷଣ, ହିଂସାର ଶିକାର ହେବା ଭଳି ପରିସ୍ଥିତି ବିରୋଧରେ ସ୍ୱାଧୀନତା ମତ ପୋଷଣ କରିବା ମାନବିକ ଅଧିକାର ଅନ୍ତର୍ଭୁକ୍ତ । ମଣିଷ ସର୍ବଦା ମୁକ୍ତ ଆକାଶର ବିହଙ୍ଗ ସମ ସ୍ୱାଧୀନତା ଚାହେଁ । ଅନ୍ୟାୟ ଓ ଆଇନର ଅପବ୍ୟବହାର ବିପକ୍ଷରେ ସ୍ୱାଧୀନତା । ଅତ୍ୟାଚାରରୁ ବର୍ତ୍ତି ଉତ୍ତମ କାର୍ଯ୍ୟକ୍ଷେତ୍ରରେ କାର୍ଯ୍ୟ କରିବାର ସ୍ୱାଧୀନତା । ମଣିଷକୁ ମଣିଷ ଭଳି ମର୍ଯ୍ୟାଦା ସହ ବଞ୍ଚି ରହିବାର ସୁଯୋଗ ଦେଉଥିବା ଅଧିକାରକୁ ମାନବିକ ଅଧିକାର କୁହାଯାଏ । ଏହି ଅଧିକାରଗୁଡ଼ିକୁ ସମସ୍ତେ ସମାନ ଭାବରେ ଉପଭୋଗ କରିବା ଉଚିତ୍ । ସମାନତା, ନ୍ୟାୟ ଓ ମର୍ଯ୍ୟାଦାର ପୃଷ୍ଠଭୂମି ଉପରେ ଏକ ଶୋଷଣମୁକ୍ତ ସମାଜ ଗଠନ ପାଇଁ ମାନବିକ ଅଧିକାର ସଚେତନଶୀଳତା ସୃଷ୍ଟି କରିବାର ପ୍ରତିଶ୍ରୁତି ବହନ କରିଥାଏ ।

ମାନବବାଦର ମୂଳମନ୍ତ୍ର ହେଉଛି ମାନବିକ ଅଧିକାର । ଏହି ଅଧିକାରଗୁଡ଼ିକୁ ମୌଳିକ, ସ୍ୱାଭାବିକ ବା ପ୍ରାକୃତିକ ଭାବେ ଗ୍ରହଣ କରିବା ଉଚିତ୍ । ସେସବୁ ରାଷ୍ଟ୍ରଦ୍ୱାରା ସ୍ୱୀକୃତ ନହେଲେ କି ସମ୍ବିଧାନଦ୍ୱାର ସ୍ଥାନିତ ନ ହେବାଦ୍ୱାରା ମାନବିକ ଅଧିକାରର ଗୁରୁତ୍ୱ ନଥାଏ । ସଶକ୍ତିକରଣ ଦ୍ୱାରା ମାନବର ଜୀବନ, ସ୍ୱାଧୀନତା ଓ ମର୍ଯ୍ୟାଦାର ସୁରକ୍ଷା ମାନବିକ ଅଧିକାରର ଲକ୍ଷ୍ୟ ଅଟେ । ସମାଜରେ ଏକ ସଭ୍ୟ, ମର୍ଯ୍ୟାଦାପୂର୍ଣ୍ଣ ଓ ବିକଶିତ ଜୀବନଯାପନ ବିତାଇବା ପାଇଁ ପ୍ରତ୍ୟେକ ବ୍ୟକ୍ତି ବ୍ୟାକୁଳ ହୋଇଥାଏ । ଏହି ଅଧିକାର ପାଇଁ ପୃଥିବୀ ପୃଷ୍ଠରେ ବହୁବାର ସଂଗ୍ରାମ, ବିଦ୍ରୋହ ଓ ବିପ୍ଳବ ଘଟିଛି । ଏହାକୁ ହାସଲ କରିବା ପାଇଁ ଅନେକ ପ୍ରାଣ ଉତ୍ସର୍ଗ କରିଛନ୍ତି । ସମାଜରେ ଟିକିଏ ସୁଖ, ଶାନ୍ତି ଓ ସମୃଦ୍ଧିରୁ ବଞ୍ଚିତ ମଣିଷ ସ୍ୱାଧିକାର ପାଇଁ ବିଦ୍ରୋହ କରେ । ପ୍ରତ୍ୟେକ ମନୁଷ୍ୟ ତା'ର ଉଚିତ୍ ଅଧିକାର ପାଇବା ପାଇଁ ଦାବି କରେ । ମାନବିକ ଅଧିକାର ପ୍ରତ୍ୟେକ ମନୁଷ୍ୟର ମୌଳିକ ଆବଶ୍ୟକତା ଓ ଏହା ତା'ର ନୈତିକ ଓ ଭୌତିକ ଉତ୍ଥାପନକୁ ପରିପୂର୍ଣ୍ଣ କରିଥାଏ । କହିବାକୁ ଗଲେ ଏହି ସବୁ ଅଧିକାର ମନୁଷ୍ୟର ଶାରୀରିକ ଅଭିବୃଦ୍ଧିରେ ଓ ଅନ୍ୟ କେତେକ ତା'ର ଆତ୍ମିକ ବିକାଶରେ ସହାୟକ ହୋଇଥାଏ । ପ୍ରତ୍ୟେକଟି ମନୁଷ୍ୟର ସର୍ବାଙ୍ଗୀଣ ଉନ୍ନତି ପାଇଁ ମାନବିକ ଅଧିକାରଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ମନୁଷ୍ୟ ପାଇଁ ମାନବିକ ଅଧିକାର ଏକ ଜନ୍ମଗତ ଅଧିକାର । ସଂକ୍ଷେପରେ କହିଲେ ମାନବିକ ଏହା ମଣିଷକୁ ସ୍ୱାଧୀନତା ଦେଇଥାଏ । ପ୍ରତ୍ୟେକ ବ୍ୟକ୍ତିର ସମ୍ମାନ ଏବଂ ମର୍ଯ୍ୟାଦାକୁ ସ୍ୱୀକୃତି ଓ ସମ୍ମାନ ପ୍ରଦର୍ଶନ କରିଥାଏ । ଅନ୍ୟ ଦୃଷ୍ଟିରୁ ମାନବିକ ଅଧିକାରଗୁଡ଼ିକ ସାର୍ବଜନୀନ ଅଟେ । ପ୍ରତ୍ୟେକ ବ୍ୟକ୍ତି ଏହାକୁ ନିର୍ଭୟରେ ନିଃଦ୍ୱନ୍ଦରେ ଉପଭୋଗ କରିବା ଉଚିତ୍ । ମାନବିକ ଅଧିକାର ଏକ ନିର୍ଦ୍ଦିଷ୍ଟ ପ୍ରକାର ଅଧିକାର ନୁହେଁ, ବରଂ ଏହା ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶ ପାଇଁ ଆବଶ୍ୟକ ସମସ୍ତ ଅଧିକାରର ସମାହାର । ତେଣୁ ବ୍ୟକ୍ତି ଉପଭୋଗ କରୁଥିବା ସମସ୍ତ ସାମାଜିକ, ରାଜନୈତିକ, ଅର୍ଥନୈତିକ ଅଧିକାରଗୁଡ଼ିକର ସମାହାର ହେଉଛି ମାନବିକ ଅଧିକାର । ମିଳିତ ଜାତିସଂଘ ଦ୍ୱାରା ଘୋଷିତ ସାର୍ବଜନୀନ ମାନବିକ ଅଧିକାର ଘୋଷଣାନାମାରେ ଏହି ସମସ୍ତ ଅଧିକାର ବିଷୟରେ ସୂଚନା ପ୍ରଦାନ କରାଯାଇଛି । ମାନବିକ ଅଧିକାରର ଆଧାର ମୁଖ୍ୟତଃ ନୈତିକତା ଦୃଷ୍ଟିରୁ ବିଚାର ଯୋଗ୍ୟ । କାରଣ ଏହି ଅଧିକାରଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ କୌଣସି ଆଇନ୍ ଗତ ବାଧ୍ୟବାଧକତା ନାହିଁ । ନୈତିକତା ଦୃଷ୍ଟିରୁ ପ୍ରତ୍ୟେକ ରାଷ୍ଟ୍ର ଏହାକୁ କାର୍ଯ୍ୟକାରୀ କରିବା ଆବଶ୍ୟକ ।

ଏହାକୁ ଦୃଷ୍ଟିରେ ରଖି ସାର୍ବଜନୀନ ମାନବିକ ଅଧିକାର ଘୋଷଣାନାମାରେ ବ୍ୟକ୍ତିର ଅଧିକାର, ମର୍ଯ୍ୟାଦା ଓ ଅନ୍ତର୍ନିହିତ ଗୁଣାବଳୀର ବିକାଶ ଦିଗରେ କାର୍ଯ୍ୟ କରିବାକୁ ପ୍ରତ୍ୟେକ ରାଷ୍ଟ୍ରକୁ ମିଳିତ ଜାତିସଂଘ ପରାମର୍ଶ ପ୍ରଦାନ କରିଛି । ଏହି ଘୋଷଣାନାମା ମାନବିକ ଅଧିକାରର ଆଦର୍ଶ, ଉପଯୋଗିତା ଓ ମୂଲ୍ୟବୋଧକୁ ପ୍ରତିପାଦନ କରାଇ ସମଗ୍ର ମାନବ ଜାତିକୁ ଏହି ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ପ୍ରେରଣା ଦେଇଛି । ବିଚାର ଦୃଷ୍ଟିରୁ ମାନବିକ ଅଧିକାର ପ୍ରତ୍ୟେକ ବ୍ୟକ୍ତି ପାଇଁ ଅପରିହାର୍ଯ୍ୟ । ବିନା ଆଇନଗତ ବ୍ୟବସ୍ଥାରେ କୌଣସି ବ୍ୟକ୍ତିର ଅଧିକାରକୁ ଅନ୍ୟ କେହି ଛଡ଼ାଇ ନେଇପାରିବ ନାହିଁ । କେବଳ ସ୍ୱତନ୍ତ୍ର ପରିସ୍ଥିତିରେ ଓ ସାମ୍ବିଧାନିକ ବ୍ୟବସ୍ଥାରେ ଯଥା ଜାତୀୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା ସମୟରେ ବ୍ୟକ୍ତି ଏହି ଅଧିକାର ଉପଭୋଗରୁ ବଞ୍ଚିତ ହୋଇପାରିବ । ସେହିଭଳି ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ମଧ୍ୟ ଜଣେ ବ୍ୟକ୍ତିକୁ ସ୍ୱାଧୀନତା ଅଧିକାର ଉପଭୋଗରୁ ବଞ୍ଚିତ କରାଯାଇପାରେ । ଆଇନଗତ ସମର୍ଥନ ବିନା ଅନ୍ୟମାନଙ୍କର ଅଧିକାରକୁ କେହି ଉଲ୍ଲଙ୍ଘନ କରିପାରିବେ ନାହିଁ । ଏପରି କାର୍ଯ୍ୟ କରିବା ଅନୁଚିତ୍ ଯାହାଦ୍ୱାରା ଅନ୍ୟର ଅଧିକାର କ୍ଷୁଣ୍ଣ ହେବ । ଏସବୁ ଦୃଷ୍ଟିରୁ ପ୍ରତ୍ୟେକ ବ୍ୟକ୍ତିର ନୈତିକ ମୂଲ୍ୟବୋଧ ଓ ବ୍ୟକ୍ତିଗତ ମର୍ଯ୍ୟାଦାକୁ ସମ୍ମାନ ବୋଧ ରହିବା ଉଚିତ୍ । ଏହା ମାନବର ସହଜାତ ଅଧିକାର । ମଣିଷ କେବଳ ମଣିଷ ହୋଇ ଜନ୍ମ ହୋଇଥିବାରୁ ଏହି ଅଧିକାରଗୁଡ଼ିକୁ ଉପଭୋଗ କରିବାକୁ ଯୋଗ୍ୟ ହୋଇଥାଏ ।

ଏକଥା ସମସ୍ତେ ଜାଣିରଖିବା ଉଚିତ୍ ମନୁଷ୍ୟ ଏକ ସାମାଜିକ ପ୍ରାଣୀ ହୋଇଥିବାରୁ ଆଜିର ଆଧୁନିକ ସଭ୍ୟ ସମାଜରେ ଜୀବନଯାପନ ପାଇଁ ଯେଉଁ ସାମାଜିକ ଅଧିକାର ପାଇଥାଏ, ସେସବୁ ମଧ୍ୟରେ ତା'ର ସ୍ୱାଧୀନ ଜୀବନଯାପନ, ସ୍ୱାଧୀନତା ଓ ସମ୍ପର୍କ ଗତ ଅଧିକାର ସଂଶ୍ଳିଷ୍ଟ । ଅନୁଧ୍ୟାନ କଲେ ସ୍ପଷ୍ଟ ବୁଝିହୁଏ ବ୍ୟକ୍ତି ଜୀବନର ନିରାପତ୍ତା, ଦାସତ୍ୱ ଓ ବନ୍ଧନରୁ ମୁକ୍ତି, ଅମାନୁଷିକ ବ୍ୟବହାର ଓ ଦଣ୍ଡବିଧାନରୁ ମୁକ୍ତି ତଥା ବ୍ୟକ୍ତିଗତ ସ୍ୱାଧୀନତା, ପାରିବାରିକ ଗୋପନୀୟତା ରକ୍ଷା କରିବାର ଅଧିକାର, ବିବାହ ଓ ସଂପର୍କ ଗତ ଅଧିକାର ରହିଛି । ସେହିପରି ଗଣତାନ୍ତ୍ରିକ ରାଷ୍ଟ୍ରରେ ତା'ର ରାଜନୈତିକ ଅଧିକାର ରହିଛି । (ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ବଜ୍ରାଘାତ ସଚେତନତା



ବୈଷ୍ଣବ ମେହେର

ବଜ୍ରପାତ ଓ ତତଜନିତ ବିଭୀଷିକା ଧୀରେଧୀରେ ମଣିଷ ସମାଜ ପାଇଁ ଭୟଙ୍କର ହେବାରେ ଲାଗିଛି । ଆକାଶର ମୃତ୍ୟୁ ଖସିଲା ଭଳି ପ୍ରତିଦିନ କେଉଁଠି ନା କେଉଁଠି ବଜ୍ରାଘାତରେ ଲୋକଙ୍କ ପ୍ରାଣହାନି ଘଟିବା ଏବେ ସାଧାରଣ ଘଟଣା ହୋଇଗଲାଣି । ବାତ୍ୟା ଠାରୁ ମଧ୍ୟ ଅଧିକ ମାରାତ୍ମକ ହୋଇଛି ବଜ୍ରପାତ । କିନ୍ତୁ ବଜ୍ରପାତକୁ ନେଇ ଲୋକେ ଯେତିକି ସଚେତନ ଓ ସତର୍କ ରହିବା କଥା, ଏଯାଏଁ ସେତିକି ହୋଇପାରି ନାହାନ୍ତି । ଫଳରେ ବଜ୍ରପାତଜନିତ ଅକାଳ ମୃତ୍ୟୁ ସଂଖ୍ୟା ଦିନକୁଦିନ ବଢ଼ିବାରେ ଲାଗିଛି । ୧୯୬୮ ମସିହାରେ ବଜ୍ରପାତ ଯୋଗୁଁ ବାର୍ଷିକ ଯେତିକି ଲୋକ ମୃତ୍ୟୁମୁଖବରଣ କରୁଥିଲେ ଏବେ ମୃତ୍ୟୁ ସଂଖ୍ୟା ଦୁଇ ଗୁଣ ହୋଇଗଲାଣି । ଭାରତରେ ଘଟୁଥିବା ପ୍ରାକୃତିକ ବିପର୍ଯ୍ୟୟଜନିତ ମୋଟ ମୃତ୍ୟୁ ମଧ୍ୟରୁ ୧୨.୮ ପ୍ରତିଶତ କେବଳ ବଜ୍ରାଘାତ ଯୋଗୁଁ ମୃତ୍ୟୁବରଣ କରିଥାନ୍ତି । ଠିକ ସମୟରେ ସଠିକ ବର୍ଷା ନହେବା, ବର୍ଷା ଦିନେ ପ୍ରବଳ ଗରମ ଓ ଗୁଳଗୁଳି ଅନୁଭବ ହେବା ଓ ଏହି ସମୟରେ ବଜ୍ରପାତ ଘଟି ଏତେ ସଂଖ୍ୟକ ଲୋକଙ୍କ ଅକାଳ ମୃତ୍ୟୁ ଘଟିବା ନିଶ୍ଚିତ ଚିନ୍ତାର ବିଷୟ। ବିଜ୍ଞାନର ଅଭୁତପୂର୍ବ ଉନ୍ନତି ସତ୍ତ୍ୱେ ଏ ବିପତ୍ତି ମଣିଷ ପାଇଁ ଘାତକ ସାଜିଛି । ବିଶେଷଜ୍ଞଙ୍କ କହିବା ଅନୁସାରେ ବଜ୍ରପାତ ଗ୍ଲୋବାଲ ୱାର୍ମିଂ ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁଁ ଘଟିଥାଏ। ଜଗତୀକରଣ ନାଁ ରେ ସବୁଜ ବନାନୀର ବିନାଶ କରିବା ହିଁ ଏ ବିପତ୍ତିର ମୂଳ କାରଣ ଜାଣି ସୁଦ୍ଧା ଏଥିରୁ ନିବୃତ୍ତ ରହିବା ମଣିଷ ପାଇଁ ସମ୍ଭବ ନ ହେବା କ୍ଷୋଭର ବିଷୟ ।

ବଜ୍ରପାତର ବାର୍ଷିକ ରିପୋର୍ଟ ମୁତାବକ ୨୦୧୯-୨୦ରେ ଦେଶରେ ୧୭୭୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୨୦-୨୧ରେ ୧୬୯୭ ଜଣଙ୍କ ପରଲୋକ ଘଟିଛି । ଏବର୍ଷ ମୃତ୍ୟୁ ସଂଖ୍ୟା ସାମାନ୍ୟ କମିଥିଲେ ମଧ୍ୟ ୨୦୧୯-୨୦ରେ ୧ କୋଟି ୩୮ ଲକ୍ଷ ବଜ୍ରପାତ ହୋଇଥିବା ବେଳେ ୨୦୨୦-୨୧ରେ ଏଥିରେ ୩୪ ପ୍ରତିଶତ ବୃଦ୍ଧି ପାଇ ଏ ସଂଖ୍ୟା ୧ କୋଟି ୮୫ ଲକ୍ଷ ୪୪ ହଜାର ୩୬୭ ରେ ପହଂଚିଛି । ୨୦୨୦-୨୧ ବର୍ଷରେ ଓଡ଼ିଶାରେ ସର୍ବାଧିକ ୨୦ ଲକ୍ଷ ୪୩ ହଜାର ଥର ବଜ୍ରପାତ ହୋଇଥିଲା । ଏହି ସମୟରେ ମଧ୍ୟପ୍ରଦେଶରେ ୧୭ ଲକ୍ଷ ୧୦ ହଜାର, ଛତିଶଗଡ଼ରେ ୧୫ ଲକ୍ଷ ୨୧ ହଜାର, ଝାଡଖଣ୍ଡରେ ୧୪ ଲକ୍ଷ ୯୧ ହଜାର ଓ ଉତ୍ତରପ୍ରଦେଶରେ ୧୩ ଲକ୍ଷ ୭୭ ହଜାର ଥର ବଜ୍ରପାତର ରେକର୍ଡ କରାଯାଇଛି । ଗତବର୍ଷ ସର୍ବାଧିକ ବଜ୍ରପାତ ଘଟି ବିହାରରେ ୪୦୧ ଜଣଙ୍କ, ଉତ୍ତରପ୍ରଦେଶରେ ୨୩୮ ଜଣ, ମଧ୍ୟପ୍ରଦେଶରେ ୨୨୮ ଜଣ ଓ ଓଡ଼ିଶାରେ ୧୫୬ ଜଣଙ୍କ ମୃତ୍ୟୁ ହୋଇଛି । ତଥ୍ୟ ଅନୁଯାୟୀ ୨୦୦୧ରୁ ୨୦୧୮ ମଧ୍ୟରେ ଭାରତରେ ବଜ୍ରାଘାତ କାରଣରୁ ୪୨,୫୦୦ ଲୋକ ପ୍ରାଣ ହରାଇଛନ୍ତି ।

ଓଡ଼ିଶାରେ ବଜ୍ରାଘାତ ମୃତ୍ୟୁ ରେକର୍ଡକୁ ଯଦି ଦେଖିବା ତେବେ ୨୦୧୦/୧୧ ବର୍ଷରେ ୨୮୦ ଜଣ, ୨୦୧୧/୧୨ରେ ୩୫୪ ଜଣ, ୨୦୧୨/୧୩ରେ ୨୯୫ ଜଣ, ୨୦୧୩/୧୪ରେ ୩୭୦ ଜଣ, ୨୦୧୪/୧୫ରେ ୩୧୦ ଜଣ, ୨୦୧୫/୧୬ ରେ ଏ ସଂଖ୍ୟା ବଢ଼ି ୪୦୧ ଜଣ, ୨୦୧୬/୧୭ରେ ୩୯୭ ଜଣ, ୨୦୧୭/୧୮ରେ ୪୦୭ ଜଣ ଏବଂ ୨୦୧୮/୧୯ ରେ ସର୍ବାଧିକ ୪୫୩ ଜଣ ବଜ୍ରାଘାତ ରେ ପ୍ରାଣ ହରାଇଥିବା ଜଣାପଡ଼େ । ଗତ ନଅ ବର୍ଷରେ ସମୁଦାୟ ଯେତିକି ଲୋକ ପ୍ରାଣ ହରାଇଛନ୍ତି ତାକୁ ହିସାବକୁ ନେଲେ ପ୍ରତିବର୍ଷ ବଜ୍ରାଘାତ ରେ ରାଜ୍ୟରେ ହାରାହାରି ପ୍ରାୟ ୩୬୩ ଜଣଙ୍କ ଅକାଳ ବିୟୋଗ ଘଟୁଛି । ଅନ୍ୟପଟେ ଦେଶରେ ବଜ୍ରପାତ ଯୋଗୁଁ ବର୍ଷକୁ ପ୍ରାୟ ୨୫୦୦ ଲୋକଙ୍କ ମୃତ୍ୟୁ ଘଟୁଥିବା ବେଳେ ଏହାର ୧୫ ପ୍ରତିଶତ ମୃତ୍ୟୁ ଓଡ଼ିଶାରେ ଘଟିଥାଏ । ତେବେ ୮୫ ପ୍ରତିଶତ ବଜ୍ରପାତ ମୃତ୍ୟୁ କେବଳ ମଇ ମାସରୁ ସେପ୍ଟେମ୍ବର ମାସ ମଧ୍ୟରେ ହେଉଥିବା ଆକଳନରୁ ଜଣାପଡ଼େ । ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦେଶରେ ଯେତେ ବଜ୍ରାଘାତ ମୃତ୍ୟୁ ଘଟିଛି, ତା'ର ୭୧ ପ୍ରତିଶତ ଗଛ ତଳେ ଆଶ୍ରୟ ନେଇଥିବା ବେଳେ ଓ ୨୫ ପ୍ରତିଶତ ଖୋଲା ଆକାଶରେ ଥିବା ସମୟରେ ଲୋକେ ଏହି ବିପତ୍ତିର ଶିକାର ହେଉଥିବା ଜଣାପଡ଼େ ।

ଅଧିକାଂଶରେ ବଜ୍ରପାତ ହେଲେ ହୃଦସ୍ପନ୍ଦନ ବନ୍ଦ ହୋଇ ଲୋକଙ୍କ ମୃତ୍ୟୁ ଘଟିଥାଏ । ବଜ୍ରାଘାତର ଶିକାର ହୋଇଥିବା ବ୍ୟକ୍ତିକୁ ପ୍ରଥମେ ଶୁଖିଲା ସ୍ଥାନରେ ରଖି ତାର ଛାତିକୁ ଜୋରରେ ଦବାଇବା ଦରକାର । ପ୍ରାୟ ଅଧଘଣ୍ଟା ଯାଏଁ ରୋଗୀର ପାଟିରେ ପ୍ରତିମିନିଟରେ ଅତିକମ୍‌ରେ ୧୫ଥର ଫୁଙ୍କିଲେ କିଛି ସୁଫଳ ମିଳିବାର ସମ୍ଭାବନା ରହିଛି। ସବୁଠାରୁ ବଡ଼ କଥା ହେଲା ରୋଗୀକୁ ଯଥା ସମୟରେ ପ୍ରାଥମିକ ଚିକିତ୍ସା ଯୋଗାଇବା ଆବଶ୍ୟକ । ବଜ୍ରପାତର ଶିକାର ଅଧିକ ସଂଖ୍ୟାରେ ଗ୍ରାମାଚଂଳ ରେ ହେଉଥିବାରୁ ଏସବୁ ଅଚଂଳରେ ଥିବା ଡାକ୍ତରଖାନା ମାନଙ୍କରେ ବଜ୍ରପାତ ରୋଗୀ ପାଇଁ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା ରହିଲେ ଲୋକେ ଉପକୃତ ହୋଇ ପାରନ୍ତେ । ଏଥିସହ ଘର ଗୁଡ଼ିକୁ ବଜ୍ରପାତ ନିରୋଧକ କରାଯିବା ଦରକାର । ଖୋଲା ସ୍ଥାନମାନଙ୍କରେ ସରକାରଙ୍କ ତରଫରୁ ବଜ୍ରପାତ ନିରୋଧକ ଆଶ୍ରୟସ୍ଥଳି ନିର୍ମାଣ କରାଗଲେ ବଜ୍ରପାତ ସମୟରେ ବାହାରେ ଥିବା ଲୋକ ସେଠାରେ ନିଜକୁ ସୁରକ୍ଷିତ ରଖିପାରିବେ ।

ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ ଟ୍ରପିକାଲ୍ ମେଟ୍ରୋଲୋଜି ଦ୍ୱାରା 'ଦାମିନୀ' ନାମକ ଏଭଳି ଏକ ଆପ୍‌ର ଉଦ୍ଭାବନ କରାଯାଇଛି ଯାହା ବଜ୍ରପାତ ଘଟିବାର ୩୦/୪୦ ମିନିଟ ପୂର୍ବରୁ ବଜ୍ରପାତର ଚେତାବନୀ ଦେବ । ଏଥିସହ ବଜ୍ରପାତରୁ କିପରି ନିଜକୁ ରକ୍ଷା କରିବା, ଏହାର ଡାକ୍ତରୀ ଉପଚାର, ଖୋଲା ସ୍ଥାନରେ ଥିବା ସମୟରେ ସତର୍କତା ଆଦି ବିଷୟରେ ମଧ୍ୟ ସୂଚନା ଦେବ । ଏଭଳି ଉପକାରୀ ଆପ୍‌ର ସୁବିଧା ଯେପରି ସାଧାରଣ ଲୋକ ନେଇ ପାରିବେ ସେଦିଗରେ ସୁଯୋଗ ଓ ସଚେତନତା ସୃଷ୍ଟି କରାଯିବା ନିହାତି ଜରୁରି । ପୁନଶ୍ଚ ଏହି ଆପ୍ ମାଧ୍ୟମର ଦିଆଯାଉଥିବା ସୂଚନାକୁ କେବଳ ଇଂରାଜୀ କିମ୍ବା ହିନ୍ଦୀ ଭାଷାରେ ସୀମିତ ନରଖି ଆଂଚଳିକ ଭାଷା ଗୁଡ଼ିକରେ ସୂଚନା ଦିଆଗଲେ ଏହା ଅଧିକ ଲାଭଦାୟକ ସାବ୍ୟସ୍ତ ହୋଇପାରିବ । ସବୁରି ମୂଳରେ ବ୍ୟକ୍ତିଗତ ସତର୍କତାର ଅବଲମ୍ବନ କରିବା । ବଜ୍ରପାତ ଘଟିବା ପୂର୍ବରୁ ସ୍ଥାନୀୟ ପାଣିପାଗରେ ନିଶ୍ଚିତ ଏକ ପରିବର୍ତ୍ତନ ଆସିଥାଏ । ତେଣୁ ଏହି ସମୟରେ ଲୋକେ କାଳବିଳମ୍ବ ନ କରି ସମ୍ଭାବ୍ୟ ବଜ୍ରାଘାତକୁ ଏଡ଼ାଇବା ପାଇଁ ସତର୍କ ହୋଇ ନିଜକୁ ସୁରକ୍ଷିତ କରିନେଲେ ଅନେକାଂଶରେ ଅମୂଲ୍ୟ ଜୀବନକୁ ରକ୍ଷା କରାଯାଇ ପାରିବ ।

ସିନାପାଲି, ନୂଆପଡ଼ା
ମୋ: ୯୭୭୭୭୫୩୯୩୫




## ଅନ୍ୱେଷଣ

ସୁଧାକର ରାଉତ



ଯାହା ଦେଇଥିଲ ତୁମେ
ଲୁଟି ନେଲ କ୍ରମେ କ୍ରମେ
ଏବେ ଅବାଟରେ ଭ୍ରମେ
ଭିଜି ଅବାସ୍ତବ ସୁଖେ
ଅଜ୍ଞାନତା ଡାକି ପାଶେ
ହଜି ଅହମିକା ବଶେ
ଜଳି ପ୍ରବଞ୍ଚନା ଧାସେ
ବୋଲି ପ୍ରତାରଣା ମୁଖେ ।

ସଂସାର ବନ୍ଧନ ଗ୍ରନ୍ଥି
ଦୁଃଖ ଓ ଯନ୍ତ୍ରଣା ଗ୍ରନ୍ଥି
ଅହରହ ଦିଏ ମନ୍ଥି
କାନ୍ଦେ ଛୋଟ ଶିଶୁ ସମ
ଅବିଶ୍ୱାସ ମିଥ୍ୟା ଧାରା
ଟାଣେ କୁପଥକୁ ପରା
ସତ୍ୟ ବି ଦିଏନି ଧରା
ବୃଥା ଯେ ଦମନ ଶମ ।

ଜୀବନ ଲାଗଇ ତୁଚ୍ଛ
ସୁନାର ହରିଣୀ ମିଛ
ବାନ୍ଧି ମୋହ ମାୟା ଗୁଚ୍ଛ
ଭବେ ଭଗ୍ନତରୀ ଧରି
ବୃଦ୍ଧି ପାଏ ପାପ ରାଶି
ଅଥକ ସମୁଦ୍ର ଶୋଷି
ଏବେ ଏକାନ୍ତରେ ବସି
କିପରି ବା ହେବି ପାରି ।

ମୁକ୍ତିର ସରଳ ସୂତ୍ର
ଅନ୍ୱେଷେ ଏ ମନ ମାତ୍ର
ପୁଲକିତ ହେବ ଗାତ୍ର
ହୋଇ ଅବସାଦ ଦୂର
ଢ଼ାଳି ତାଙ୍କ ପଦେ ପ୍ରୀତି
ବଦଳାଇ ପୂର୍ବ ଭିତ୍ତି
ଭାବ ଭକ୍ତି ପୂର୍ଣ୍ଣେ ମତି
ରହୁ ବିଭୂ ଶ୍ରୀ ପୟର।

ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨

## ପ୍ରିୟା ପ୍ରୀତି ଛୁଆଁ

ଜୟନ୍ତ କୁମାର ମଲ୍ଲିକ୍

କୃଷ୍ଣଚୂଡ଼ାର ପ୍ରତି ପାଖୁଡ଼ାରେ
ପ୍ରିୟା ଛବି ନିତି ଦେଖେ
ଜହ୍ନ ଆଲୁଅରେ ଲହୁର କାଳିରେ
ତା'ପାଇଁ ମୁଁ ଚିଠି ଲେଖେ ।
କୋକିଳର ତାନେ ମୁରଲୀର ସ୍ୱନେ
ପ୍ରିୟାକୁ ଡ଼ାକେ ମୁଁ ପ୍ରେମେ
ତାକୁ ପାଇବାକୁ ସହେ ଅପବାଦ
ଖୁସି ପାଏ ବଦନାମେ ।
ପ୍ରିୟା ଘର ପାଖ ପାନ ଦୋକାନରୁ
ତା'ପାଇଁ କିଣି ମୁଁ ମାଜା
ତା'ସାନ ଭାଇର ହାତରେ ପଠାଇ
ଅନୁଭବେ ପ୍ରୀତି ମଜ୍ଜା ।
ପ୍ରିୟା ଓଠେ ହସ ଫୁଟାଇବା ପାଇଁ
କେତେ ମୁଁ ଉପାୟ କରେ
ଶୟନେ ସପନେ ଅବା ଜାଗରଣେ
ତାକୁ ମୁଁ ବିକଳେ ଝୁରେ ।
କାମଦେବ ରତି ପାଶେ ରଖି ମତି
ବିନତି କରଇ ମୁହିଁ
ପ୍ରିୟା ପ୍ରୀତି ଛୁଆଁ ମିଳୁ ମତେ ଥରେ
ଜଳିବା ଆଗରୁ ଜୁଇ ।

ଶୂରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭

## ସ୍ରଷ୍ଟା ସାଜି ସେ କି ବାଉଳା ହେଲା ?

ସବିତା ବରଜ



ଭସ୍ମପ୍ରସବଣ ରୁଧିର ଝରୁ
ଯିଏ ସନ୍ତାନକୁ ଧରା ଛୁଆଇଁ ଥିଲା
ଦୁଃଖ, ଯନ୍ତ୍ରଣାରେ ଛଟପଟ ହେଲେବି
ଆନନ୍ଦାଶ୍ରୁ ଗଣ୍ଡେ ବୁହାଇ ଥିଲା
କ୍ଷୁଧା, କ୍ରନ୍ଦନ ରୋକିବା ପାଇଁ କି
ବକ୍ଷୁ ତା' ଅମୃତ ଝରାଇ ଥିଲା
ସେ ହିଁ ମା' ସର୍ବଂସହ
ସ୍ରଷ୍ଟା ସାଜି ସେ କି ବାଉଳା ହେଲା ?

ଅଭାବ ସଂସାରେ ନିଜେ ପେଜ ପିଇ
ସନ୍ତାନକୁ ଭାତ ଖୁଆଇ ଥିଲା
ଜର, ବାଦୀକାରେ ନିଦ୍ରା ତେଜି ସିଏ
ବାର ବଇଦକୁ ହାତ ଯୋଡ଼ିଲା
ବାର ବ୍ରତେ ଉପବାସ ରହିଲା
ଅନିର୍ବାଣ ପାଇଁ ଯୁକ୍ତି ବାଢ଼ିଲା
ମମତାମୟୀ, ସେ ହିଁ ମାଆ
ସ୍ରଷ୍ଟା ସାଜି ସେ କି ବାଉଳା ହେଲା ?

ପାଠ, ଶାଠେ ଭଲ ମଣିଷଟେ ପାଇଁ
କଷ୍ଟ ସହି ମଧ ସ୍ୱପ୍ନ ଦେଖିଲା
ବେଲ, ଓସ୍ତ, ବର, ତୁଳସୀ ଲଗାଇ
ନିଶ୍ୱାସ ପାଇଁ ସେ ବିଶ୍ୱାସ ଦେଲା
ପିଲା ବାହାଦୁରୀ କାହାଠୁ ଶୁଣିଲେ
ଆନନ୍ଦରେ ସିଏ ଫୁଲି ଉଠିଲା
ବିଜୟର ବାଜା ବଜେଇ ଦେଲା
କଲ୍ୟାଣୀଟିଏ, ସେ ହିଁ ମାଆ
ସ୍ରଷ୍ଟା ସାଜି ସେ କି ବାଉଳା ହେଲା ?

ସନ୍ତାନ ତା' ରାଜ ପ୍ରାସାଦ ଗଢ଼ିବା
ଶୁଣି, ଶୁଣେଇକି ଫାଟି ପଡ଼ିଲା
ମୂଲିଆଙ୍କ ସଂଗେ ମୂଲିଆଣି ସାଜି
ଅବିଶ୍ରାନ୍ତେ ଖଟି, ରକ୍ତ ପାଣରି କରି
ବୁହାଇ ଦେଲା
ଶେଷ ଜୀବନେ, ସେ ଭଂଗା
ଚାଳିଆ,
ଛିଣ୍ଡା କତରାର ମାଲିକ ସାଜି
ଅମାନିଆ ଲୁହ ବୁହାଇ ଦେଲା
ଅର୍ଦ୍ଧାହାର, ଅନାହାରେ ରହି
ଅସହାୟେ ତା'ର ଜୀବନ ଗଲା
ସେ ହିଁ ମା, ସର୍ବଂସହା
ସ୍ରଷ୍ଟା ସାଜି ସେ କି ବାଉଳା ହେଲା ?

ଦେଉଳସାହି, ଓଳାଭର,
କେନ୍ଦ୍ରାପଡ଼ା-୭୫୪୨୨୭
ମୋ: ୯୪୩୭୭୨୫୨୫୬



# ଅନ୍ତିମ ମହାବିଦ୍ୟା - କମଳାତ୍ମିକା




ଶିବ ପ୍ରସାଦ ବାହିନୀପତି


ଦଶ ମହାବିଦ୍ୟା ମଧ୍ୟେ ଅନ୍ତିମ ମହାବିଦ୍ୟା ହେଲେ କମଳାତ୍ମିକା ଯାହା ଶକ୍ତିର ସୌନ୍ଦର୍ଯ୍ୟ ରୂପ ; ସେ ସମ୍ପଦ ତତ୍ତ୍ୱ । ଏହା ନିରବଚ୍ଛିନ୍ନ ବିଦ୍ୟା ; ଦେବୀଙ୍କ ତନ୍ତ୍ର ରୂପ କମଳା ଅଟେ । କିନ୍ତୁ ସାଧାରଣରେ ସେ ଲକ୍ଷ୍ମୀ ରୂପେ ଅର୍ଚ୍ଚିତା । ମହାବିଦ୍ୟା ମାନଙ୍କ ମଧ୍ୟେ ଏ ବିଦ୍ୟା ସବୁଠୁ ରହସ୍ୟମୟ ଓ ଜଟିଳ , କାରଣ ଏହା ଶକ୍ତିର ନକରାତ୍ମକ ଉର୍ଜା । ସମସ୍ତଙ୍କୁ କୁହାଯାଏ ଦେବୀ, ଇଏ କିନ୍ତୁ ମହାଦେବୀ । ଏହି ଶକ୍ତି ଦ୍ୱିସ୍ତରୀୟ ; ଏହାଙ୍କର ଉପାସକଙ୍କୁ ଆଦ୍ୟ ସ୍ତରରେ ସବୁକିଛି ବିନା ଶ୍ରମରେ ପ୍ରାପ୍ତ ହୋଇଯାଏ । ଏହା ପରେ ସାଧକ ସେଇ ଭିତରେ ଦିଶା ଭ୍ରଷ୍ଟ ହୋଇ ଲୋଭ , ମୋହ , ଅହଂଗ୍ରସ୍ତ ହୋଇଯାଏ ବା ଅଟକି ଯାଏ ; ବହୁ କଷଣ ଭୋଗ କରେ । କିନ୍ତୁ ଯିଏ ଏହା ପରେ ବି ସାଧନା ନିରବଚ୍ଛିନ୍ନ ରଖନ୍ତି , ଦେବୀଙ୍କ ମାୟାରେ ମୋହଗ୍ରସ୍ତ ହୁଅନ୍ତି ନାହିଁ ତାଙ୍କୁ ଐହିକ ଜଗତରେ ଅତିନ୍ଦ୍ରିୟ ଶାନ୍ତି , ନିରୋଗ ଶରୀର , ଯନ୍ତ୍ରଣା ବିହୀନ ମୃତ୍ୟୁ , ଅନନ୍ତ ସିଦ୍ଧି ଓ ପରଲୋକରେ ମୋକ୍ଷ ପ୍ରାପ୍ତି ହୁଏ । ଏଲାଗି କମଳାତ୍ମିକା ଚଞ୍ଚଳା ଓ ଅନ୍ନଦାତ୍ରୀ ଭାବରେ ସେ ଅନ୍ନପୂର୍ଣ୍ଣା ; ଏରୂପେ ମାର୍ଗଶୀର ମାସରେ ପୂଜିତ ସେ । ପଦ୍ମାସନା (ଲକ୍ଷ୍ମୀ)ଙ୍କୁ ଗୃହରେ ପୂଜା ହୁଏ ; ଦଣ୍ଡାୟମାନ ରୂପ ତାଙ୍କର କମଳାତ୍ମିକା ଯାହା ତନ୍ତ୍ର ରୂପ । ସେ ଯୋଗାନନ୍ଦକରୀ , ଜଗସୁଖକରୀ ; ସେ ସଦା ସଦାଶିବଙ୍କ ଚିତ୍ତ ବିନୋଦନକାରିଣୀ , ସର୍ବ ସୁଖର ଈଶ୍ୱରୀ । ବ୍ରାହ୍ମଣମାନେ ତାଙ୍କୁ ଶ୍ରୀ ଆଦି ପ୍ରସିଦ୍ଧ ସୂକ୍ତରେ ସ୍ତୁତି କରନ୍ତି ଏବଂ ସେ ଏକାନ୍ତରେ ରହିବାକୁ ଭଲପା'ନ୍ତି ; ବ୍ରହ୍ମା , ରୁଦ୍ର , କମଳାପତି , ବୃହସ୍ପତିଙ୍କୁ ସେ ଦେବତ୍ୱ ଏବଂ ଐଶ୍ୱର୍ଯ୍ୟର ବରଦାତ୍ରୀ , ସେ ବିଶ୍ୱର ମାଲିକାଣୀ ଅଟନ୍ତି । ସେ ଅଶୁଚୀ ବା ଅପବିତ୍ରତାର ବିଧ୍ୱଂସକାରିଣୀ ଅଟନ୍ତି । ତାଙ୍କ ସ୍ୱାମୀ କମଳେଶ୍ୱର ମହାରୁଦ୍ର ଏବଂ ଭୈରବ ହେଲେ ବିଷ୍ଣୁ ଭୈରବ ; କମଳାତ୍ମିକାଙ୍କ ଗଣପତି ହେଉଛନ୍ତି ସ୍ୱର୍ଣ୍ଣାକର୍ଷଣ ଗଣପତି । ବିଷ୍ଣୁଙ୍କ ଦଶାବତାର ମଧ୍ୟରୁ ବୁଦ୍ଧ ଅବତାର ଏହି ତତ୍ତ୍ୱ ହ ସମ୍ପର୍କୀତ । ନବଗ୍ରହ ମଧ୍ୟରୁ ଶୁକ୍ରଗ୍ରହର ପ୍ରଭାବ ଏବଂ ଶରୀରର ଆଧ୍ୟାତ୍ମ ଚକ୍ର ମଧ୍ୟରୁ ସହସ୍ରାର ଚକ୍ର ଏ ଦେବୀଙ୍କ ନିୟନ୍ତ୍ରଣାଧିନ । ମାର୍ଗଶୀର ଅମାବାସ୍ୟା ତିଥି କମଳାତ୍ମିକା ମହାବିଦ୍ୟାଙ୍କ ସହ ଜଡ଼ିତ । ଜୀବନରେ ବିଳାସବ୍ୟସନ କମଳାତ୍ମିକାଙ୍କ ନିୟନ୍ତ୍ରଣାଧିନ । ସ୍ତ୍ରୀ ରୋଗ ବିଶେଷଜ୍ଞ , ଗହଣା , ପ୍ରସାଧନ , ପ୍ଲାଷ୍ଟିକ୍ ସର୍ଜନ , ଚର୍ମ ଓ କେଶ ବିଶେଷଜ୍ଞ , ସୌନ୍ଦର୍ଯ୍ୟ ବିଶେଷଜ୍ଞ , ଫାଷ୍ଟଫୁଡ୍ , ଖାଦ୍ୟ ପ୍ରକ୍ରିୟାକରଣ , ଚିତ୍ରକର , ଲଳିତ କଳା , ସଙ୍ଗୀତ , ଚଳଚ୍ଚିତ୍ର , କବି , ଲେଖକ , କଳାକାର , ଭିଡ଼ିଓ ସିଷ୍ଟମ , ଗୃହ ସାଜସଜ୍ଜା , ଶିଳ୍ପ କାରିଗର , ସ୍ୱଚ୍ଛତା ସମ୍ବନ୍ଧୀୟ ବିଷୟ , କାର୍ପେଟ୍ , ମାର୍ବଲ , ଟାଇଲ୍ , ଶୀତତାପ ନିୟନ୍ତ୍ରଣ , ସମସ୍ତ ପ୍ରକାରର କଳା-କଳାକାର , କାରିଗର , ସୃଜନଶୀଳତା ଓ ସମସ୍ତ ବାଣିଜ୍ୟ ବ୍ୟବସାୟର କ୍ଷେତ୍ର କମଳାତ୍ମିକାଙ୍କ ନିୟନ୍ତ୍ରଣରେ । ମଡ଼େଲିଂ , ଫ୍ୟାସନ ଡିଜାଇନ୍ , ସିନେମା , ଟେଲିଭିଜନ , ଥିଏଟର , କମ୍ପ୍ୟୁଟର ସଫ୍ଟୱେର ଆଦି କ୍ଷେତ୍ରେ ଅଗ୍ରଗତ୍ୟାର୍ଥେ କମଳାତ୍ମିକାଙ୍କୁ ଶୁକ୍ରବାର ଶ୍ୱେତ ଜବା ,କମଳ ବା ପଦ୍ମ ଓ ଡାଳିମ୍ବ ଫଳ ଅର୍ପଣ ପୂର୍ବକ ଅର୍ଚ୍ଚନା କରାଯାଇଥାଏ । ଦୁର୍ବଳ / ଅଳ୍ପ ଶୁକ୍ର , ବିକୃତ ଫେଲୋପିଆନ ଟ୍ୟୁବ୍‌ବା ତା' ସମ୍ବନ୍ଧୀୟ ଅସୁବିଧା ,ଜରାୟୁରେ ସଂକ୍ରମଣ ବା ତତ୍ ସମ୍ବନ୍ଧୀୟ ଅସୁବିଧା ,ଲଗାତର ଆର୍ଥିକ ସମସ୍ୟା , ଯୌନ ରୋଗ / ବିକୃତି , ମାସିକ ଋତୁସ୍ରାବ ସମ୍ବନ୍ଧୀୟ ଅସୁବିଧା , ଜାତକରେ ଶୁକ୍ର / ମଙ୍ଗଳ / ଶନି / ରାହୁ / କେତୁ ସହ ମିଳିତ ହୋଇ ଅଶୁଭ ଫଳ ପ୍ରଦାନ ବା ଶୁକ୍ର କର୍କଟ / ସିଂହ / କନ୍ୟା ରାଶିରେ ଅବସ୍ଥାନ ଆଦିର ନିରାକରଣାର୍ଥେ କମଳାର୍ଚ୍ଚନା କରାଯାଏ ।

'କମଳା ସପର୍ଯ୍ୟା' ପ୍ରମାଣସିଦ୍ଧି କରେ ଯେ :-

'ପରମାରାଧା ସା ଚ ଦଶଦିକ୍-ପାଳୟନ୍ତେଶ୍ୱରମ୍ ।
ତାଂ ନାମ୍ନାଂସ ଦଶମ ବିଦ୍ୟା ସିଦ୍ଧବିଦ୍ୟା ପ୍ରସିଦ୍ଧତି ।।'

ଯେଉଁ ଦେବୀ ଦିଗପାଳ ମାନଙ୍କର ପରମ ଆରାଧ୍ୟା , ସେ ଦେବୀ ଦଶମ ବିଦ୍ୟା ରୂପେ କିର୍ତ୍ତୀମାନ । 'ଶ୍ରୀ ମନ୍ତ୍ର ପଦ୍ଧତିମ୍' ଅନୁସାରେଣ:-

'କମଳ ନୟନୀ ରକ୍ତା କମଳୋଭବାସୁନ୍ଦରୀମ୍
କମଳରୁଦ୍ରଭାର୍ଯ୍ୟା ସାଃ କମଳାଳୟ ବିହାରିଣୀମ୍
କମଳା ନାମ୍ନୀ ସା ଦେବୀ ଭୃଗୁସ୍ୟ କୁଳନନ୍ଦିନୀଂ ।'

କମଳ ନୟନଯୁକ୍ତା , ରକ୍ତବର୍ଣ୍ଣା ଏବଂ ସେ କମଳରୁ ଉଦ୍ଭବା ; ସେ ଦେବୀ କମଳେଶ୍ୱର ମହାରୁଦ୍ରଙ୍କ ଭାର୍ଯ୍ୟା ତଥା ପଦ୍ମଗୃହେ ଭ୍ରମଣକାରିଣୀ ଏବଂ ଭୃଗୁ ଋଷିଙ୍କ କୁଳନନ୍ଦିନୀ ହେତୁ ସେ କମଳାତ୍ମିକା ଅଟନ୍ତି ।

ଥରେ ମହର୍ଷି ଭୃଗୁ ମାତଙ୍ଗ ଋଷିଙ୍କୁ ଭେଟିବାକୁ ଯାଇ ତାଙ୍କ କୁଟୀରରେ ଦେଖନ୍ତେ ମାତଙ୍ଗ ତାଙ୍କ କନ୍ୟା ସହ କ୍ରୀଡ଼ାରତ ; ଭୃଗୁ ଜନୈକ ସିଦ୍ଧ ତପସ୍ୱୀ ହେତୁ ସେ ଏ କନ୍ୟାକୁ ଦେଖି ସ୍ୱୟଂ ପରମେଶ୍ୱରୀ ଏଇ କନ୍ୟା ରୂପେ ଜାତ ହୋଇଥିଲେ ବୋଲି ଜାଣି ପାରିଲେ । ନିରବରେ ଆଶ୍ରମକୁ ଆସି ସେ ଆଦି ପରାଶକ୍ତିଙ୍କୁ କନ୍ୟା ରୂପେ ପାଇବାର ଉତ୍ସୁକତା ବୃଦ୍ଧି କରୁଥିଲେ । ଏମନ୍ତ ଚିନ୍ତନ ପୂର୍ବକ ସେ କୈଳାସ ମାନସରୋବର ତଟରେ ମହାତ୍ରିପୁରାସୁନ୍ଦରୀଙ୍କ ବିଷ୍ଣୁ ଉପାସ୍ୟ ମନ୍ତ୍ର ଜପ ପୂର୍ବକ ଅର୍ଚ୍ଚନା କଲେ ; ଅନେକ ବର୍ଷ ବିତିଗଲେ ବି ମହାତ୍ରିପୁରାସୁନ୍ଦରୀ ଆବିର୍ଭାବ ହେଲେ ନାହିଁ । ତେଣୁ ମନସ୍ତାପରେ ପ୍ରାଣ ବିସର୍ଜିବା ପାଇଁ ମାନସରୋବରକୁ ଗମନ ବେଳେ ସେ ଦେଖନ୍ତି ଘୋର ଅମାସ୍ୟା ରଜନୀରେ ଏକ ଅପୂର୍ବ ଲାବଣ୍ୟମୟ ପଦ୍ମ ମଧ୍ୟ ଏକ ଶିଶୁର କ୍ରନ୍ଦନ ଶୁଭୁଛି ; ସେ ଦେଖନ୍ତି ତ ଏକ ସୁନ୍ଦର ଅପୂର୍ବ ଲାବଣ୍ୟମୟୀ ଶିଶୁକନ୍ୟାଟେ । ଠିକ୍ ତେତେବେଳେ ମହାତ୍ରିପୁରାସୁନ୍ଦରୀ ଆବିର୍ଭୁତା ହୋଇ ମହର୍ଷିଙ୍କୁ ଜଣାଇଲେ 'ମୁଁ ତୁମ ତପରେ ସନ୍ତୁଷ୍ଟ ହୋଇ ଏଠାରେ ଜନ୍ମ ନେଇଛି' ; ସେଦିନ ଥିଲା ମାର୍ଗଶୀର ଅମାବାସ୍ୟା ଯାହା ପୀୟୁଷରାତ୍ରୀ ନାମରେ ପରିଚିତ ହେଲା । ଏ କିମ୍ବଦନ୍ତୀ 'କମଳାତ୍ମିକା ରତ୍ନମ୍' ସୂଚନା ପ୍ରଦାନ କରେ । କମଳାତ୍ମିକା ତନ୍ତ୍ରୋକ୍ତ ଷଟ୍‌କର୍ମରେ ଥିବା ଶାନ୍ତି କର୍ମାଧିଶ୍ୱରୀ ; ସୃଷ୍ଟିରେ ଯେତେବେଳେ ପ୍ରଳୟ , ବିଧ୍ୱଂସ ତଥା ବିନାଶ କାର୍ଯ୍ୟ ଚଳମାନ , ତା'ର ପ୍ରଶମନ କରନ୍ତି ସେ । ତେଣୁ ତାଙ୍କ ନାମ ହେଲା 'ସର୍ବପ୍ରଶମନୀ' ବା 'ମହାପ୍ରଶମନୀ ବିଦ୍ୟା' । ମହର୍ଷି ଭୃଗୁଙ୍କ କନ୍ୟା ହେତୁ ସେ 'ଭାର୍ଗବୀ' ନାମରେ ନାମିତ ।

କମଳାତ୍ମିକାଙ୍କ ପାଖରେ ଦୁଇ ରାଜସିକ ଶକ୍ତି ତଥା ଏକ ତାମସିକ ଶକ୍ତି ଥିବା ଯୋଗୁଁ ତାଙ୍କ ଗୁଣ ପମୋରାଜସିକ ; ତାଙ୍କ ପାଖରେ ସାତ୍ତ୍ୱିକ ଗୁଣ ବିଶେଷ ନାହିଁ । ଦେବଗୁରୁ ବୃହସ୍ପତି , ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟ ତଥା ଦେବରାଜ ଇନ୍ଦ୍ର ତାଙ୍କର ବିଶେଷ ସାଧକ । ସ୍ୱର୍ଗର ଐଶ୍ୱର୍ଯ୍ୟ ତାଙ୍କ କୃପାରୁ ତିଷ୍ଠିତ । ତାଙ୍କ ମସ୍ତକରେ ସ୍ଥିତ ଦ୍ୱିତୀୟା ଚନ୍ଦ୍ର ରାଜସିକ ତତ୍ତ୍ୱର ଦ୍ୟୋତକ ଏବଂ ତାଙ୍କ ତ୍ରିନୟନ ଧନ - ଜନ - ଗୋପ ତ୍ରି ଐଶ୍ୱର୍ଯ୍ୟର ସୂଚକ । ଦେବୀ ଧାରଣ କରିଥିବା ପଦ୍ମ ରକ୍ତବର୍ଣ୍ଣର ଓ ତା'ର ନାମ 'ପୁଷ୍ଟି' ଅଟେ ଏବଂ ବାମ ହସ୍ତରେ ଥିବା ରକ୍ତପଦ୍ମ 'ତୁଷ୍ଟି' ନାମରେ ନାମିତ । କମଳାତ୍ମିକାଙ୍କ ଚତୁଃପାର୍ଶ୍ୱେ ଚାରୋଟି ହସ୍ତୀ କନକ କଳସ ମାନସରୋବରର ଅମୃତ ନୀରରେ ମାତାଙ୍କ ଅଭିଷେକ କରୁଥା'ନ୍ତି ; ସେମାନେ ହେଲେ କ୍ରମାନ୍ୱୟରେ ଦକ୍ଷିଣରୁ ବାମ ପ୍ରଣଙ୍ଗ , ପ୍ରସୂତ , ପ୍ରବୀଣ ଓ ପ୍ରଦୋଷ । କୁହାଯାଏ ଏ ହସ୍ତୀମାନେ ଚାରିବେଦ ; କମଳାତ୍ମିକାଙ୍କ ରକ୍ତବାସ ସୌଭାଗ୍ୟର ପ୍ରତୀକ ଏବଂ ତାଙ୍କ ଶରୀରର ବର୍ଣ୍ଣ ହିମଗିରି ପରି ଶୁକ୍ଳ । ସେ ଗଳାରେ ଶୁଦ୍ଧ ସ୍ଫଟିକମାଳା ଧାରଣ କରିଛନ୍ତି ଏବଂ ସଦ୍ୟ ପ୍ରସ୍ଫୁଟିତ ପାରିଜାତମାଳା ବି ଧାରଣ କରିଛନ୍ତି । ତାଙ୍କ ସିଂହାସନଟି ଷଡ଼ୈଶ୍ୱର୍ଯ୍ୟାତ୍ମକ ମହାପଦ୍ମମଞ୍ଚ ଷଟ୍‌କୋଣୀ ଯା'ର ଷଡ଼କୋଣରେ ବ୍ରହ୍ମା , ଯମ , ଧର୍ମ , ଇନ୍ଦ୍ର , ଶୁକ୍ର , ବୃହସ୍ପତି ଅଛନ୍ତି । ମଣିଦ୍ୱୀପରେ ତାଙ୍କ ମଣ୍ଡପର ନାମ 'ଇନ୍ଦ୍ରନୀଳ ମଣ୍ଡପ' । ସେଦେଖିବାକୁ ଲକ୍ଷ୍ମୀଙ୍କ ପରି ହୋଇଥିଲେ ମଧ ଲକ୍ଷ୍ମୀ ନୁହଁନ୍ତି , ଲକ୍ଷ୍ମୀ ତତ୍ତ୍ୱ କେବଳ ତାଙ୍କ ପାଖରେ ପରିଲକ୍ଷିତ । ସେ ପାର୍ବତୀଙ୍କ ଶରୀରରେ ପ୍ରକାଶିତ ଆଦିପରାଶକ୍ତିଙ୍କ ଛାୟା ।

ଦେବୀଙ୍କ ହୃଦୟଚକ୍ର (ଅନାହତ)କୁ ସ୍ପର୍ଶ କରି ଶୁଦ୍ଧ ସ୍ଫଟିକମାଳା ଥିବାରୁ ତାଙ୍କ ମନ୍ତ୍ର ସ୍ଫଟିକମାଳାରେ ଜପ ହୁଏ । ସେ ସୌମ୍ୟଦେବୀ କିନ୍ତୁ ରକ୍ତ ତଥା ଗଣ୍ଡାମାଂସ ପ୍ରିୟା ; ମହାବଳିପ୍ରିୟା ସେ । ନଦୀ , ପୋଖରୀ ମାଛ ଅତି ପ୍ରିୟ । ସେ ପଦ୍ମପୁଷ୍ପ ଭରା ପୁଷ୍କରିଣୀ , ପଦ୍ମ ଉଦ୍ୟାନ ଓ ଗୋଶାଳାରେ ହିଁ ବାସ କରନ୍ତି , ଏସବୁ ସ୍ଥାନରେ ସାଧନ ମହାଫଳଦାୟକ ଅଟେ । ଭାରତରେ ଥିବା କମଳାତ୍ମିକାଙ୍କ ପ୍ରମୁଖ ପୀଠ ହେଉଛି କର୍ଣ୍ଣାଟକର ବେଲଗୁମ୍ ଜିଲ୍ଲାର ଚିକାଲାଦିନ୍ନୀ କମଳାତ୍ମିକା ପୀଠ , ମହାରାଷ୍ଟ୍ରର ଥାନେ ଜିଲ୍ଲାର ଦଣ୍ଡିପଡ଼ା କମଳେଶ୍ୱରୀ ଧାମ , ତାମିଲନାଡୁର ତିରୁବାରୁର କମଳେଶ୍ୱରୀ ପୀଠ ଏବଂ ଆନ୍ଧ୍ରପ୍ରଦେଶର ଚିତ୍ତୋର ଜିଲ୍ଲାର ଚଲାମୟାପୁରମ୍‌ର କମଳାତ୍ମିକା ପୀଠ । ମହାମାୟୀ ସର୍ବମଙ୍ଗଳ ବିଧାନ କରନ୍ତୁ ; ଏତିକି ପ୍ରାର୍ଥନା ମାତ୍ର ।


ସମ୍ପାଦକ - ଉଦୟ ଭାନୁ / ସୁଦେଷ୍ଣା ପ୍ରମୋଦ
ସାହିତ୍ୟ ସଂସଦ
ଭାଟପଡ଼ା , ନିରାକାରପୁର , କଣାସ , ପୁରୀ
ମୋ: ୮୯୧୭୪୮୦୫୩୬


# ସୌନ୍ଦର୍ଯ୍ୟର ଗନ୍ତାଘର: କାନାତାଲ୍

ଉତ୍ତରାଖଣ୍ଡରେ ଗ୍ରୀଷ୍ମରେ ଦୋବିଦେଶରୁ ପର୍ଯ୍ୟଟକଙ୍କ ଭିଡ଼ ଲାଗିରହିଥାଏ । ଗରମର ପ୍ରକୋପରୁ ବର୍ତ୍ତିବା ନିମନ୍ତେ ଲୋକେ ଏଠାରେ ଥିବା ସୁନ୍ଦର ହିଲଷ୍ଟେସନଗୁଡ଼ିକୁ ଛୁଟିଥାନ୍ତି । ସେଠାକା ଟିହରି-ଗଡ଼ୱାଲ ଜିଲାସ୍ଥ ଚମ୍ବା - ମସୁରୀ ହାଇୱେ ପାଖରେ କାନାତାଲ ଗ୍ରାମ ରହିଛି ମସୁରୀ ଯାତ୍ରା କରୁଥିବା ସଂଖ୍ୟାଧିକ ପର୍ଯ୍ୟଟକ ଏଇ ଗ୍ରାମରେ ଗୋଟିଏ ଦିନର ରହଣି କରି ଯାତ୍ରା କରନ୍ତି । କାନାତାଲ୍‌ରେ ବିଭିନ୍ନ ଦଶନୀୟ ପର୍ଯଟକମାନେ ନେଇଥାନ୍ତି । ତନ୍ମଧ୍ୟରୁ ପ୍ରମୁଖ ଆକର୍ଷଣ ହେଉଛି ସ୍ଥାନୀୟ ଘାଟି । ରୋମାଞ୍ଚକର ଏଇ ଘାଟିରେ ଯିବା ପୂର୍ବରୁ ପ୍ରଥମେ ପର୍ଯ୍ୟଟକଙ୍କୁ ସତର୍କ କରାଯାଏ । ସେମାନେ ଦୃଢ଼ମନା ଓ ସୁସ୍ଥ ହୋଇଥିବା ଦରକାର । ଭର୍ଟିଗୋ ରୋଗୀ ହୃଦରୋଗୀଙ୍କୁ ଏଇ ଘାଟି ଦେଇ ଯିବା ପାଇଁ ସମ୍ପୂର୍ଣ୍ଣ ବାରଣ କରାଯାଇଛି । ଇଚ୍ଛୁକ ଲୋକଙ୍କର ଅଣ୍ଟାରେ ମୋଟା ଦଉଡ଼ି ବନ୍ଧାଯାଏ, ୮୦ଫୁଟ ଗଭୀର ଘାଟି ଉପରେ ଦେଇ ଚାଲିକରି ଯିବାକୁ ପଡ଼େ । ଘାଟି ଉପରେ ଦେଇ ଯିବାବେଳେ ଚତୁର୍ଦିଗର ସୌନ୍ଦର୍ଯ୍ୟକୁ ଲୋକେ ଭଲ ଭାବେ ଅନୁଭବ କରନ୍ତି । ସ୍ଥାନୀୟ





କୋଡ଼ିଆ ଜଙ୍ଗଲରେ କ୍ୟାମ୍ପିଂ କରି ପର୍ଯ୍ୟଟକଙ୍କୁ ଭିନ୍ନ ଅନୁଭବ ଦିଆଯାଏ । ଜଙ୍ଗଲରେ କ୍ୟାମ୍ପିଂ ସମୟରେ ହରିଣ ବଣୁଆ ଘୁଷୁରୀ ଆଦି ପ୍ରାଣୀ ସହଜରେ ଦେଖିବାକୁ ମିଳନ୍ତି । ଏଇ କାନାତାଲ ଗ୍ରାମକୁ ଯାତାୟତ ପାଇଁ ମଧ କୌଣସି ଅସୁବିଧା ନାହିଁ । ମସୁରୀ - ଚମ୍ବା ସଡ଼କପଥ ଦେଇ ସେଠାକୁ ଯାଇହେବ, ନଚେତ ଡେରାଡୁନ ଓ ଋଷିକେଶ ଏହାର ନିକଟତମ



ରେଳଷ୍ଟେସନ ଅଟନ୍ତି । ଗ୍ରୀଷ୍ମଦିନେ ଏଇ ଅଞ୍ଚଳହେର ତାପମାତ୍ରା ଅତିବେଶୀରେ ୧୦-୨୦ ଡିଗ୍ରୀ ରହିଥାଏ ।

# ଟମାଟୋ ଦେହକୁ ହିତ

ଟମାଟୋ ଏକ ଉପାଦେୟ ପରିବା । ଅଧିକାଂଶ ତରକାରିରେ ଏହା ପଡ଼େ । ଏହାକୁ ସୁପ୍ ଚଟଣି ଏବଂ ସାଲାଡରେ ମଧ ବ୍ୟବହାର କରାଯାଏ । ଏଥିରେ ଭିଟାମିନ, ଖଣିଜ ସିହ ମଣିଷ ପାଇଁ ଆବଶ୍ୟକ ଏକାଧିକ ପୋଷକ ତତ୍ତ୍ୱ ରହିଥାଏ । ଏହା କୋଲେଷ୍ଟରଲ ମଧୁମେହକୁ ମଧ ନିୟନ୍ତ୍ରିତ କରେ ।



- ପ୍ରତିଦିନ ସକାଳେ ବିନା ପାଣିରେ ଗୋଟିଏ ଟମାଟୋ ଖାଆନ୍ତୁ । ଏହା ଦେହ ପାଇଁ ସ୍ୱାସ୍ଥ୍ୟକର । ଟମାଟୋ ଶିଶୁଙ୍କ ମାନସିକ ଓ ଶାରୀରିକ ବିକାଶ ପାଇଁ ଉପଯୋଗୀ ।
- ପ୍ରତିଦିନ ୨/୩ଟି ଟମାଟୋ ଖାଇଲେ ଓଜନ କମେ ।
- ଟମାଟୋ ସହିତ ଜୁଆଣି ମିଶାଇ ଖାଇଲେ ଗଣ୍ଠିବାତ ଦୂର ହୁଏ ।
- ଗର୍ଭାବସ୍ଥାରେ ମହିଳାମାନେ ଡାକ୍ତରଙ୍କ ପରାମର୍ଶ ନେଇ ଟମାଟୋ ଖାଇବା ଉଚିତ ।
- ଟମାଟୋରେ ଭିଟାମିନ୍ କେ ଏବଂ କ୍ୟାଲସିୟମ ଥିବାରୁ ଏହା ହାଡ଼ ମଜଭୁତ କରେ ।
- ଟମାଟୋରେ ସୈନ୍ଧବ ଲବଣ ମିଶାଇ ଖୋଇଲେ ମୁହଁ ଉଜ୍ଜ୍ୱଳ ଦେଖାଯିବ ।

# କମ୍ ବୟସରେ କେଶ ପାଚିବା ସମସ୍ୟା ଓ ଘରୋଇ ଉପଚାର



କେଶର ରଙ୍ଗ କଳା ବା ସ୍ୱାଭାବିକ ରଖୁଥିବା ମେଲାନିନ ନାମକ ଏକ ଉପାଦାନ କମିଗଲେ, କେଶ ପାଚେ । ସାଧାରଣତଃ କୋଡ଼ିଏ ବର୍ଷ ପରେ ମେଲାନିନ କମିବା ଆରମ୍ଭ ହୁଏ । ଏଥିପ୍ରତି ସାବଧାନତା ଜରୁରୀ । ଏହି ବୟସରେ କେଶ ପାଚିଲେ ରାସାୟନିକ କେଶ ରଙ୍ଗ ବ୍ୟବହାର କରନ୍ତୁ ନାହିଁ । ଏହା ଦ୍ୱାରା କଳା କେଶ ଖୁବ ଶୀଘ୍ର ପ୍ରଭାବିତ ହୁଏ । କମ ଦିନ ମଧ୍ୟରେ ସବୁ କେଶ ପାଚିଯାଏ । ପାର୍ଶ୍ୱ ପ୍ରତିକ୍ରିୟା ଘଟି କେଶ ମୂଳରେ ଘା' ହୋଇପାରେ । ତିନି ଚାମଚ ଲେମ୍ବୁ ରସରେ ନଡ଼ିଆ ତେଲ ଫେଣ୍ଟି କେଶରେ ଲଗାନ୍ତୁ ଓ ମଥାରେ ଘଷନ୍ତୁ । ଘଣ୍ଟାଏ ପରେ ଅଁଳା, ରିଠା ରସଯୁକ୍ତ ସାମ୍ପୁରେ ଧୁଅନ୍ତୁ । ଏହା ଦ୍ୱାରା କେଶକୁ ଏଣ୍ଟିଅକ୍ସିଡାଣ୍ଟ ମିଳେ ଓ ପାଚିବା ବନ୍ଦ ହୁଏ । ସଂକ୍ରମଣ କିମ୍ବା ପାର୍ଶ୍ୱ ପ୍ରତିକ୍ରିୟା ଭୟ ରହେ ନାହିଁ ସପ୍ତାହରେ ଦୁଇ ଥର ଏହି ଉପଚାର କରନ୍ତୁ ।

ନଡ଼ିଆ କିମ୍ବା ସୋରିଷ ତେଲରେ କିଛି ମେହେନ୍ଦି ପତ୍ର ଫୁଟାଇ, କେଶରେ ଲଗାଇବା ଦ୍ୱାରା କମ ବୟସରେ କେଶ ପାଳିବା ସମସ୍ୟା ଦୂର ହୁଏ । ଅଁଳାର ଭିଟାମିନ ସି ଏବଂ ଏଣ୍ଟିଅକ୍ସିଡାଣ୍ଟ ଉପାଦାନ ପକ୍ୱ କେଶ ପ୍ରତିରୋଧୀ । ଶୁଖିଲା ଅଁଳାକୁ






ନଡ଼ିଆ ତେଲରେ ଫୁଟାଇ, ଥଣ୍ଡା ହେବା ପରେ କେଶରେ ଲଗାନ୍ତୁ ସପ୍ତାହରେଦୁଇଥର ଏପରି କରିବା ଦ୍ୱାରା କେଶ ପାଚିବା ବନ୍ଦ ହୁଏ ।

# କୋମଳ ହାତ

ଅଧ କପ ଗୋଲାପ ଜଳରେ ଦୁଇ ଚାମଚ ଗ୍ଲିସେରିନ ଓ ଫାଳେ ଲେମ୍ବୁ ରସ ଫେଣ୍ଟି ଦିନକୁ ଦୁଇଥର ହାତରେ ଲଗାନ୍ତୁ । ନିୟମିତ ହାତରେ ବାଦାମ ତେଲ ଲଗାଇବା ଦ୍ୱାରା ତ୍ୱଚାରୁ ମୃତ କୋଷ ବାହାରିଯାଏ ଓ ମୁଲାୟାମ ହୁଏ । ରାତିରେ ଲହୁଣି ଲଗାଇ ସକାଳେ ହାତ ଧୁଅନ୍ତୁ, ରୁକ୍ଷତା ଦୂର ହେବ ଓ କୋଳ ରହିବ । ରାତିରେ ଶୋଇବା ପୂର୍ବରୁ ଘିକୁଆଁରୀ ରସ ଲଗାଇ, ସକାଳେ ଧୁଅନ୍ତୁ । ପ୍ରତିଦିନ ଦୁଇଥର ମହୁ-ଲେମ୍ବୁ ମିଶ୍ରିତ ଜଳରେ ଦଶମିନିଟ ଯାଏ ହାତ ବୁଡ଼ାଇ ରଖନ୍ତୁ ।





# ଫଳ ଖାଉଥିଲେ ଧ୍ୟାନ ଦିଅନ୍ତୁ

ସୁସ୍ଥ ଶରୀର ପାଇଁ ଫଳକୁ ସବୁଠାରୁ ଭଲ ପୋଷଣ ଭାବରେ ନିଆଯାଇଥାଏ । ପ୍ରାୟତଃ ସମସ୍ତ ଫଳରେ ପ୍ରୋଟିନ ଭିଟାମିନ, ଆଣ୍ଟିଅକ୍ସିଡେଣ୍ଟ, ଫାଇବର ପରି ପୋଷାକ ତତ୍ତ୍ୱ ମିଳିଥାଏ । କିନ୍ତୁ ଅଧିକାଂଶ ଲୋକ ଠିକ୍ ଭାବରେ ଏହାକୁ ଖାଇ ନଥାନ୍ତି । ଅନେକ ଲୋକ ଖାଇସାରିବା ପରେ ମିଠା ଭାବରେ ଫଳ ଖାଇଥାନ୍ତି । ଏହା ଠିକ୍ ନୁହେଁ ଫଳକୁ ଠିକ୍ ସମୟରେ ନଖାଇଲେ ପାଚନ ପ୍ରକ୍ରିୟାରେ ସମସ୍ୟା, ଏସିଡିଟି ଓ କୋଷ୍ଠକାଠିନ୍ୟ ପରି ସମସ୍ୟା ଦେଖାଦେଇଥାଏ ।



ସେଓ:- ମିନେରାଲ ଓ ଭିଟାମିନରେ ଭରପୂର ସେଓରେ ଫାଇବର ବହୁତ ମାତ୍ରାରେ ମିଳିଥାଏ ଏଥିରେ କୋଲେଷ୍ଟ୍ରୋଲ ନଥାଏ । ସେଓକୁ ଚୋପା ସହିତ ଖାଆନ୍ତୁ । ଏହାକୁ ସକାଳ ସମୟରେ ଖାଆନ୍ତୁ ଖାଲି ପେଟରେ ସେଓ ଖାଇଲେ ଶରୀରରେ ଟକ୍ସିକ୍ ସହଜରେ ବାହାରିଯିବ । ଏହା ଶକ୍ତି ମଧ ଯୋଗାଇଥାଏ ।

କମଳା:- ଏଥିରେ ଭିଟାମିନ ସି ପର୍ଯ୍ୟାପ୍ତ ପରିମାଣରେ ମିଳିଥାଏ । ଏହା ବ୍ୟତୀତ ଭିଟାମିନ ଏ, ବି ମଧ ପର୍ଯ୍ୟାପ୍ତ ପରିମାଣରେ ମିଳିଥାଏ । ଏଥିରୁ କ୍ୟାଲସିୟମ, ଆୟୋଡିନ, ସୋଡ଼ିୟମ ପରି ତତ୍ତ୍ୱ ମିଳିଥାଏ । ଏହାକୁ ସକାଳେ ଓ ରାତିରେ ଖାଆନ୍ତୁ ନାହିଁ । ଦିନ ସମୟରେ ଖାଆନ୍ତୁ । ଧ୍ୟାନ ରଖନ୍ତୁ ସବୁବେଳେ ଖାଇବାର ୧ଘଣ୍ଟା ପୂର୍ବରୁ ବା ୧ଘଣ୍ଟା ପରେ କମଳା ଖାଆନ୍ତୁ ।

ଆମ୍ବ:- ଏଥିରେ ଭିଟାମିନ ବି, ଭିଟାମିନ୍ ଏ ଓ ଭିଟାମିନ ସି ମିଳିଥାଏ । ଆମ୍ବରେ ପୋଟାସିୟମ, ମ୍ୟାଗ୍ନେସିୟମ ଓ କପର ପରି ମିନେରାଲ ଖୁବ ପରିମାଣରେ ଥାଏ । ଆମ୍ବର ରସ ଗରମ ହୋଇଥାଏ, ତେଣୁ ଆମ୍ବ ସହିତ କ୍ଷୀର ପିଅନ୍ତୁ ନାହିଁ ।

ନଡ଼ିଆ:- ନଡ଼ିଆରେ ଭିଟାମିନ, ପୋଟାସିୟମ, ଫାଇବର, କ୍ୟାଲସିୟମ, ମ୍ୟାଗ୍ନେସିୟମ ଆଦି ଅଧିକ ପରିମାଣରେ ମିଳିଥାଏ । ଏଥିରେ କୋଲେଷ୍ଟ୍ରୋଲ ନଥାଏ ନଡ଼ିଆ ପାଣିକୁ ଖାଲି ପେଟରେ ପିଇବେ ନାହିଁ ।

# ବସ୍ କବ୍‌ଜାରେ ରାଜଧାନୀର ସର୍ଭିସ୍ ରୋଡ୍: ଟ୍ରାଫିକ୍ ଭିଡ଼ରେ ସମସ୍ତେ ହନ୍ତସନ୍ତ




ଖଣ୍ଡଗିରି, ୨୩/୦୫ (ନି.ପ୍ର): ଖଣ୍ଡଗିରି ଅଞ୍ଚଳରେ ପ୍ରମୁଖ ସର୍ଭିସ୍ ରୋଡ୍ ଏବେ ବସ୍‌ମାନଙ୍କ କବ୍‌ଜାରେ। ଖଣ୍ଡଗିରି-ବରମୁଣ୍ଡା, ଖଣ୍ଡଗିରି ବସ୍ ଟର୍ମିନାଲ-ତପୋବନ ସ୍କୁଲ୍ ସର୍ଭିସ୍ ରୋଡ୍‌ରେ ବସ୍‌ଗୁଡ଼ିକ ପାର୍କିଂ କରୁଛନ୍ତି। ଦିନର ପ୍ରାୟ ସବୁ ସମୟରେ ଶହଶହ ବସ୍ ପାର୍କିଂ କରୁଥିବାରୁ ସ୍ୱାଭାବିକ ଭାବେ ଟ୍ରାଫିକ୍ ଭିଡ଼ ହେଉଛି ଏବଂ ସ୍ଥାନୀୟ ଲୋକେ ଯାତାୟାତ ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବରମୁଣ୍ଡାରୁ ଖଣ୍ଡଗିରି ଛକ ପର୍ଯ୍ୟନ୍ତ ଲମ୍ବିଥିବା ସର୍ଭିସ୍ ରୋଡ୍‌ର ଦୈର୍ଘ୍ୟ ପ୍ରାୟ ୨ କିଲୋମିଟର। ଏହି ରାସ୍ତାରେ ଏବେ ବସ୍‌ଗୁଡ଼ିକ ଘଣ୍ଟାଘଣ୍ଟା ଧରି ପାର୍କିଂ କରୁଛନ୍ତି। ଫଳରେ ୨୫ ଫୁଟ୍ ଓସାରର ରାସ୍ତା ସଂକୁଚିତ ହୋଇ ମାତ୍ର ୧୦ ଫୁଟ୍ ପ୍ରସ୍ଥ ବିଶିଷ୍ଟ ହୋଇଯାଉଛି। ଫଳରେ ଯେଉଁମାନେ ବରମୁଣ୍ଡାରୁ ବାହାରି ଖଣ୍ଡଗିରି ଛକ ଆଡ଼କୁ ଯିବାକୁ ଚାହୁଁଛନ୍ତି, ସେମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସେହିପରି ଗାନ୍ଧୀ ଶାନ୍ତିକେନ୍ଦ୍ର ସମ୍ମୁଖ ରାସ୍ତାରୁ ଏନ୍‌ଏଚ୍ ସର୍ଭିସ୍ ରୋଡ୍, ତପୋବନ ସ୍କୁଲ୍ ରାସ୍ତାରେ ଶହଶହ ବସ୍ ପାର୍କିଂ ହେଉଛି। ଫଳରେ ଘାଟିକିଆ, ଖଣ୍ଡଗିରିବାରି, କଳିଙ୍ଗବିହାର ଆଦି ଅଞ୍ଚଳର ଲୋକେ ବରମୁଣ୍ଡାରେ ପହଞ୍ଚିବାକୁ ଯମଯନ୍ତ୍ରଣା ଭୋଗୁଛନ୍ତି। ସେହିଭଳି ବରମୁଣ୍ଡାରୁ ରସୁଲଗଡ଼ ଅଭିମୁଖେ ଯାଉଥିବା ଲୋକେ ଫ୍ଲାଏଓଭର ବ୍ରିଜ୍ ତଳେ ପଶି ରାଜ୍ ଇଲେକ୍ଟ୍ରୋନିକ୍ସ ସମ୍ମୁଖରେ ଜାତୀୟ ରାଜପଥକୁ ଉଠିବେ। କିନ୍ତୁ ଏହି ସର୍ଭିସ୍ ରୋଡ୍‌ରେ ବସ୍‌ଗୁଡ଼ିକ ରହୁଥିବାରୁ ଅନେକ ସମୟରେ ଟ୍ରାଫିକ୍ ସମସ୍ୟା ଉପୁଜୁଛି। କେତେକ ବସ୍ ସେହି ରାସ୍ତା ରହି ରହି ଯାତ୍ରୀ ଉଠାଉଛନ୍ତି। ତେଣୁ କାର ଚାଳକମାନଙ୍କଠାରୁ ଆରମ୍ଭ କରି ବାଇକ୍ ଓ ଅଟୋ ଚାଳକମାନେ ଭିଡ଼ ଭିତରେ ଫସି ଯାଉଛନ୍ତି। ବଡ଼ କଥା ହେଉଛି ବରମୁଣ୍ଡା, ନାକାଗେଟ୍, ଘାଟକିଆ ଅଞ୍ଚଳରୁ ଆସୁଥିବା ଆମ୍ବୁଲାନ୍ସ ମଧ୍ୟ ଏହି ଭିଡ଼ ଭିତରେ ଫସିଯାଉଛି।

ବସ୍ ପାର୍କିଂକୁ ନେଇ ଉପୁଜୁଥିବା ଅସନ୍ତୋଷ ସମ୍ପର୍କରେ ବସ୍ ମାଲିକ ସଂଘର ସମ୍ପାଦକ ବରଦା ଆଚାର୍ଯ୍ୟଙ୍କ କହିବା କଥା, ବରମୁଣ୍ଡା ଆଇଏସ୍‌ବିଟି କାମ ଚାଲିଥିବାରୁ ଓୟୁଏଟିର ୪ ଏକର ଜାଗାରେ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇଛି। ହେଲେ ଉକ୍ତ ଜାଗାରେ ସବୁ ବସ୍ ରହିବା ପାଇଁ ଯଥେଷ୍ଟ ନୁହେଁ। ଆଇଏସ୍‌ବିଟିର ବିଲ୍‌ଡିଂ କାମ ବେଳେ ସେଠାରେ କିଛି ଗାଡ଼ି ପାର୍କିଂ ହେଉଥିଲା। ଏବେ ସେଠାରେ ଅନ୍ୟାନ୍ୟ କାମ ଆରମ୍ଭ ହୋଇଯାଇଥିବାରୁ ୯୦୦ରୁ ଅଧିକ ବସ୍ ରହିବାକୁ ଜାଗା ହେଉନି। ସେହିଭଳି ଅସ୍ଥାୟୀ ବସ୍‌ଷ୍ଟାଣ୍ଡରେ କିଛି ପରିତ୍ୟକ୍ତ ବସ୍ ଥିବାରୁ ସମସ୍ୟା ହେଉଛି। ଜାଗା ନଥିବାରୁ ୨୦୦ରୁ ଅଧିକ ବସ୍ ସର୍ଭିସ୍ ରୋଡ୍ ଓ ଅନ୍ୟାନ୍ୟ ସ୍ଥାନରେ ପାର୍କିଂ କରୁଛନ୍ତି। ଏ ନେଇ ବିଡିଏକୁ ସୂଚନା ଦିଆଯାଇଛି। ବିଡିଏ କର୍ତ୍ତୃପକ୍ଷ ସୁବିଧାଜନକ ସ୍ଥାନ ଯୋଗାଇ ଦେଲେ ଏହି ସମସ୍ୟା ରହିବ ନାହିଁ।

# ଛାତ୍ରୀଙ୍କ ଘରକୁ ଯାଇ ଜାତିଗତ ପ୍ରମାଣପତ୍ର ପହଂଚାଇଲେ ତହସିଲଦାର

କନ୍ଧମାଳ, ୨୩/୦୫ (ନି.ପ୍ର): କନ୍ଧମାଳ ଜିଲ୍ଲା କ. ନୂଆଗାଁ ବିଡ଼ିଓ ତଥା ଅତିରିକ୍ତ ଦାଇତ୍ୱରେ ଥିବା ତହସିଲଦାର ଜୟଦେବ ଦାଶଙ୍କ ମହାନତା ଦେଖିବାକୁ ମିଳିଛି। ବିଡ଼ିଓ ଶ୍ରୀ ଦାଶ ଦୁଇ ଦୁଇଟା ଦାଇତ୍ୱରେ ରହି ସମସ୍ତ ବ୍ୟସ୍ତତା ମଧ୍ୟରେ ନିଜେ ଗାଁକୁ ଯାଇ ଛାତ୍ରୀଙ୍କୁ ଜାତିଗତ ପ୍ରମାଣପତ୍ର ଘରେ ଦେଇ ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି। ଯାହାକୁ ନେଇ ଏବେ ଚର୍ଚ୍ଚା ଯୋର ଧରିଛି। ସୂଚନାଯୋଗ୍ୟ, କ. ନୂଆଗାଁ ବ୍ଲକ ଅନ୍ତର୍ଗତ ବାଲିଗେଡା ଗ୍ରାମର ଲତିକା ପ୍ରଧାନ ନାମକ ଜଣେ ଛାତ୍ରୀ ତାମିଲନାଡୁରେ ଉଚ୍ଚ ଶିକ୍ଷା ସ୍ନାତକୋତର ପଢିବା ପାଇଁ ଜାତିଗତ ପ୍ରମାଣପତ୍ର ନିମନ୍ତେ ତହସିଲଦାର ଦାୟୀତ୍ୱରେ ଥିବା ବିଡ଼ିଓଙ୍କ ନିକଟରେ ଆବେଦନ କରିଥିଲେ। ଆଉ ଆଜି ହିଁ ଅନ ଲାଇନ ମାଧ୍ୟମରେ ଆବେଦନ କରିବାର ଶେଷ ତାରିଖ ଥିଲା। ଆଉ ଲତିକାଙ୍କ ବାପା ଏ ନେଇ ବିଡ଼ିଓ ତଥା ତହସିଲଦାର ଜୟଦେବ ଦାଶଙ୍କୁ ଜଣାଇଥିଲେ। ଆଉ ବିଡ଼ିଓ ଛାତ୍ରୀଙ୍କ ସମସ୍ୟା ବୁଝିପାରି ଆବେଦନ କରିବାର ଅଧଘଣ୍ଟା ମଧ୍ୟରେ ଜାତିଗତ ପ୍ରମାଣପତ୍ର ନିଜେ ଧରି ଲତିକାଙ୍କ ଗ୍ରାମ ବାଲିଗେଡା ଯାଇ ତାଙ୍କୁ ଘରେ ପ୍ରଦାନ କରିଥିଲେ। ବିଡ଼ିଓଙ୍କ ଏଭଳି ମାନବିକତା ଓ ତୁରନ୍ତ ପଦକ୍ଷେପକୁ ଛାତ୍ରୀ ଲତିକା ପ୍ରଧାନଙ୍କ ସମେତ ଗ୍ରାମବାସୀ ଭୂୟସୀ ପ୍ରଶଂସା କରିବା ସହ ଅଫିସର ହେବ ତ ଏମିତି ବୋଲି କହିଛନ୍ତି। ଜାତିଗତ ପ୍ରମାଣପତ୍ର ପାଇବା ପରେ ଲତିକା ପିଜି ପଢିବା ପାଇଁ ଅନଲାଇନରେ ଆବେଦନ କରିଥବା କହିଛନ୍ତି । ସେହିପରି ବିଡ଼ିଓ ଶ୍ରୀ ଦାଶ ଦାୟୀତ୍ୱ ଗ୍ରହଣ କରିବା ପରଠାରୁ ବ୍ଲକ ଅଂଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯେପରି ଉଚ୍ଚ ମାନର ହେବା ସହ ନିର୍ଧାରିତ ସମୟ ସୀମା ମଧ୍ୟରେ ସରିବ ଆଉ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସୁଫଳ ଯେପରି ଗ୍ରାମାଂଚଳର ଗରିବ ଲୋକେ ପାଇବେ ସେଥିପ୍ରତି ସତର୍କ ଦୃଷ୍ଟି ରଖିଛନ୍ତି। ଫଳରେ ଅଂଚଳରେ ଉନ୍ନୟନମୂଳକ କାର୍ଯ୍ୟ ଜୋରସୋରରେ ଚାଲିଥିବା ଜଣାପଡ଼ିଛି । ତେବେ ବିଡ଼ିଓ ଶ୍ରୀ ଦାଶଙ୍କ ଏଭଳି କାର୍ଯ୍ୟ ଅନ୍ୟ ମାନଙ୍କ ପାଇଁ ପ୍ରେରଣା ସାଜିଛି ନିଶ୍ଚୟ।

# କାରରୁ ୨୮ କେଜି ଗଞ୍ଜେଇ ଜବତ

ବଲାଙ୍ଗିର, ୨୩/୦୫ (ନି.ପ୍ର): ବଲାଙ୍ଗିରରେ ଥମିବାର ନାଁ ନେଉ ନାହିଁ ଗଞ୍ଜେଇ ଚୋରାଚାଲାଣ କାରବାର । ଚୋରା ଗଞ୍ଜେଇ କାରବାରର ହବ୍ ପାଲଟିଲାଣି ବଲାଙ୍ଗିର ସହର ଓ ଏହାର କିଛି ଆଖପାଖ ଅଂଚଳ । ଗତକାଲି ବଲାଙ୍ଗିର ଦେଓଗାଁ ପୋଲିସ ରତନପୁର ଢ଼ାବା ନିକଟରେ ଏକ ନିଛାଟିଆ ସ୍ଥାନରେ ଥିବା ଗୋଦାମ ଘରେ ଗଂଜେଇ ଭର୍ତି ଏକ ଇନୋଭା ଗାଡି ରହିଥିବା ସୂଚନା ପାଇଥିଲା, ଯାହା ରାତିରେ ଆସି ସେହି ସ୍ଥାନରେ ରଖାଯାଇଥିବା ନେଇ ମିଳିଥିବା ସୂତ୍ରରୁ ପୋଲିସ ହାତରେ ଖବର ଲାଗିଥିଲା । ଗତକାଲି ଘଟଣାସ୍ଥଳରେ ପୋଲିସ ଚଢଉ କରିଥିଲା । ଇନୋଭା ଗାଡ଼ିକୁ ଖୋଲିଥିଲା । ଗାଡ଼ି ଭିତରୁ ୨୮ କେ.ଜି. ଗଞ୍ଜେଇ ବାହାରିଥିଲା । ଦେଓଗାଁ ପୋଲିସ ଗାଡିକୁ ଜବତ କରିବା ସହ ଗାଡି ଭିତରୁ ବାହାରିଥିବା ଗଞ୍ଜେଇକୁ ଜବତ କରିଛି । ତେବେ ଗାଡିଟି ରତନପୁର ଢ଼ାବା ଆଗରେ ରହିଥିବା ଯୋଗୁଁ ଏହା ଢ଼ାବା ମାଲିକଙ୍କର ବୋଲି ଅନୁମାନ କରି ଢ଼ାବା ମାଲିକ ନଥିବା ଯୋଗୁଁ ଢ଼ାବାର ଦୁଇ ଜଣଙ୍କୁ ଥାନାକୁ ଉଠାଇ ଆଣିଛି ପୋଲିସ । ସେପଟେ ଗାଡିଟିରେ ଭୁବନେଶ୍ୱର ନମ୍ବର ରହିଥିବା ବେଳେ ଗାଡ଼ିଟି କାହାର ତାହାକୁ ନେଇ ତଦନ୍ତ କରୁଛି ପୋଲିସ । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇ ଓ ଗାଡିକୁ ଜବତ କରାଯାଇଛି । ଗାଡି ରଖାଯାଇଥିବା ସ୍ଥାନକୁ ସିଲ କରିବାକୁ ମଧ୍ୟ ପଛାଇ ନାହିଁ ପୋଲିସ । କୁହାଯାଇଛି କିଛି ବ୍ୟକ୍ତି ସେହି ସ୍ଥାନକୁ ଆସୁଥିବା ବେଳେ ଜଗି ରହିଥିବା ପୋଲିସକୁ ଦେଖି ଫେରାର୍ ମାରିଥିଲେ, ଯାହାକୁ ନେଇ ଏଥିରେ ବହୁ ଲୋକଙ୍କ ସମ୍ପୃକ୍ତି ଥିବା ନେଇ ସନ୍ଦେହ କରି ତଦନ୍ତକୁ ଜୋରଦାର୍ କରିଛି ପୋଲିସ । ନିକଟରେ ବଲାଙ୍ଗିର ପେଲେସ୍ ଲାଇନ୍ ନିକଟରୁ ଏକ ଭଡ଼ାଘରୁ ବଲାଙ୍ଗିର ଟାଉନ୍ ପୋଲିସ ୯୨ କେ.ଜି. ଗଂଜେଇ ଜବତ କରିଥିବା ବେଳେ ଏହି ଘଟଣା ସମଗ୍ର ଓଡ଼ିଶାରେ ଚହଳ ସୃଷ୍ଟି କରିଥିଲା ।

# ଆନ୍ତର୍ଜାତିକ ସ୍ତରରେ ବଢୁଛି କନ୍ଧମାଳ ହଳଦୀର ଚାହିଦା: ଚାଷୀଙ୍କ ପାଇଁ ଖୁସି ଖବର



କନ୍ଧମାଳ, ୨୩/୦୫ (ନି.ପ୍ର): ଦିନକୁ ଦିନ ଜାତୀୟ ଓ ଆନ୍ତର୍ଜାତୀୟ ମାର୍କେଟରେ କନ୍ଧମାଳ ହଳଦୀର ଚାହିଦା ବଢିବାରେ ଲାଗିଛି । ଫଳରେ ହଳଦୀ ଚାଷୀ ମଧ୍ୟ ଆଗ ଅପେକ୍ଷା ଦି ପଇସା ଅଧିକ ପାଉଥିବାରୁ ବେଶ ଖୁସି ଅନୁଭବ କରିଛନ୍ତି । ଗୁଣବତା ଦୃଷ୍ଟିରୁ କନ୍ଧମାଳ ହଳଦୀକୁ ପ୍ରଥମେ ଜିଆଇ ଟ୍ୟାଗ ମାନ୍ୟତା ମିଳିଥିବାବେଳେ ପରେ ୨୦୨୧-୨୨ରେ ଏନଆଇପି ଆୱାର୍ଡ ମିଳିଛି । ଯାହାଫଳରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଚାହିଦା ବଢିଥିବା ଜଣାପଡିଛି। ହଳଦୀ ଚାଷ ପ୍ରତି ଚାଷୀଙ୍କ ଆଗ୍ରହ ମଧ୍ୟ ବଢିବାରେ ଲାଗିଛି। ଫଳରେ ଚଳିତ ବର୍ଷ ହଳଦୀ ଉତ୍ପାଦନ ମଧ୍ୟ ଢେର ବଢିଛି । ପ୍ରାୟ ୧୫ ଶହ ମେଟ୍ରିକ ଟନ ହଳଦୀ ଉତ୍ପାଦନ ହୋଇଥିବା ଜଣାପଡିଛି।

୨୦୨୧-୨୨ରେ ଜିଲ୍ଲାରେ ୧୩ ହଜାର ୩୪୭ ହେକ୍ଟର ଜମିରେ ହଳଦୀ ଚାଷ ହୋଇଥିଲା। ବିଶେଷ କରି ଦାରିଙ୍ଗବାଡି, କ. ନୂଆଗାଁ, ରାଇକିଆ, ଜି. ଉଦୟଗିରି ଓ ଫିରିଙ୍ଗିଆ ଏପରି ୫ଟି ବ୍ଲକରେ ଅଧିକ ହଳଦୀ ଚାଷ ହେଉଥିବା ବେଳେ ଅନ୍ୟ ୭ଟି ବ୍ଲକରେ କମ ପରିମାଣର ହଳଦୀ ଚାଷ ହେଉଥିବା କସମର ସମ୍ପାଦକ ସଞ୍ଜିତ୍ ପଟ୍ଟନାୟକ କହିଛନ୍ତି ।କସମ ନିଜର ସୋସାଇଟି ମାଧ୍ୟମରେ ଜିଲ୍ଲାର ଅଧିକରୁ ଅଧିକ ଚାଷୀଙ୍କ ଠାରୁ ସେମାନଙ୍କ ଦୁଆରମୁହଁରୁ ନିର୍ଦ୍ଧାରିତ ମୂଲ୍ୟ କେଜି ପିଛା ୬୦ ଟଙ୍କା ମୂଲ୍ୟରେ ହଳଦୀ କିଣୁଥିବା ବେଳେ କିଛି ରାଜ୍ୟ ଓ ରାଜ୍ୟ ବାହାରର ବ୍ୟବସାୟୀ ମଧ୍ୟ ହଳଦୀ କିଣୁଛନ୍ତି । ହେଲେ ସେହି ବ୍ୟବସାୟୀମାନେ କମ ଦରରେ କିଣୁଥିବାରୁ ଚାଷୀ ଶୋଷଣର ଶୀକାର ହେଉଛନ୍ତି। ଉପଯୁକ୍ତ ମୂଲ୍ୟ ପାଇପାରୁନି ଚାଷୀ। ଏପଟେ ଅର୍ଥ ଅଭାବରୁ କସମ ସଂସ୍ଥା ଉତ୍ପାଦିତ ସବୁ ହଳଦୀ କିଣି ପାରୁନି । କସମ ପ୍ରାୟ ୧୫୦୦ ମେଟ୍ରିକ ଟନ୍ ହଳଦୀ କିଣିବ ବୋଲି କସମ ସଂପାଦକ ସଞ୍ଜିତ୍ ପଟ୍ଟନାୟକ କହିଛନ୍ତି । କସମର ଏକ ଅତ୍ୟାଧୁନୀକ ନିଜସ୍ୱ ହଳଦୀ ପ୍ରୋସେସିଂ ୟୁନିଟ ବନ୍ଧଗଡ଼ଠାରେ ରହିଛି । ହଳଦୀଗୁଣ୍ଡ କେ.ଜି. ୧୧୦ ଟଙ୍କାରେ କସମ ବିକ୍ରୀ କରୁଛି ।

କସମ ସମ୍ପାଦକ ସଞ୍ଜିତ ପଟ୍ଟନାୟକ ଦୀର୍ଘ ୧୦ ବର୍ଷ ପାଖାପାଖି ହେବ ଦାୟୀତ୍ୱରେ ରହିବା ପରଠାରୁ ନିଷ୍ଠା ଓ ଆନ୍ତରିକତାର ସହ ଚାଷୀମାନଙ୍କ ସ୍ୱାର୍ଥ ଓ ସୁରକ୍ଷା ଦିଗରେ କାର୍ଯ୍ୟ କରି ସଂସ୍ଥାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଶ୍ରୀ ପଟ୍ଟନାୟକଙ୍କ ଉନ୍ନତ ତଥା ଗଠନମୂଳକ ଚିନ୍ତାଧାରା, କାର୍ଯ୍ୟଶୈଳୀ, ନିଜର କାର୍ଯ୍ୟଦକ୍ଷତା, ବିଶେଷ ଜ୍ଞାନକୌଶଳ ଯୋଗୁଁ ତାଙ୍କ ସମୟରେ ହଳଦୀକୁ ଜିଆଇ ମାନ୍ୟତା ଓ ଏନଆଇପି ଆୱାର୍ଡ଼ ସହ ଅନେକ ସରକାରୀ ଓ ବେସରକାରୀ ସ୍ତରରେ ସମ୍ମାନିତ ହୋଇଛି । ଆଗକୁ ହଳଦୀ ଚାଷୀ ଯେପରି ଅଧିକରୁ ଅଧିକ ମୂଲ୍ୟ ପାଇବା ସହ ଅନ୍ୟାନ୍ୟ ସହାୟତା ଯଥା ବୀମା, ବିନା ସୁଦ୍ଧରେ ହଳଦୀଚାଷୀଙ୍କୁ ଲୋନ୍ ପ୍ରଦାନ, ପିଲାମାନଙ୍କ ପାଇଁ ଉଚ୍ଚ ଶିକ୍ଷା ସୁବିଧା ଆଦି ଯେପରି ମିଳିବ ସେଥିପାଇଁ କସମ ସମ୍ପାଦକ ଉଦ୍ୟମ ଜାରୀ ରଖିଥିବା କହିଛନ୍ତି ।

# ଶିଶୁ ଓ ମହିଳା ବିକାଶ ସୋସାଇଟି ପକ୍ଷରୁ ଅଂଶୁଘାତ ପ୍ରତି ସଚେତନତା

ବଲାଙ୍ଗିର, ୨୩/୦୫ (ନି.ପ୍ର): ସଚେତନତାରେ ସୁରକ୍ଷା ଆମର ବାର୍ତାକୁ ପାଥେୟ କରି ଶିଶୁ ଓ ମହିଳା ବିକାଶ ସୋସାଇଟି (ସିଡବ୍ଲୁଡିଏସ୍)ର ଅଧକ୍ଷ ତଥା ଓଡ଼ିଶା ରାଜ୍ୟ ରେଡ଼କ୍ରସ ସୋସାଇଟିର ପୂର୍ବତନ ଅବୈତନିକ ସଚିବ ମେଜର ଡା. କଳ୍ପନା ଦାଶଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ବଲାଙ୍ଗିର ଜିଲ୍ଲାର ଟିଟିଲାଗଡ ଉପଖଣ୍ଡର ଟିଟିଲାଗଡ଼ ବ୍ଲକ ଓ ସଇଁତଳା ବ୍ଲକରେ ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଶିଶୁ ଓ ମହିଳା ବିକାଶ ସୋସାଇଟି ସଭ୍ୟ ତଥା ଶିକ୍ଷକ ରାମ ନାରାୟଣ ଦାଶ ସଂଯୋଜନା କରିଥିଲା ବେଳେ ଦୁର୍ଯ୍ୟୋଧନ ପଶାୟତ ପରିଚାଳନା କରିଥିଲେ । ମୁଖ୍ୟତଃ ଜଳଛତ୍ର, ରାସ୍ତା ପାର୍ଶ୍ୱରେ ଥିବା ଆଖୁରସ ବିକାଳୀ, ଅସ୍ଥାୟୀ ଫଳ ଦୋକାନୀ ପାଖରେ ରହି ଶିଶୁ ଓ ମହିଳା ବିକାଶ ସୋସାଇଟି ସଭ୍ୟମାନେ ଅଂଶୁଘାତ ପ୍ରତି ସଚେତନତା କରାଇଥିଲେ । ଲୋକମାନଙ୍କୁ ଟାଣ ଖରାରେ ପଦାକୁ ବାହାରନ୍ତୁ ନାହିଁ, ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ, ଜରୁରୀ କାମରେ ବାହାରକୁ ଯିବା ବେଳେ କଳା ଚଷମା, ପାଦରେ ଚପଲ, ମୁଣ୍ଡରେ ଓଦା ଗାମୁଛା ଓ ଛତା ବ୍ୟବହାର କରନ୍ତୁ, ପାଣି ବୋତଲ ସାଙ୍ଗରେ ନିଅନ୍ତୁ, ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ, ଜଳ ଶୁଷ୍କତାରୁ ରକ୍ଷା ପାଇବା ପାଇଁ ଅଧିକ ପାଣି, ଓଆରଏସ୍ ଦ୍ରବଣ ତଥା ତରଭୁଜ, କାକୁଡି ଆଦି ଖାଅନ୍ତୁ, ଅଂଶୁଘାତ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଶୀଘ୍ର ଡାକ୍ତରଖାନା ନେଇ ଚିକିତ୍ସା କରନ୍ତୁ, ଗୃହପାଳିତ ପଶୁମାନଙ୍କୁ ଛାଇରେ ରଖନ୍ତୁ ଓ ପ୍ରଚୁର ପରିମାଣରେ ପାଣି ପିଇବାକୁ ଦିଅନ୍ତୁ, ପାଣିପାଗ ବିଭାଗ ଦ୍ୱାରା ଗ୍ରୀଷ୍ମ ପ୍ରବାହ ସମ୍ବନ୍ଧୀୟ ଦିଆଯାଉଥିବା ସତର୍କ ସୂଚନା ପ୍ରତି ଧ୍ୟାନ ଦିଅନ୍ତୁ ବୋଲି ଲୋକଙ୍କୁ ସୂଚନା ପ୍ରଦାନ କରିବା ସହ ଫ୍ଲାସ କାର୍ଡ ଓ ପୋଷ୍ଟର ବଂଟନ କରିଥିଲେ । କାର୍ଯ୍ୟକ୍ରମ ସମୟରେ ବିଭିନ୍ନ ସ୍ଥାନରେ ସ୍ଥାନୀୟ ସରପଂଚମାନେ ତଥା ସ୍ୱେଚ୍ଛାସେବୀବୃନ୍ଦ ଯୋଗଦେଇ ଥିଲେ। ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ରବି ଚନ୍ଦ୍ର ପଶାୟତ, ଶିଶୁ ଓ ମହିଳା ବିକାଶ ସୋସାଇଟି ସଭ୍ୟ ଚନ୍ଦ୍ରଶେଖର ସେଠ, ପ୍ରଭାକର ଛନ୍ଦ, ଦୀପକ ସେନ ଧରୁଆ, କପିଳ ଭୋଇ, ସୁନୀଲ ରଣା, ତୁଫାନ ରଣା, ସମାଜସେବୀ ଶ୍ରବଣ ବାରିକ, ସଂଗୀତା ପଶାୟତ, ରେବତୀ ପଶାୟତ, ଦୀନବନ୍ଧୁ ବାଗ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହ ପରିଚାଳନାରେ ସହଯୋଗ କରିଥିଲେ ।

# ଦୁଇ ଚୋର ଗିରଫ: ଚୋରି ସାମଗ୍ରୀ ଉଦ୍ଧାର

ମାଲକାନଗିରି, ୨୩/୦୫ (ନି.ପ୍ର): ମାଲକାନଗିରି ଥାନାସ୍ଥ ଏମଭି-୨୦ ଗ୍ରାମର ସଞ୍ଜୟ ଗାଇନିଙ୍କ ଘରୁ ଗତ ସୋମବାର ରାତ୍ରରେ କେହି ଦୁର୍ବୃତ୍ତ ତାଲା ଭାଙ୍ଗି ଲାପଟପ, ସୁନାଗହଣା, ନଗଦ ଟଙ୍କା ଚୋରି କରି ନେଇଥିଲେ। ସେହି ଘଟଣାରେ ମାଲକାନଗିରି ଥାନା ପୁଲିସ ତଦନ୍ତ କରି ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ମାଲକାନଗିରି ଥାନାସ୍ଥ ଏମଭି-୧୮ ଗ୍ରାମର ଗୋପାଳ ବାରୋଇ (୩୦) ଓ କାଲିମେଳା ଥାନାସ୍ଥ ଏମଭି-୪୧ ଗ୍ରାମର ସୁବଳ ବାଲା (୬୫) । ଚୋରି ହୋଇଥିବା ଲେନୋଭୋ ଲାପଟପ୍, ସୁନା ଅଳଙ୍କାର ଏବଂ ନଗଦ ୩୪ ହଜାର ୨୦୦ ଟଙ୍କା ପୁଲିସ ଅଭିଯୁକ୍ତଙ୍କ ନିକଟରୁ ଜବତ କରିଛି । ଜବତ ଟଙ୍କା ଓ ସାମଗ୍ରୀ ଗୁଡିକୁ ଚୋରୀ ଯାଇଥିବା ଗୃହକର୍ତାଙ୍କୁ ଫେରାଇ ଦିଆଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି । ସୋମବାର ସନ୍ଧ୍ୟାରେ ସଞ୍ଜୟ ତାଙ୍କ ଦୋକାନ ଓ ଘରେ ତାଲା ପକାଇ ପରିବାର ସହିତ ଉମରକୋଟ ଯାଇଥିଲେ। ସେମାନେ ମଙ୍ଗଳବାର ରାତ୍ର ପ୍ରାୟ ୧୦ ଟାରେ ଘରେ ପହଂଚି ଦେଖିଲା ବେଳକୁ ଘର ଓ ଦୋକାନ ଘର ଚାବି ଭଙ୍ଗା ଯାଇଛି। ଘର ଭିତରକୁ ପ୍ରବେଶ କରି ଦେଖିବା ବେଳକୁ ଆଲମୀରାରୁ ନଗଦ ୩୮ ହଜାର ଟଙ୍କା, ସୁନାଚେନ ୨ଟା, କାନଫୁଲ ୬ ହଳ, ମୁଦି ୩ଟା, ରୁପା ଗହଣା ଆଦି ପ୍ରାୟ ୩ ଲକ୍ଷ ୩୦ ହଜାର ଟଙ୍କାର ଗହଣା କେହି ଦୁର୍ବୃତ ଚୋରୀକରି ନେଇଯାଇଛନ୍ତି। ସଙ୍ଗେ ସଙ୍ଗେ ଏ ସମ୍ପର୍କରେ ସଞ୍ଜୟ ମାଲକାନଗିରି ଥାନାରେ ଏତଲା ଦେଇଥିଲେ। ଏସପି ନିତେଶ ୱାଧନୀଙ୍କ ନିର୍ଦ୍ଦେଶ କ୍ରମେ ଏସଡିପିଓ ସଚିନ ପଟେଲଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଥାନା ଅଧିକାରୀ ରିଙ୍ଗନ କିଣ୍ଡୋଙ୍କ ନେତୃତ୍ୱରେ ସବ ଇନିସପେକ୍ଟର ପ୍ରଭାତ ଗୌଡ଼ ଅନ୍ୟାନ୍ୟ ପୁଲିସଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ପୁଲିସ ଅନୁସନ୍ଧାନକାରୀ କୁକୁର ଓ ସାଇଂଟିଫିକ୍ ଟିମ୍ ଙ୍କ ଦ୍ୱାରା ଅଧିକ ତଦନ୍ତ ଚଳାଇ ଦୁଇ ଅଭିଯୁକ୍ତଙ୍କୁ କାଲିମେଳାରୁ ଗିରଫ କରିଥିଲା।

# ଘିମିରି ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ, ୨୩/୦୫ (ନି.ପ୍ର): ବ୍ରହ୍ମପୁର ହରିହର ନଗର ପ୍ରଥମ ସାରଣୀ ସ୍ଥିତ ହରିହର ଭେଟ ମନ୍ଦିର ପ୍ରାଙ୍ଗଣରେ ଘିମିରି ନିରାକରଣ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି ଗ୍ରୀଷ୍ମ ଋତୁର ଉତାପରୁ ସ୍ୱେଦ ଓ ମଇଳା ଚର୍ମରେ ଜମେ, ଫଳରେ ଘିମିରି ଜାତ ହୁଏ, କୁଣ୍ଡାଇ ହୁଏ, କୁଣ୍ଡାଇଲେ ଲାଲ୍ ପଡି ଜଳେ। ତ୍ୱଚାକୁ ମୁଲତାନି ମାଟି ଲଗାଇ ସଫା କରନ୍ତୁ। ସ୍ନାନ ପରେ ଚନ୍ଦନ କିମ୍ବା ବେଣାଚେର ଚିକ୍କଣ ଚୂର୍ଣ୍ଣ ଲଗାନ୍ତୁ ବୋଲି ପରମର୍ଶ ଦେଇଥିଲେ।

ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ, ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ ରାଓ ଓ ମନ୍ଦିର କମିଟି ସଭ୍ୟ ସଭ୍ୟା। ଏହି ଶିବିର ପ୍ରତି ସୋମବାରେ ଅନୁଷ୍ଠିତ ହୁଏ। ସମସ୍ତେ ଏହାର ସୁଯୋଗ ନେବାକୁ ମନ୍ଦିର କମିଟି ଅନୁରୋଧ କରିଛନ୍ତି।

# ଅତିରିକ୍ତ ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡା, ୨୩/୦୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ନୂତନ ଭାବେ ଯୋଗ ଦେଇଥିବା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ନିଲୁ ମହପାତ୍ରଙ୍କୁ କେନ୍ଦ୍ରାପଡା ତହସିଲ ଓ ମାର୍ଶାଘାଇ ତହସିଲର ସୁପର ଭାଇଜର ମାନେ ସୋମବାର ଶ୍ରୀ ମହାପାତ୍ରଙ୍କୁ ଭେଟି ସମ୍ବର୍ଦ୍ଧନା ଜଣାଇଛନ୍ତି । ଏହି ସମ୍ବର୍ଦ୍ଧନାରେ ସଭାପତି ସୁକାନ୍ତ କୁମାର ମଳିକ, ଜାନକୀ ବଲ୍ଲଭ ପଣ୍ଡା, ନଳିନୀକାନ୍ତ ପୃଷ୍ଟି, ସ୍ମୃତି ରଞ୍ଜନ ନାୟକ, ଜିତେନ୍ଦ୍ର ବିଶ୍ୱାଳ, ନରହରି ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଯାଜପୁର ରୋଡ଼-ଧାମରା ରେଳପଥକୁ ମଞ୍ଜୁରୀ ଦିଅ

କୋରେଇ, ୨୩/୦୫ (ନି.ପ୍ର): ରେଳ ବିଭାଗ ପକ୍ଷରୁ ଓଡିଶାରେ ବରଗଡ଼ ରୋଡ-ନୂଆପଡା ଭାୟା- ପଦ୍ମପୁର ଓ ଅନୁଗୁଳ-ତାଳଚେର ରେଳପଥ ନିର୍ମାଣ ପାଇଁ ମଞ୍ଜୁରୀ ପ୍ରଦାନ କରାଯାଇଥିବାରୁ ଯାଜପୁର ରୋଡ-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ସ୍ୱାଗତ କରାଯାଇଛି। ମାତ୍ର ଦୁର୍ଭାଗ୍ୟଜନକଭାବେ ୯୫.୯୫ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଯାଜପୁରରୋଡ-ଧାମରା ଭାୟା ଯାଜପୁର ଓ ଆରଡି ରେଳପଥକୁ ମଞ୍ଜୁରୀ ପ୍ରଦାନ କରିବାକୁ ରେଳ ମନ୍ତ୍ରଣାଳୟ ଅସ୍ୱୀକାର କରିଛନ୍ତି। ଏହି ରେଳପଥ ନିର୍ମାଣ କରାଗଲେ ୨୭.୪୩ ଶତାଂଶ ଲାଭ ଉପାର୍ଜନର ସମ୍ଭାବନା ଅଛି ବୋଲି ଆକଳନ କରାଯାଇଥିଲେ ମଧ୍ୟ ରେଳ ମନ୍ତ୍ରଣାଳୟ ସମସ୍ତ ପ୍ରକାରର ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଯୁକ୍ତିଯୁକ୍ତତା ପ୍ରତି ଆଖିବୁଜି ଦେବାକୁ କିପରି ଉଚିତ ମନେ କରୁଛି, ତାହା ହିଁ ବିସ୍ମୟର ବିଷୟ ପାଲଟିଛି। ଏହି ରେଳପଥ ନିର୍ମାଣ କରାଗଲେ ଯାଜପୁର ଜିଲ୍ଲାର ସଦର ମହକୁମା ସହ ରେଳ ସଂଯୋଗ ପ୍ରତିଷ୍ଠା ହୋଇପାରିବ। ଯାଜପୁରର ବିରଜା କ୍ଷେତ୍ର, ଶୈବପୀଠ ଆରଡି, ଧାମରାର ଧାମରାଇ ମନ୍ଦିର, ବ୍ୟାସ ସରୋବର ପରି ଧର୍ମପୀଠ ଏବଂ ଭିତର କନିକାର କୁମ୍ଭୀର ଅଭୟାରଣ୍ୟକୁ କେନ୍ଦ୍ର କରି ପର୍ଯ୍ୟଟନ ଶିଳ୍ପର ବିକାଶ ଘଟିବ। ସୁକିନ୍ଦା, କେଉଁଝର ଓ ତାଳଚେରର ଖଣିଜ ସଂପଦ ଏବଂ କଳିଙ୍ଗନଗର ଓ ନାଲକୋର ଶିଳ୍ପଜାତ ଦ୍ରବ୍ୟର ପରିବହନ ସୁଗମ ହୋଇପାରିବ। ବୈତରଣୀ, ସାଳନ୍ଦୀ ଓ ଖରସ୍ରୋତା ଅବବାହିକାର ଚାଷୀ ଓ ମତ୍ସ୍ୟଜୀବୀମାନେ କୃଷିଜାତ ଦ୍ରବ୍ୟ ଓ ମତ୍ସ୍ୟ ସଂପଦର ପରିବହନ ଯୋଗୁ ଉପକୃତ ହେବେ। ଶିଳ୍ପ ଓ ବନ୍ଦରକୁ କେନ୍ଦ୍ର କରି ଅର୍ଥନୈତିକ କାର୍ଯ୍ୟକଳାପ ସଂପ୍ରସାରତି ହେବା ସହ ଡି.ଆର.ଡି.ଓ.ର ପ୍ରତିରକ୍ଷା ଗବେଷଣା କାର୍ଯ୍ୟକ୍ରମ ଅଗ୍ରାଧିକାର ଭିତିରେ ତ୍ୱରାନ୍ୱିତ ହୋଇପାରବ। ୬୫ କିଲୋମିଟରରୁ ଉର୍ଦ୍ଧ୍ୱ ରେଳପଥ ଉପରେ ରେଳବାଇ ହରାଉଥିବା ରାଜସ୍ୱ ସଂଚୟ ହୋଇପାରିବ। ଏହା ପ୍ରତ୍ୟେକ୍ଷ ଓ ପରୋକ୍ଷଭାବେ କର୍ମନିଯୁକ୍ତିର ସୁଯୋଗକୁ ସଂପ୍ରସାରିତ କରିବ। ପୂର୍ବତଟ ରେଳପଥ ସମେତ ଦକ୍ଷିଣ-ପୂର୍ବ ରେଳପଥରେ ଥିବା କେଉଁଝର, ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରୁ ବାର୍ଷିକ ଏକ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ରାଜସ୍ୱ ସଂଗ୍ରହ କରୁଥିବା ରେଳବାଇ ଓଡ଼ିଶାରେ ରେଳପଥର ବିକାଶ ପାଇଁ କାହିଁକି କୁଣ୍ଠା ପ୍ରକାଶ କରୁଛି, ତାହା ଏକ ବିରାଟ ପ୍ରଶ୍ନ ହୋଇ ଠିଆ ହୋଇଛି। ସାରା ଦେଶରେ ପ୍ରତି ଏକ ହଜାର ବର୍ଗ କିଲୋମିଟର ଅଂଚଳରେ ୨୧ କିଲୋମିଟର ରେଳପଥ ଥିଲାବେଳେ ଓଡ଼ିଶାରେ ରହିଛି ମାତ୍ର ୧୮ କିଲୋମିଟର। ଭାରତର ରେଳ ମାନଚିତ୍ରରେ ଓଡ଼ିଶାର ଏହି ଅନଗ୍ରସରତାର ପ୍ରତିକାର କରିବା କ'ଣ ରେଳମନ୍ତ୍ରୀଙ୍କ କର୍ତବ୍ୟ ନୁହେଁ କି ବୋଲି ଯାଜପୁର ରୋଡ-ଧାମରା ରେଳପଥ ସଂଗ୍ରାମ ସମିତିର ଆବାହକ ଶ୍ରୀ ସନ୍ତୋଷ ଦାସ ପ୍ରଶ୍ନ କରିଛନ୍ତି। ମାତ୍ର ୧୦୪୨ କୋଟି ୬୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଯାଜପୁରରୋଡ-ଧାମରା ରେଳପଥକୁ ତୁରନ୍ତ ମଞ୍ଜୁରୀ ପ୍ରଦାନ କରିବାକୁ ଶ୍ରୀ ଦାସ ଦାବି କରିଛନ୍ତି।

# ଚାଷୀମାନଙ୍କୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ବିହିନ ଋଣ ପ୍ରଦାନ ପାଇଁ କର୍ମଶାଳା

କେନ୍ଦ୍ରାପଡା, ୨୩/୦୫ (ନି.ପ୍ର): ରାଜ୍ୟ ସମବାୟ ବିଭାଗ ତରଫରୁ ପଞ୍ଜିକରଣ ଥିବା ଚାଷୀ ମାନଙ୍କୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ବିହିନ ଋଣ ପ୍ରଦାନ କରିବା ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ରାଜ୍ୟ ସମବାୟ ବ୍ୟାଙ୍କର ସଭାପତି (ପ୍ରଶିକ୍ଷଣ) ଲୋକନାଥ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଦିନିକିଆ କର୍ମଶାଳାରେ ସମବାୟ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ ମାନ୍ୟବର ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଜ୍ୟ କୋ-ଅପରେଟିଭ ବ୍ୟାଙ୍କର ନିର୍ଦ୍ଦେଶକ ତଥା ରେଜିଷ୍ଟାର ଓଡିଶା ସମବାୟ ସମିତିର ଉଦ୍ଧବ ଚନ୍ଦ୍ର ମାଝି, ରାଜ୍ୟ କୋ-ଅପରେଟିଭ ବ୍ୟାଙ୍କର ସଭାପତି ଟିକେ ଦୋରା, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ପ୍ରଭାତ କାନୁନଗୋଙ୍କ ସମେତ ସଂପାଦକ ପ୍ରମୁଖ ଯୋଗ ଦେଇ କେନ୍ଦ୍ରାପଡା ଜିଲ୍ଲାର ୪ଟି ବ୍ଲକ ତଥା ମାର୍ଶାଘାଇ, ମହାକାଳପଡା, କେନ୍ଦ୍ରାପଡା, ଗରଦପୁର ଅଂଚଳରେ ଥିବା କୃଷି ସମବାୟ ସମିତିର ପଞ୍ଜିକରଣ କରିଥିବା ଚାଷୀ ମାନଙ୍କୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ବିହିନ ଋଣ ପ୍ରଦାନ କରିବା, ସମସ୍ତ ସମବାୟ ସମିତିର ଭିତିଭୂମିକୁ ସୁଦୃଢ କରିବା, ସମିତିର ନିଜସ୍ୱ ଗୋଦାମ ଗୃହ କରିବା, କୃଷି ସମବାୟ ସମିତିର ସଂପାଦକ ମାନଙ୍କୁ କ୍ୟାଡର ଭୁକ୍ତ କରିବା, ସମସ୍ତ ଶାଖା ଗୁଡିକ କମ୍ପ୍ୟୁଟର କରଣ କରିବା ଉପରେ ଗୁରୁତ୍ୱ ଦିଆଯାଇ ଥିଲା । ଏହି କର୍ମଶାଳାରେ କେନ୍ଦ୍ରାପଡା କୃଷି ସମବାୟ ସମିତିର ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା, ଅକ୍ଷୟ ପାଣି, ଦୁର୍ଗାଶିଷ ମହାନ୍ତି, ସଂପାଦକ ସେକ ସକିଲ ଅହେମ୍ମଦ, ହେମନ୍ତ ପାତ୍ର, ବୈରାଗୀ ସାହୁ, ଶ୍ରୀହର୍ଷ ମହାନ୍ତି, ପ୍ରଭଞ୍ଜନ ସାହୁ, ସୁବୋଧ ଲେଙ୍କା, କାଳନ୍ଦୀ ବିଶ୍ୱାଳ, ବିଜୟ କୁମାର ବାରିକ, ସମସ୍ତ ସଭାପତି, ସଂପାଦକ ଏବଂ ଡାଟାଏଣ୍ଟ୍ରି ଅପରେଟର ପ୍ରମୁଖ ଉପସ୍ଥିତ ଥିଲେ ।

## ମାନବିକ ଅଧିକାର ଓ ସଚେତନ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଭୋଟଦେବା, ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବା, ଆର୍ଥିକ ସ୍ଥିତି ପାଇଁ ସରକାରୀ ଚାକିରି କରିବା ଓ ଆବେଦନ କରିବାର ଅଧିକାର ରହିଛି । ଏପରିକି ସରକାରଙ୍କୁ ସମାଲୋଚନା କରିବାର ଅଧିକାର ରହିଛି । ଏହି ମାନବିକ ଅଧିକାର ୧୯୪୮ ମସିହା ଡିସେମ୍ବର ୧୦, ସମଗ୍ର ବିଶ୍ୱ ଇତିହାସରେ ଏକ ଅବିସ୍ମରଣୀୟ ଦିବସରୂପେ ମାନ୍ୟତା ଲାଭ କରିଛି । ଏହି ଦିବସରେ ମିଳିତ ଜାତିସଂଘର ସାଧାରଣ ସଭାରେ' ସାର୍ବଜନୀନ ମାନବିକ ଅଧିକାର ଘୋଷଣାନାମା' ସ୍ଥାପନ ହୋଇଥିଲା । ଯାହା ଦ୍ୱାରା ସମଗ୍ର ବିଶ୍ୱବାସୀଙ୍କ ବ୍ୟକ୍ତିତ୍ୱର ବିକାଶପଥ ସୁଗମ ହୋଇଥିଲା । ଯାହା ଫଳରେ ସମଗ୍ର ବିଶ୍ୱବାସୀଙ୍କୁ ଶୋଷଣ ଓ ନିର୍ଯ୍ୟାତନା ମୁକ୍ତ କରିବା ପାଇଁ ମୁକ୍ତ ପରିବେଶ ସୃଷ୍ଟି କରିଥିଲା । ପୃଥିବୀରେ ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ୧୯୪୫ ମସିହା ଅକ୍ଟୋବର ୨୪ ତାରିଖରେ ଗଠିତ ହୋଇଥିଲା ମିଳିତ ଜାତିସଂଘ । ମିଳିତ ଜାତିସଂଘର ପ୍ରସ୍ତାବନା ( Preamble) ରେ ଇଲ୍ଲେଖ ଅଛି- 'ମୌଳିକ ମାନବିକ ଅଧିକାର, କାର୍ଯ୍ୟ ଓ ମାନବିକ ମର୍ଯ୍ୟାଦା ଉପରେ ଦୃଢ଼ ବିଶ୍ୱାସ ସ୍ଥାପନ କରିବା ଏବଂ ପୁରୁଷ, ନାରୀ, କ୍ଷୁଦ୍ର ଓ ବୃହତ୍ ଜାତିମାନଙ୍କର ସମାନ ଅଧିକାର ବଜାୟ ରଖିବା ।" ସେହିପରି ଚତୁର୍ଥ ଲକ୍ଷ୍ୟ ଥିଲା, "ଅଧିକତର ସ୍ୱାଧୀନତା ମଧ୍ୟରେ ସାମାଜିକ ବିକାଶ ଓ ଜୀବନର ମାନ ଉନ୍ନତ କରିବା ।'

ଏହି ଲକ୍ଷ୍ୟକୁ ପୂରଣ ଓ ସମଗ୍ର ବିଶ୍ୱବାସୀଙ୍କୁ ମାନବିକ ଅଧିକାର ପ୍ରଦାନ କରିବା ନିମିତ୍ତ ଆବଶ୍ୟକ ବିଧିବ୍ୟବସ୍ଥା ନିର୍ଦ୍ଧାରଣ ପାଇଁ ୧୯୪୬ ମସିହାରେ 'ମିଳିତ ଜାତିସଂଘ ମାନବିକ ଅଧିକାର ଆୟୋଗ' ଗଠିତ ହୋଇଥିଲା । ୧୯୪୬ ମସିହା ଏପ୍ରିଲ ମାସରୁ ୧୯୪୮ ମସିହା ଡିସେମ୍ବର ମାସ ମଧ୍ୟରେ ଏହି ଆୟୋଗର ସଦସ୍ୟମାନେ ନ୍ୟୁୟର୍କ, ଜେନେଭା ଓ ପ୍ୟାରିସ୍ ଠାରେ ମିଳିତ ହୋଇ ମାନବିକ ଅଧିକାର ସମ୍ପର୍କିତ ଦର୍ଶନ, ଆଇନ, ସାଂସ୍କୃତିକ ଭିନ୍ନତା ଓ ବାସ୍ତବ ରାଜନୀତି ଉପରେ ଆଲୋଚନା କରିଥିଲେ । ସେମାନଙ୍କ ନିଷ୍ଠାପର ଉଦ୍ୟମର ଫଳସ୍ୱରୂପ ଶେଷରେ ୧୯୪୮ ମସିହା ଡିସେମ୍ବର ୧୦ ତାରିଖରେ ମିଳିତ ଜାତିସଂଘର ସାଧାରଣ ସଭାରେ ଗୃହୀତ ହୋଇଥିଲା "ସାର୍ବଜନୀନ ମାନବିକ ଅଧିକାର ଘୋଷଣାନାମା" ।

ବାସ୍ତବରେ ସମଗ୍ର ବିଶ୍ୱବାସୀଙ୍କୁ ମାନବିକ ଅଧିକାର ପ୍ରଦାନ ଓ ସଚେତନ କରିବା ଆଜି ଦିବସର ଅନୁଚିନ୍ତା ..!!!

+ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋ: ୯୦୪୦ ୧୫୧୪ ୭୫

## ଟେନିକଏଟ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭଦ୍ରକ, ୨୩/୦୫ (ନି.ପ୍ର): ଭଦ୍ରକ ବାଗୁରାଇ ସ୍ଥିତ ବିନ୍ଦୁମାଧବ ବାଗୁରାଇ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ଗ୍ରୀଷ୍ମକାଳୀନ ଟେନିକଏଟ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇ ଯାଇଛି। ଦୀର୍ଘ ୯ ଦିନ ଧରି ଚାଲିଥିବା ଏହି ଶିବିରରେ ୪୦ରୁ ଉର୍ଦ୍ଧ୍ୱ ଶିବିରାର୍ଥି ଭାଗ ନେଇଥିଲେ। ଅଭିଜ୍ଞ ପ୍ରଶିକ୍ଷକଙ୍କ ଦ୍ୱାରା ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଗତକାଲି ଉଦ୍‌ଯାପନୀ ଉତ୍ସବକୁ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମାୟାଧର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଶାରୀରିକ ଶିକ୍ଷା ନୀରିକ୍ଷକ ମାନସ ରାଉତ, ବି.ଇ.ଓ. ଚକ୍ରଧର ମଲ୍ଲିକ, ପ୍ରଧାନ ଶିକ୍ଷକ ପ୍ରଶାନ୍ତ ସାହୁ ପ୍ରମୁଖ ରହି ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଭଦ୍ରକ ଜିଲ୍ଲା ଟେନିକଏଟ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ଆସୋସିଏସନର ସମ୍ପାଦକ, ସଭାପତି, ବରିଷ୍ଠ ଖେଳାଳୀ ବିଭିନ୍ନ ଦିନରେ ଯୋଗ ଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଶିବରକୁ ବିଦ୍ୟାଳୟର ଶିକ୍ଷକ ରବି ନାରାୟଣ ମହାନ୍ତି, ସେମାନାଥ ପରିଡ଼ା, ସନ୍ତୋଷ ଖିଲାର, ତରୁଣ କୁମାର ଭଟ୍ଟାଚାର୍ଯ୍ୟ, କ୍ରୀଡା ଶିକ୍ଷକ ତପନ କୁମାର ମିଶ୍ର, ଜିଲ୍ଲା କ୍ରୀଡା ସଂଗଠକ ମନୋଜ ସାହୁ, ଶିକ୍ଷୟିତ୍ରୀ ଅପରାଜିତା ଦାସ, ମାନସୀ ପାଢୀ, ଅଫିସ ସହାୟକ ଗଣେଶ ପ୍ରସାଦ ଦତ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ଟ୍ରକ୍ ଯାତ୍ରା କଲେ....

ତେଣୁ ଘୃଣାର ବଜାରରେ କେହି ଜଣେ ତ ଭଲ ପାଇବାର ଦୋକାନ ଖୋଲିବାକୁ ଅଣ୍ଟା ଭିଡିଛି। ତେଣୁ ଧୀରେ ଧୀରେ ରାହୁଲଙ୍କ ସହ ଦେଶ ପାଦ ବଢ଼ାଇ ଚାଲିବାକୁ ଆରମ୍ଭ କରିଥିବା ପରି ମନେ ହେଉଛି ବୋଲି ସେ କହିଛନ୍ତି । ଏହା ପୂର୍ବରୁ ରାହୁଲ ସେପ୍ଟେମ୍ବରଠାରୁ କନ୍ୟାକୁମାରୀଠାରୁ ଭାରତ ଯୋଡ଼ୋ ଯାତ୍ରା ଆରମ୍ଭ କରିଥିଲେ। ଏହି ଯାତ୍ରା ୧୨ଟି ରାଜ୍ୟ ଅତିକ୍ରମ କରିଥିଲା ଓ ଜାନୁୟାରୀରେ ଜମ୍ମୁ କଶ୍ମୀରରେ ଶେଷ ହୋଇଥିଲା। ରାହୁଲ ୧୩୬ ଦିନ ଯାତ୍ରାରେ ୪ହଜାର କିଲୋମିଟରରୁ ଅଧିକ ବାଟ ଅତିକ୍ରମ କରିଥିଲେ। ଏହାପରେ କର୍ଣ୍ଣାଟକା ବିଧାନସଭା ନିର୍ବାଚନ ହୋଇଥିବା ବେଳେ ଏଥିରେ କଂଗ୍ରେସ ବହୁମତ ହାସଲ କରିବାକୁ ସକ୍ଷମ ହୋଇଥିଲା।

### ୪୦ ଉପରେ....

ସର୍ବାଧିକ ୪୩.୩ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ସମ୍ବଲପୁରରେ ୪୨.୯ ଡିଗ୍ରୀ, ଝାରସୁଗୁଡ଼ାରେ ୪୨.୮, ସୋନପୁର ଏବଂ ଭୁବନେଶ୍ୱରରେ ୪୨.୬, ବରଗଡ଼ରେ ୪୨.୪, ହୀରାକୁଦରେ ୪୨.୧, ବାରିପଦାରେ ୪୨, ସୁନ୍ଦରଗଡ଼ ଏବଂ ତାଳଚେରରେ ୪୧.୮, ଅନୁଗୁଳରେ ୪୧.୭, ରାଉରକେଲାରେ ୪୧.୬, ଖୋର୍ଦ୍ଧାରେ ୪୧.୫, ଢେଙ୍କାନାଳରେ ୪୧.୪, ବୌଦ୍ଧ ଏବଂ କଟକରେ ୪୧, ଚାନ୍ଦବାଲିରେ ୪୦.୭, କେନ୍ଦ୍ରାପଡ଼ାରେ ୪୦.୬, ଯାଜପୁରରେ ୪୦.୫, ଜଗତସିଂହପୁରରେ ୪୦.୪, ଟିଟିଲାଗଡ଼ ଏବଂ ନୂଆପଡ଼ରେ ପାରା ୪୦ ଡିଗ୍ରୀ ଛୁଇଁଛି ତାପମାତ୍ରା।

### ପଞ୍ଜାବ ସୀମାରେ....

ପରେ ଡ୍ରୋନକୁ ଗୁଳି କରି ଖସାଇ ଦିଆଯାଇଥିଲା । ସର୍ଚ୍ଚ ଅପରେସନ ପରେ ଏଥିରୁ ଡ୍ରଗସ୍ ମିଳିଛି । ବିଏସଏଫ ଅଧିକାରୀ କହିଛନ୍ତି, ଡ୍ରୋନ୍ ମାଧ୍ୟମରେ ଏହି ନିଶାଦ୍ରବ୍ୟକୁ ତସ୍କରଙ୍କ ପାଖକୁ ପହଞ୍ଚାଯାଉଥିଲା । ଏଥିପାଇଁ ଏକ ଛୋଟ ଟର୍ଚ୍ଚ ଲାଇଟ୍ ଫିଟ୍ କରାଯାଇଥିଲା । ଫଳରେ ମାଫିଆମାନେ ଡ୍ରୋନକୁ ସହଜରେ ଟ୍ରାକ୍ କରିପାରିବେ । ହେଲେ ଏହା ଯବାନଙ୍କ ନଜରରେ ପଡ଼ିଯାଇଥିଲା । ସୀମାରେ ଡ୍ରୋନ ଘଟଣା ବଢ଼ିବାରେ ଲାଗିଛି । ପାକିସ୍ତାନ ପଟୁ ଏଲଓସି ପାର୍ କରି ବେଆଇନ ଡ୍ରଗ୍ସ ଭାରତକୁ ପଠାଯାଉଛି । ଗତ କିଛି ଦିନ ମଧ୍ୟରେ ୫ଟି ଡ୍ରୋନ ପାକିସ୍ତାନ ସୀମାରୁ ଭାରତକୁ ପ୍ରବେଶ କରିଛି । ହେଲେ ବିଏସଏଫ ଏହାକୁ ମାରି ଖସାଇ ଦେଇଛି । ୧୯ ମେ' ଡ୍ରୋନକୁ ଗୁଳି ମାରି ଖସାଇଥିଲେ ଯବାନ । ମାତ୍ର ଏହା ପାକିସ୍ତାନ ସୀମାରେ ପଡ଼ିଯାଇଥିଲା । ଫଳରେ ଏଥିରେ କ'ଣ ଆସୁଥିଲା ତାହା ଖୁଲାସା ହୋଇନାହିଁ ।

## ଭତ୍ତା ଟଙ୍କା ନେବାକୁ ଆସି ଟ୍ରକ ଧକ୍କାରେ ଜୀବନ ହାରିଲେ ମହିଳା



ରୂପସା , ୨୩/୦୫ (ନି.ପ୍ର): ଭତ୍ତା ଟଙ୍କା ନେଇ ଫେରୁଥିବା ବେଳେ ମାଡ଼ିଗଲା ଟ୍ରକ । ଘଟଣା ସ୍ଥଳରେ ମହିଳା ମୃତ । ସୁଚନା ଅନୁଯାୟୀ ବସ୍ତା ବ୍ଲକ ଗଡପଦା ପଞ୍ଚାୟତ ଲଚ୍ଛମନଖୁଣ୍ଟା ଗ୍ରାମର ଝାମ୍ପୁଡି ସିଂ ତାଙ୍କ ପୁଅ ସହିତ ସାଇକେଲ ଯୋଗେ ବ୍ୟାଙ୍କ କୁ ଭତ୍ତା ଟଙ୍କା ନେବା ପାଇଁ ଆସିଥିଲେ । ଟଙ୍କା ନେଇ ଫେରୁଥିବା ବେଳେ ରୁପସା ପାଟପୁର ବଜାର ନିକଟରେ ଦୃତ ଗତିରେ ଆସୁଥିବା ଏକ ଟ୍ରକ ସାଇକେଲ କୁ ଧକ୍କା ଦେଇଥିଲା । ଫଳରେ ସାଇକେଲ ରେ ବସିଥିବା ଝାମ୍ପୁଡି ସିଂ ଉପରେ ଟ୍ରକ୍ ଚାଲି ଯାଇଥିଲା । ଘଟଣା ସ୍ଥଳରେ ଝାମ୍ପୁଡିର ମୃତ୍ୟୁ ହୋଇଥିବା ବେଳେ ପୁଅ କାଳିଚରଣ ଅଳ୍ପକେ ବର୍ତ୍ତି ଯାଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଡାକ୍ତରଖାନାକୁ ନେଇଥିଲେହେଁ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ସ୍ଥାନୀୟ ଲୋକେ ଟ୍ରକ ଡ୍ରାଇଭରକୁ ଅଟକ ରଖିବା ସହିତ ଟ୍ରକ ଆଗରେ ଶବ ରଖି କ୍ଷତିପୂରଣ ଦାବିରେ ଧାରଣାରେ ବସିଥିଲେ । ଘଟଣାସ୍ଥଳରେ ରୁପସା ପୋଲିସ ପହଞ୍ଚି ବୁଝାସୁଝା କରିଥିଲେହେଁ ପରିସ୍ଥିତି ଶାନ୍ତ ପଡ଼ିନଥିଲା । ସଦର ଅତିରିକ୍ତ ତହସିଲଦାର, ରୂପସା ଆଇଆଇସି ପ୍ରଫୁଲ୍ଲ ମଲ୍ଲିକ,ଗଡ଼ପଦା ପୂର୍ବତନ ସରପଞ୍ଚ ତଥା ରାଉତପଡା ସମବାୟ ସମିତି ସଭାପତି ଦେବାଶିଷ ମହାପାତ୍ର, ବିଜେପି ବରିଷ୍ଠ ନେତା ହରେନ୍ଦ୍ର ଦାସ ଓ ଶୁଭେଶ ନାୟକ ପ୍ରମୁଖ ପହଞ୍ଚି ଆଲୋଚନା କରିଥିଲେ । ରେଡ଼କ୍ରସ ପାଣ୍ଠି ରୁ ୧୦ ହଜାର ଟ୍ରକ ମାଲିକ ସଙ୍ଘ ୧୦ ହଜାର, ଡ୍ରାଇଭର ୧୦ ହଜାର ଓ ଗୋଦାମ ମାଲିକ ୫ ହଜାର ଟଙ୍କା ମୃତକ ଙ୍କ ପରିବାର କୁ ସହାୟତା ପ୍ରଦାନ କରିଥିଲେ । ୫ ଘଣ୍ଟା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ତେବେ ସ୍ଥାନୀୟ ଅଞ୍ଚଳରେ ବେଆଇନ ମାଲ ଗୋଦାମ ରହିଥିବା ବେଳେ ପ୍ରତ୍ୟେକ ଦିନ ଶହ ଶହ ମାଲ ବୋଝେଇ ଟ୍ରକ ଦିନ ରାତି ଦୃତ ଗତିରେ ଯାତାୟାତ କରୁଥିବାରୁ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଥିବା ଲୋକେ ଅଭିଯୋଗ କରିଛନ୍ତି ।

## ପରିତ୍ୟକ୍ତ ନରଭକ୍ଷୀ ଖାଦାନ: ମାଆ କୋଳରୁ ଛଡାଇନେଲା ଶିଶୁପୁତ୍ର

ନୀଳଗିରି , ୨୩/୦୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଧିନ ଧୋବଶିଳା ପଞ୍ଚାୟତ ଚଲଣାପାଳ ଗାଁରେ ଘଟିଛି ଅଘଟଣ। ଗାଁ ନିକଟରେ ସ୍ୱର୍ଣ୍ଣଚୁଡ଼ ସଂରକ୍ଷିତ ଜଙ୍ଗଲକୁ ଲାଗିଥିବା ପରିତ୍ୟକ୍ତ ଖାଦାନରେ ଜମିଥିବା ପାଣିରେ ବୁଡି ଶିଶୁପୁତ୍ର ର ମୃତ୍ୟୁ ହୋଇଛି। ମୃତକ ଶିଶୁ ହେଲେ ତପନ ସିଂର ଅଢେଇ ବର୍ଷର ଶିଶୁପୁତ୍ର ଅମିତ। ସୂଚନା ଅନୁଯାଇ ଉକ୍ତ ଗାଁ ରାସ୍ତାଟି ଖାଦାନକୁ ଲାଗିଥିବା ବେଳେ ଶିଶୁଟି ଖେଳୁଥିବା ବେଳେ ଅସାବଧାନତା କାରଣରୁ ଖାଦାନରେ ଖସିପଡି ଥିଲା । ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିବା ପରେ ଖାଦାନରୁ ଉଦ୍ଧାର କରାଯିବା ବେଳକୁ ତାର ପ୍ରାଣବାୟୁ ଉଡି ଯାଇଥିଲା। ଶିଶୁଟିର ମୃତ୍ୟୁରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତେବେ ଖାଦାନ କରିବା ପରେ ଖାଲ ପୋତିବା ପାଇଁ ନିୟମ ଥିବାରୁ ଖାଦାନ ଲିଜଧାରୀ ଖାଦାନ ନ ପୋତି ଛାଡ଼ିଦେଇ ଚାଲି ଯାଇଥିବାରୁ ବର୍ଷା ପାଣି ଜମି ଏବେ ଖାଦନ ଖାଲଟି ମରଣ ଯନ୍ତା ପାଲଟିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରଛନ୍ତି । ଶିଶୁପୁତ୍ର କୁ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା କୁ ନିଆଯାଇ ଶବ ବ୍ୟବଚ୍ଛେଦ କଲା ପରେ ଗାଁ କୁ ଆଣି ଶବସତ୍କାର କରାଯାଇଛି । ତେବେ ପ୍ରଶାସନ କେବେ ଦୃଷ୍ଟି ଦେବ ଏବଂ କେବେ ଏହାର ସ୍ଥାଇ ସମାଧାନ ହେବ ଏନେଇ ଅଞ୍ଚଳବାସୀ ଅନେଇ ବସିଛନ୍ତି ।

## ଶିକ୍ଷକ ରଜତ ମହାପାତ୍ର ବଢ଼ାଇଲେ ସହଯୋଗର ହାତ

### ପୁଣି ଥରେ ପାଠ ପଢ଼ିଲେ ବାପା ମା' ଛେଉଣ୍ଡ କନ୍ୟା 'ମାତି'



ଉଦଳା, ୨୩/୦୫ (ନି.ପ୍ର):- ଉଦଳା ବ୍ଲକର ଦୁଗୁଧା ପଂଚାୟତ ଅ'ର୍ଗତ କାଠୁଆବେଡ଼ା ଗ୍ରାମର ବାସିନ୍ଦା ଶୁଶା' ହାଁସଦାଙ୍କ କନ୍ୟା 'ମାତି' ଗ୍ରାମରେ ଥିବା ବିଦ୍ୟାଳୟରୁ ପଂଚମ ଶ୍ରେଣୀ ପାସ ପରେ ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିଲେ । କାରଣ ତାଙ୍କର ବାପା ମା' ଉଭୟେ ଗତ (୨୦୨୦-୨୧) ଗୋଟିଏ ବର୍ଷ ମଧ୍ୟରେ ସବୁଦିନ ପାଇଁ ଆଖି ବୁଜିଦେଲେ । ଅନ୍ୟ କୌଣସି ଉପାୟ ନପାଇ 'ମାତି' ତାଙ୍କର ଜେଜେବାପାଙ୍କ ନିକଟରେ ଆଶ୍ରୟ ନେଇଥିଲେ । ଜେଜେବାପାଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ସେ 'ମାତି'କୁ ପାଠ ପଢ଼ାଇପାରୁ ନଥିଲେ । ଏତିକିବେଳେ ଖବର ପାଇ ଶିକ୍ଷକ ରଜତ ମହାପାତ୍ର ଓ ଗ୍ରାମର ୱାର୍ଡ଼ ମେମ୍ବର ଈଶ୍ୱର ହାଁସଦା ଘଟଣାସ୍ଥଳରେ ପହଂଚି 'ମାତି'କୁ ପୁଣି ଥରେ ବିଦ୍ୟାଳୟକୁ ଆଣିବା ପାଇଁ ଉଦ୍ୟମ ଚଳାଇଥିଲେ । ଶେଷରେ ଶିକ୍ଷକ ଶ୍ରୀଯୁକ୍ତ ମହାପାତ୍ର 'ମାତି'ର ସମସ୍ତ ଆସବାବପତ୍ର କିଣିଦେବା ସହିତ ରାଢ଼ୋସ୍ଥିତ କସ୍ତୁରବାଗାନ୍ଧୀ ବାଳିକା ବିଦ୍ୟାଳୟରେ ନାମ ଲେଖାଇଥିବାର ଜଣାଯାଇଛି । ଶିକ୍ଷକ ରଜତ ମହାପାତ୍ରଙ୍କର ଏତାଦୃଶ କାର୍ଯ୍ୟକଳାପ ପାଇଁ ବିଭିନ୍ନ ମହଲରେ ତାଙ୍କର ପ୍ରଶଂସା ଶୁଣିବାକୁ ମିଳୁଛି । ଉକ୍ତ ଘଟଣାରେ ସ୍ୱେଚ୍ଛାସେବୀ ସଂଗଠନ 'ଜନଜାଗୃତି ମଂଚ'ର ସଦସ୍ୟ ରୁପାଏ ବାସ୍କେ ଓ ରାମଚନ୍ଦ୍ର ସିଂ ଶିକ୍ଷକ ଶ୍ରୀଯୁକ୍ତ ମହାପାତ୍ର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ପାଇଁ ଦୃଷ୍ଟାନ୍ତ ପାଲଟିଲେ ବୋଲି ତାଙ୍କର ପ୍ରତିକ୍ରୀୟାରେ କହିଛନ୍ତି ।

## ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର ସଦସ୍ୟ ନୂଆପଡ଼ା ପହଂଚିଲେ

ନୂଆପଡ଼ା, ୨୩/୦୫ (ନି.ପ୍ର): ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ର ସଦସ୍ୟ ନୂଆପଡ଼ା ପହଞ୍ଚିଛନ୍ତି । ଟ୍ରିବ୍ୟୁନାଲ ସଦସ୍ୟ ମାନେ ନୂଆପଡ଼ା ଜିଲ୍ଲା ସଦର ବ୍ଲକ ସାଇପଲା ଜଳସେଚନ ପ୍ରକଳ୍ପ ର ସ୍ଥିତି ସମୀକ୍ଷା କରିବା ସହ ଉପର ଯୋଙ୍କ ଜଳସେଚନ ପ୍ରକଳ୍ପ ର ଅନୁଧ୍ୟାନ କରିବେ । ଉପର ଯୋଙ୍କ ପ୍ରକଳ୍ପ ର ଜଳ କ୍ଷମତା ଏବଂ ଜଳ ପ୍ରବାହ ର ସ୍ଥିତି ଉପରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କାର୍ଯ୍ୟକ୍ରମ ରହିଛି ।

## ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରେ ବିଦ୍ୟୁତ ବିଭ୍ରାଟ ଘଟଣା: ବିଜେପିର ୧୨ ଘଣ୍ଟିଆ ମୟୁରଭଞ୍ଜ ବନ୍ଦ



ବାରିପଦା , ୨୩/୦୫ (ନି.ପ୍ର): ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରେ ବିଦ୍ୟୁତ ବିଭ୍ରାଟ ଏବଂ ଅନ୍ୟାନ୍ୟ ତ୍ରୁଟିକୁ ନେଇ ଜିଲ୍ଲା ବିଜେପିପକ୍ଷରୁ ଆଜି ୧୨ଘଣ୍ଟିଆ ହରତାଳ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଦ ପାଳନ ପାଇଁ ଆଜି ସକାଳ ପାଖରୁ ସମସ୍ତ ଦୋକାନ ବଜାର, ଯାନ ବାହନ, ସରକାରୀ କାର୍ଯ୍ୟାଳୟ ଓ ସ୍କୁଲ,କଲେଜ ବ୍ୟାଙ୍କ ଆଦି ପ୍ରାୟତଃ ବନ୍ଦ ରହିଥିବାର ଦେଖାଯାଇଥିଲା. ଅତ୍ୟାବଶ୍ୟକ ସେବା ଗୁଡିକୁ ବନ୍ଦପାଳନରୁ ବାଦ ଦିଆଯାଇଥିବା ବେଳେ ବିଜେପିର ନେତା ଓ କର୍ମୀ ମାନେ ସହର ର ବିଭିନ୍ନ ସ୍ଥାନରେ ପିକେଟିଂ କରି ଏହି ବନ୍ଦ ଜିଲ୍ଲା ବାସୀଙ୍କ ସ୍ୱାଭିମାନ ସହ ଜଡିତ ଥିବାରୁ ସମସ୍ତଙ୍କୁ ବନ୍ଦରେ ସାମିଲ ହେବାକୁ ଅନୁରୋଧ କରାଯାଇଥିଲା। ଯାତ୍ରୀବାହି ବସ ଗୁଡିକ ବାରିପଦା ରୁ ଗନ୍ତବ୍ୟ ସ୍ଥଳକୁ ଚଳାଚଳ କରିନଥିବାରୁ ସାଧାରଣ ଯାତ୍ରୀ ମାନେ ଡହଡହ ଖରାରେ ବେଶ ହଇରାଣ ହୋଇଥିବାର ଲକ୍ଷ୍ୟ କରାଯାଇଥିଲା। ସେହିପରି ଜାତୀୟ ରାଜପଥ ନଂ ୧୮ରେ ପାଲବଣି ଏବଂ ମୁର୍ଗାବାଡି ଠାରେ ବଂଦ ପାଇଁ ବହୁ ସଂଖ୍ୟାରେ ଗାଡି ମଟର ଲମ୍ବା ଲାଇନରେ ଦୀର୍ଘ ସମୟ ଧରି ଛିଡା ହୋଇ ରହିଥିଲା। ମୟୁର ଭଂଜ ମାଟିର କନ୍ୟା ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ୩ ଦିନିଆ ମୟୁରଭଞ୍ଜ ଗସ୍ତ ସମୟରେ ଗତ ୬ତାରିଖ ଦିନ ବାରିପଦାର ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଦୀକ୍ଷାନ୍ତ ଭାଷଣ ଦେଉଥିବା ବେଳେ ହୋଇଥିବା ବିଦ୍ୟୁତ ବିଭ୍ରାଟ ଓ ଅନ୍ୟାନ୍ୟ ଅବ୍ୟବସ୍ଥାକୁ ନେଇ ଜିଲ୍ଲା ପ୍ରଶାସନକୁ ଦାୟୀ କରାଯାଉଥିବା ବେଳେ ରାଜ୍ୟ ସରକାର କୋଣସି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଏଯାବତ ନେଇନଥିବାରୁ ଏହାର ପ୍ରତିବାଦରେ ବିଜେପି ଏବଂ ନାଗରିକ ମଂଚ ପକ୍ଷରୁ ଏହି ବଂଦ ପାଳନ କରାଯାଇଛି। ଏହି ବଂଦ ପାଳନ ଜିଲ୍ଲା ବ୍ୟାପି ଅନୁଷ୍ଠିତ ହୋଇଥିବା ବେଳେ ବାରିପଦାରେ ବିଜେପି ର ଜିଲ୍ଲା ସଭାପତି କାନ୍ଦ୍ରା ସୋରେନ, ବାରିପଦା ବିଧାୟକ ପ୍ରକାଶ ସୋରେନ, ପୂର୍ବତନ ଜିଲ୍ଲା ସଭାପତି କୃଷ୍ଣ ଚନ୍ଦ୍ର ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ୍ୟା ସୁଜାତା ମୁର୍ମୁ, ବରିଷ୍ଠ ବିଜେପି ନେତା ଛୋଟେଲାଲ ମହାନ୍ତ, ପରେଶ ଚନ୍ଦ୍ର ମହାନ୍ତ, କବିବିଷ୍ଣୁ ଶତପଥି ପ୍ରମୁଖଙ୍କ ନେତୃତ୍ୱରେ ଯୁବ, ମହିଳା, ଛାତ୍ର ବିଜେପିର ବହୁ କର୍ମୀ ଅଂଶ ଗ୍ରହଣ କରିଥିଲେ।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I .BHADRAK**

O-160

**"E" PROCUREMENT NOTICE FOR ROAD WORKS**

**BID LDENTIFICATION NO. ONLINE TENDER 01 OF 2023-24(SHORT TENDER CALL NOTICE)**

I. Name of the Work: Road
2. Total No of Works :- I No
3. Estimated Cost :- Rs.21.01 lakh
4. Class of Contractor':- "C"& "B" Class
5. Period of Completion :- As pel Annexure
6. Type of Tender :- Single Cover
Other Details:-

| Procurement Officer | Bid Identification No. | Availablity of Tender online for bidding | | Date of Seeking of Tender | Date & Time of Technical Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | | 4 | 5 |
| Executive Engineer Rural Works Division-1. Bhadrak | Online-1 of 2023-24 | 26.05.22 At- 11.00 A.M | 02.06.2022 AT 4.00 P.M. | 02.06.2022 At- 2.00 P.M. | 03.06.2022 At- 11.00 A.M. |

Further details can be seen from the e-procurement portal "https://tendersorissa.gov.in "

Sd/-Er.Kartikeswar Sahu
Executive Engineer
R W Division Bhadrak

OIPR: 25060/11/0001/2324


## ଶିବ, ସାଧୁ ସହିଦ ଦିବସ ଓ ଶିବାଜୀ ପଟ୍ଟନାୟକଙ୍କ ପ୍ରଥମ ମୃତ୍ୟୁବାର୍ଷିକୀ ପାଳିତ



ଜଳେଶ୍ୱର ୨୩/୫(ନି.ପ୍ର): ୫୫ବର୍ଷ ତଳେ ପେଟକୁ ମୁଠାଏ ଦାନା ଓ ପିନ୍ଧିବାକୁ ଖଣ୍ଡିଏ ଲୁଗା ପାଇଁ ଲୋକେ ଡହଳବିକଳ ହେଉଥିବା ବେଳେ ହଜାର ହଜାର ଏ ଅଂଚଳର ଲୋକେ ଜଳେଶ୍ୱର ତହସିଲ ଘେରାଓ କରିଥିବା ବେଳେ ପୁଲିସ୍‌ର ଗୁଳି ଚୋଟରେ ଏ ଅଂଚଳର ଶିବ ଓ ସାଧୁ ସହିଦ୍ ହୋଇଥିଲେ। ୧୯୬୮ ମସିହାରେ ଦୁର୍ଭିକ୍ଷଭଳି ଅବସ୍ଥା ଉପୁଜିଥିବା ବେଳେ କମ୍ୟୁନିଷ୍ଟ ପତାକା ତଳେ ଲୋକେ ହିମାଂଶୁ ନନ୍ଦି, ଗଜେନ୍ଦ୍ର ପରିଡା ଓ ସୁକଲାଲ ଜୟରାମ ନେତୃତ୍ୱରେ ଆନ୍ଦୋଳନ କରିଥିଲେ । ସେତେବେଳେ ଏହି ନେତାମାନଙ୍କୁ ଜେଲରେ ଭର୍ତ୍ତି କରାଯାଇଥିଲା । ଗୁଳିକାଣ୍ଡ ପରେ ଶିବାଜୀ ପଟ୍ଟନାୟକ ଜଳେଶ୍ୱର ଆସି ଲୋକଙ୍କ ନେତୃତ୍ୱ ନେଇଥିଲେ। ସାମ୍ୟବାଦୀ ନେତା, ଛାତ୍ର, ଯୁବକ, କୃଷକ, ଦଳିତ ଓ ଆଦିବାସୀଙ୍କୁ ନେଇ ସ୍ୱର୍ଗତ ପଟ୍ଟନାୟକ ଆନ୍ଦୋଳନ ଜାରି ରଖିଥିଲେ। ଏବେ ନାହାନ୍ତି ସତ ତଥାପି ସିପିଆଇଏମ୍‌ର ଦୀର୍ଘ ଦିନର ରାଜ୍ୟ ସଂପାଦକ, ଭୁବନେଶ୍ୱରର ୩ଥର ସାଂସଦ, ପୂର୍ବତନ କେନ୍ଦ୍ର କମିଟି ସଦସ୍ୟ ଥାଇ ବିଭିନ୍ନ ସମସ୍ୟାର ସମାଧାନ ଆନ୍ଦୋଳନରେ ସାମିଲ ହୋଇଥିଲେ। ଆଜି ୫୫ବର୍ଷ ପରେ ଜନଜୀବନର ସମସ୍ୟା ବଢିଛି । ଦରଦାମ, ବେକାରୀ ବଢିଥିବା ବେଳେ କୃଷକ, ଶ୍ରମିକଙ୍କୁ ମିଳୁନି ତାର ନାର୍ଯ୍ୟ ଦାବୀ। ସାମ୍ପ୍ରଦାୟିକତା ଓ ବିଭେଦର ରାଜନିତୀ ଏବେ ଚାଲିଛି । ଏହି ସଂକଟବେଳେ ବାମପନ୍ଥି ଆନ୍ଦୋଳନକୁ ବ୍ୟାପକ କରିବାପାଇଁ ମହମ୍ମଦନଗରପାଟଣା ପଂଚାୟତର ଚକ୍ରଡାଠାରେ ଆୟୋଜିତ ସଭାରେ ବକ୍ତାମାନେ ମନ୍ତବ୍ୟ ଦେଇଛନ୍ତି । ଦିଲ୍ଲିପ ଗିରିଙ୍କ ସଭାପତିତ୍ୱରେ ଜିତାଂଶୁ ନନ୍ଦି, ଗଣେଶ ପାତ୍ର, ରବିନ୍ଦ୍ର ବାରିକ, ସବିତା ସାହୁ, ଦିଲ୍ଲିପ ପରିଡା, ପ୍ରକାଶ ଦେ, କପୂର୍ଣ୍ଣ ସିଂ, ବଙ୍କିମ ବିଶ୍ୱାଳ, ଅଶ୍ୱିନୀ ପ୍ରଧାନ, ବିଜୟ ସିଂ, ଅନୀଲ ନାୟକ, ସୁବଳ ଜେନା, ଶଂକର୍ଷଣ ମାଝୀ, ସୀତାରାମ ଗିରି, ମିନାଧଳ, ସବିତା ନାୟକ, ଜୟନ୍ତୀ ଦେ, ଗୌତମ ପ୍ରମାଣିକ ପ୍ରମୁଖ ଉପସ୍ଥିତ ଥିଲେ। ସହିଦ ବେଦୀରେ ଦିଲ୍ଲିପ କୁମାର ଗିରି ଲାଲ ପତାକା ଉତ୍ତୋଳନ କରିଥିଲେ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# 'ଆତ୍ମ ଜୀବନୀ ଅନେକ ଅକୁହା କଥା' ପୁସ୍ତକ ଲୋକାର୍ପିତ

ଲଙ୍ଗଳେଶ୍ୱର ୨୩/୫(ନିପ୍ର)ବରିଷ୍ଠ ଶିକ୍ଷାବିତ, ସୁସାହିତ୍ୟିକ ଅଧ୍ୟାପକ ଡ଼ଃ ସୁକାନ୍ତ ଗିରିଙ୍କ ଆତ୍ମ ଜୀବନୀ ଉପରେ ଲିଖିତ ପୁସ୍ତକ ' ଆତ୍ମ ଜୀବନୀ ଅନେକ ଅକୁହା କଥା ' ଲୋକାର୍ପିତ ହୋଇ ଯାଇଛି।ଏହି ଅବସରରେ ବାଲିଆପାଳ ବ୍ଲକ ଜମ୍ବୀରାଇ ଶାନ୍ତି ଧାମ ଠାରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା।ଏଥିରେ ପୂର୍ବତନ ଡ଼ି. ଆଇ .ତଥା ସୁ ସାହିତ୍ୟିକ ସୁବାସ ଚନ୍ଦ୍ର ଚୌଧୁରୀ ଅଧ୍ୟକ୍ଷତା କରିଥିଲେ।ଉନ୍ମୋଚକ ଭାବେ ବରିଷ୍ଠ ଶିଶୁ ସାହିତ୍ୟିକ କାଳିକିଙ୍କର ଦାଶ ,ବରିଷ୍ଠ ସଂସ୍କୃତ ଭାଷା ସାହିତ୍ୟବିତ ପଣ୍ଡିତ ପ୍ରିୟବ୍ରତ ପଣ୍ଡା , ଦୈନିକ ଅପରାହ୍ନର ସମ୍ପାଦକ ବଂଶୀଧର ଜେନା ,ପ୍ରକାଶିକା ଲକ୍ଷ୍ମୀ ପ୍ରିୟା ଦାସ, ସାପ୍ତାହିକ ଅଭିନନ୍ଦନର ସମ୍ପାଦକ ଇଂ ଜଗଦୀଶ ଚନ୍ଦ୍ର ମିଶ୍ର ,ଶିକ୍ଷାବିତ ବାବାଜୀ ଚରଣ ବିଶ୍ୱାଳ , ଇଂ ଗୋପାଳ କୃଷ୍ଣ ବିଶ୍ୱାଳ,ବରିଷ୍ଠ ସାମ୍ବାଦିକ ରବି ରଞ୍ଜନ ତ୍ରିପାଠୀ, ସୁବଳ ଚନ୍ଦ୍ର ଦାସ,ସମ୍ବାଦିକା ପ୍ରତିମା ଜେନା ପ୍ରମୁଖ ଯୋଗ ଦେଇଥିଲେ।ଅଧ୍ୟାପକ ଡ଼ଃ ଗିରି ମିଛ ସମ୍ପର୍କ (କବିତା) ,ବାଲିଆପାଳ ଇତିହାସ , ମୁଁ ଉତ୍ତର ବାଲେଶ୍ୱରିଆ (ଉତ୍ତର ବାଲେଶ୍ୱର ଇତିହାସ) , ବିଦଗ୍ଧ କାଣ୍ଡାରୀ ( ପ୍ରବନ୍ଧ ଆଲୋଚନା) , ତାନିଆ (ଗଳ୍ପ) ଆଦି ୫ ଟି ପୁସ୍ତକ ରଚନା କରିଥିବା ବେଳେ ଜୟ ବାଲିଆପାଳ , ମା ' ତୁ ଶରଣ ଦେ , ପ୍ରିୟା ତୁମେ ଆଦି ୩ ଟି ଅଡିଓ ଭିଜୁଆଲ କ୍ୟାସେଟ କରିଛନ୍ତି।ସାରସ୍ୱତ ଅନୁଷ୍ଠାନ ସୃଜନିକା ,ଡଗରା ବେଳାଭୂମି ମହୋତ୍ସବ, ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟି , ଏସ୍ କେ ଜି ସାରସ୍ୱତ ଟ୍ରଷ୍ଟ ଓ ପାଠାଗାରର ସେ ମୁଖ୍ୟ ପୁରୋଧା ଅଟନ୍ତି।ଅଧ୍ୟାପକ ଡ଼ଃ ଗିରି ପୁସ୍ତକ ର ପଠକୀୟ ଅଭିବ୍ୟକ୍ତି ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।



## ବିଶିଷ୍ଟ ବ୍ୟବସାୟୀ ବିଷ୍ଣୁପଦ ଘୋଷଙ୍କ ବିୟୋଗରେ ଶୋକ



ଲଙ୍ଗଳେଶ୍ୱର, ୨୩/୦୫ (ନି.ପ୍ର): ବାଲିଆପାଳ ପାରୁଳିଆ ଛକର ବିଶିଷ୍ଟ ବ୍ୟବସାୟ ବଳରାମପୁର ଗ୍ରାମର ବିଷ୍ଣୁପଦ ଘୋଷଙ୍କ ରବିବାର ଅକାଳ ବିୟୋଗ ଘଟିଛି।ସ୍ୱର୍ଗତ ଘୋଷଙ୍କ ଏପରି ବିୟୋଗରେ ବାଲିଆପାଳ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୮ ବର୍ଷ ବୟସ ହୋଇଥିଲା ଦୀର୍ଘଦିନ ଧରି ସେ କିଡନି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧିନ ଅବସ୍ଥାରେ ଥିଲେ। ପାରୁଳିଆ ଛକରେ ତାଙ୍କର ବ୍ୟବସାୟ ରହିଥିଲା।ରବିବାର ସ୍ୱର୍ଗତ ଘୋଷଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରୁ ତସଙ୍କର ଶୁଭେଚ୍ଛୁ ମାନେ ତାଙ୍କ ବାସଭବନରେ ଉପସ୍ଥିତ ହୋଇ ଶେଷ ଦର୍ଶନ କରିବା ସହିତ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସୋମବାର ସକାଳ ୬ ଟା ଠାରୁ ଦିନ ୧୨ ଟା ପର୍ଯ୍ୟନ୍ତ ତାଙ୍କ ଉଦ୍ଦେଶ୍ୟରେ ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦରଖି ବ୍ୟବସାୟୀ ମାନେ ସ୍ୱର୍ଗତ ଅମରଆତ୍ମାର ସଦଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ୱର୍ଗତ ବିଷ୍ଣୁପଦ ଘୋଷ ଜଣେ ମେଳାପି ପରୋପକାରୀ ନିଷ୍ଠାପର ମଣିଷ ଥିଲେ।

# ପ୍ରସ୍ତାବିତ ବସଷ୍ଟାଣ୍ଡ ଜମିରେ ବ୍ୟବସାୟିକ କୋଠା ନିର୍ମାଣ ଓ ବିକ୍ରିକୁ ବିରୋଧ

## ଗଣସଂଗଠନଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମିଳିତ ସ୍ମାରକପତ୍ର

ବାଲେଶ୍ୱର, ୨୩/୦୫ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିତିପ୍ରସ୍ତର ସ୍ଥାପନ କରାଯାଇଥିବା ଗଣେଶ୍ୱରପୁର ମୌଜାର ପ୍ରସ୍ତାବିତ ନୂତନ ବସଷ୍ଟାଣ୍ଡ ଜମିରେ ବହୁତଳ ଫ୍ଲାଟ ନିର୍ମାଣ କରି ବ୍ୟବସାୟୀଙ୍କୁ ବିକ୍ରି ଉଦ୍ୟମରୁ ପ୍ରଶାସନ ନିବୃତ ଦାବିରେ ବିଭିନ୍ନ ଗଣ ସଂଗଠନଙ୍କ ପକ୍ଷରୁ ମଙ୍ଗଳବାର ଦାବିପତ୍ର ପ୍ରଦାନ କରାଯାଇଛି। ସିଭିଲ ସୋସାଇଟି ନେତୃତ୍ୱରେ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ ଜିଲାପାଳଙ୍କୁ ସାକ୍ଷାତ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିବା ପ୍ରସ୍ତାବିତ ବସଷ୍ଟାଣ୍ଡ ଜମିରେ ବହୁତଳ କୋଠା ନିର୍ମାଣ ଓ ବିକ୍ରି କରିବାକୁ କେବଳ ଗଣ ସଂଗଠନ ନୁହନ୍ତି ବରଂ ଜିଲାବାସୀ ଦୃଢ଼ ବିରୋଧ କରୁଛନ୍ତି ବୋଲି ପ୍ରତିନିଧି ଦଳ ପକ୍ଷରୁ ଜିଲାପାଳଙ୍କୁ ଅବଗତ କରିଛନ୍ତି। ନିଷ୍ପତ୍ତିର ପୁନର୍ବିଚାର କରାନଗଲେ ବିଭିନ୍ନ ସଂଗଠନ ଓ ସାଧାରଣ ଲୋକେ ଆସନ୍ତା ଜୁନ ୭ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ସିଭିଲ ସୋସାଇଟି କର୍ମକର୍ତ୍ତାଙ୍କ ଆପତ୍ତି ଅନୁସାରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ କଟକ ବୋର୍ଡ଼ ଅଫ୍ ରେଭେନ୍ୟୁ ଚିଠି ସଂଖ୍ୟା ୧୩୧୬/ ତା୧୬-୦୯-୨୦୧୧ରିଖ ମୂଳେ ଏହି ଜାଗା ବ୍ରିଟକୁ ହସ୍ତାନ୍ତର ହୋଇଥିଲା। ବସଷ୍ଟାଣ୍ଡ ବ୍ୟତୀତ ଏହି ସ୍ଥାନରେ ଅନ୍ୟ କୌଣସି କାର୍ଯ୍ୟ କରାଯାଇ ପାରିବନାହିଁ ବୋଲି ଜିଲା ପ୍ରଶାସନକୁ ଚିଠିରେ ନିର୍ଦ୍ଦେଶ ଥିଲା। ନିର୍ଦ୍ଦେଶ ଉଲଂଘନ କଲେ ଏହି ଜାଗା ଆପଣାଛାଏଁ ବିପର୍ଯ୍ୟୟ ପ୍ରଶାସନ ବିଭାଗକୁ ଫେରିଯିବ ବୋଲି ମାର୍ଗଦର୍ଶିକାରେ ଉଲ୍ଲିଖିତ ଅଛି। ଏହା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିବା ଭିତିପ୍ରସ୍ତରକୁ ଉପାଡ଼ି ଫିଙ୍ଗି ଦେଇ ଏହି ଜାଗାରେ ବ୍ୟବସାୟିକ କୋଠାବାଡ଼ି ନିର୍ମାଣ କରି ଲୋକଙ୍କୁ ବିକ୍ରି ପାଇଁ ଜିଲା ପ୍ରଶାସନ ଦୁଇଥର ବ୍ରିଟ ମାଧ୍ୟମରେ ଟେଣ୍ଡର ଆହ୍ୱାନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସିଭିଲ ସୋସାଇଟି କର୍ମକର୍ତ୍ତାମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏହି ମର୍ମରେ ପୂର୍ବରୁ ଦୁଇଥର ଓ ପୁଣି ଆଜି ଶେଷଥର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଆସନ୍ତା ୭ ତାରିଖରୁ ଜିଲାବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନିଆଯାଇଥିବା ସେମାନେ କହିଛନ୍ତି। ଆଜିର ଦାବିପତ୍ର ପ୍ରଦାନବେଳେ ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସମ୍ପାଦକ ମନୋଜ ନାୟକ, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, ଘରୋଇ ବସ ମାଲିକ ସଂଘର ସଭାପତି ମାଧବଚନ୍ଦ୍ର ମିଶ୍ର, ଯୁବବିକାଶ ନିର୍ଦ୍ଦେଶକ ଗୋବିନ୍ଦ ଦଳାଇ, ଷ୍ଟେଟ ବ୍ୟାଙ୍କ ପେନସନର କର୍ମଚାରୀ ସଂଘ ଗଣେଶ ଜେନା, ବସ୍ତିବାସିନ୍ଦା ସଂଘର ସଭାପତି ବେଣୁଧର ବାରିକ, ରେଳବାଇ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ରମେଶ ଜେନା, ବିଜୁଳି କର୍ମଚାରୀ ସଂଘର ନେତା ଭରତ ସେଠୀ, ସରକାରୀ ମେଡିକାଲ୍ କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା, ମୋହରିର ସଂଘର ସମ୍ପାଦକ ନିରାକାର ରାଉତ, ବରିଷ୍ଠ ନାଗରିକ ମଂଚର ସମ୍ପାଦକ ଦାମୋଦର ନାୟକ, କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସଭାପତି କେଶବ ପଣ୍ଡା, ଜିଆରବି ଏସୋସିଏସନ୍ର ନେତା ଯୋଗେଶ ଚନ୍ଦ୍ର ପ୍ରଧାନ, ପୂର୍ବତନ ସରପଞ୍ଚ ବିଧାନ ଚନ୍ଦ୍ର ରାଏ, ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଂଗଠନ ନେତା ବଂଶୀଧର ଚୌଧୁରୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ସୀତାରାମ ପ୍ରଧାନ, ଡାକ୍ତର ସମାପିକା ପରିଡ଼ା, ଆଇନଜୀବୀ ଭରତ ଲେଙ୍କା, କବିତା ଭାରତୀ, ନିର୍ମଳ ନାୟକ, ରମେଶ ପାଣିଗ୍ରାହୀ, ମହେଶ୍ୱର ମଳିକ, ସତ୍ୟପ୍ରକାଶ ଦାସମହାପାତ୍ର, ବିଜୟ କୁମାର ପଣ୍ଡା, ନୀଳମଣି ବେହେରା, ବିଜୟ ଦାସ ଅଧିକାରୀ, ସତ୍ୟରଂଜନ ଆଚାର୍ଯ୍ୟ, ସମାଜସେବୀ ରଘୁନାଥ ଲେଙ୍କା, ପ୍ରଶାନ୍ତ ପାଢ଼ୀ, ଜ୍ଞାନ ମିଶ୍ର, ଗୀତାଶ୍ରୀ ଦାସ, ମାନସ ପାତ୍ର, ପ୍ରତାପ ନନ୍ଦ, ନୀଳକଣ୍ଠ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



## ଭତ୍ତା ସମସ୍ୟା ସମାଧାନ ପାଇଁ ବିଏସଏସଓ କଲେ ଜନଶୁଣାଣୀ



ଖଇରା,୨୩/୫(ନିପ୍ର)ଔପଦା ବ୍ଲକ ଫତେପୁର ପଂଚାୟତରେ ଆଜି ମିଳିତ ଜନ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଔପଦା ବ୍ଲକର ବିଏସଏଓ ଅଧିକାରିଣୀ ସାଲିମା ରାଉତ ସ୍ଥାନୀୟ ସରପଂଚ ଜୟଶ୍ରୀ ମାଝୀ ଉପସ୍ଥିତ ରହି ଭତା ହିତାଧି କାରୀ ମାନଙ୍କର ସମସ୍ୟା ଉପରେ ଆଲୋଚନା କରିଥିଲେ । ଯେଉଁ ହିତାଧିକାରୀ ମାନେ ୮୦ବର୍ଷରୁ ଉର୍ଦ୍ଧ ଏବଂ ଦିବ୍ୟାଙ୍ଗ ମାନଙ୍କର ୫ଶହ ଟଙ୍କା ଭତା ମିଳୁଥିଲା ସେମାନଙ୍କର ୭ଶହ ଟଙ୍କା ପାଇଁ ଆବେଦନ କରିବା ସହିତ ଅନ୍ୟ ହିତାଧିକାରୀ ମାନଙ୍କର ୨ରୁ ୩ ସାମ ଧରି ଭତା ମିଳୁ ନଥିବା ସମସ୍ୟା ମଧ୍ୟ ସମାଧାନ କରିଥିଲେ । ଏହି ଶିବିରରେ ପ୍ରାୟ ୭୦ ଅଧିକ ହିତାଧିକାରୀ ଉପସ୍ଥିତ ଥିଲେ । ବିଏସଏଓ ଅଧିକାରିଣୀ ସାଲିମା ରାଉତ ଙ୍କର ଏପ୍ରକାରର ପଦକ୍ଷେପ କୁ ସାଧାରଣରେ ପ୍ରଶଂସା କରାଯାଇଛି । ଆଗାମୀ ଦିନରେ ଔପଦା ବ୍ଲକର ସମସ୍ତ ପଂଚାୟତର ଜନଶୁଣାଣୀ ହେବ ବୋଲି ଶ୍ରୀମତି ରାଉତ ପ୍ରକାଶ କରିଛନ୍ତି।

## ଗଞ୍ଜେଇ ଚାଲାଣ ବେଳେ ୩ ଛାତ୍ର ଗିରଫ

ଲମତାପୁଟ , ୨୩/୦୫ (ନି.ପ୍ର): ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ତେଲଙ୍ଗାନାର ୩ କଲେଜ ଛାତ୍ରଙ୍କୁ ଗିରଫ କରିଛି ନନ୍ଦପୁର ପୋଲିସ।ଗଂଜେଇ ସହ ମାରୁତି ବ୍ରିଜା କାର ଜବତ। ଜଲାପୁଟ ଅଞ୍ଚଳରୁ ହାଇଦ୍ରାବାଦ ଚାଲାଣ କଲାବେଳେ ନନ୍ଦପୁରରେ ଥିବା ବଙ୍ଗଳା ଛକରେ ପୋଲିସ ହାତରେ ଧରାପଡିଛନ୍ତି ଏହି ତିନି ଅଭିଯୁକ୍ତ। ଅଧିକ ଟଙ୍କା ଲାଭ କରିବା ଆଶାରେ ଏହି ୩ ଛାତ୍ର ଗାଡି ଭଡାରେ ଆଣି ଗଞ୍ଜେଇ ଚାଲାଣ କରୁଥିଲେ।

# ସମାଜକୁ ପ୍ରତିଦାନ ବ୍ୟକ୍ତିର କର୍ତ୍ତବ୍ୟ ଶୀର୍ଷକ କାର୍ଯ୍ୟକ୍ରମ




ବସ୍ତା , ୨୩/୦୫ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ହୀରାପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଆନୁକୁଲ୍ୟରେ ଓ ଭୁବନେଶ୍ୱରସ୍ଥିତ କିଟ ବିଶ୍ୱିଦ୍ୟାଳୟ, କିସ ଏବଂ କିମସ ପ୍ରଯୋଜନାରେ ସମାଜକୁ ପ୍ରତିଦାନ ବ୍ୟକ୍ତିର ମୌଳିକ କର୍ତ୍ତବ୍ୟ ଶୀର୍ଷକ ଆଲୋଚନାଚକ୍ର ବିଦ୍ୟାଳୟର ସମ୍ମିଳନୀକକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦର ସଭାପତି ଗୋପାଳ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପକ ଗୌରାଙ୍ଗ ପଣ୍ଡା କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଦେବେନ୍ଦ୍ର ଆଚାର୍ଯ୍ୟ ବେଦପାଠ ଓ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । ସମାଜକୁ ପ୍ରତିଦାନ ପ୍ରତ୍ୟେକ ବ୍ୟକ୍ତିଙ୍କର ମୌଳିକ କର୍ତ୍ତବ୍ୟ ହେବା ବିଧେୟ ବୋଲି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଥିଲେ। ମୁଖ୍ୟ ଅତିଥିଭାବେ ଗୋପାଳପୁର ମହାବିଦ୍ୟାଳୟର ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ବେହେରା, ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ମେଡ଼ିକାଲ କଲେଜର ଅବସରପ୍ରାପ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଫୁଲ୍ଲ କୁମାର ଜେନା, ସମ୍ମାନିତ ଅତିଥିଭାବେ ପ୍ରଧାନ ଶିକ୍ଷକ ସୁବଳ କୁମାର ବେହେରା ଓ ସାମ୍ବାଦିକ ମନୋରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ଦାନ ମଣିଷ ମଧ୍ୟରେ ଅନ୍ୟପ୍ରତି ଭଲ ପାଇବା ଓ ଆଧ୍ୟାତ୍ମିକ ଭାବ ସୃଷ୍ଟି କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । ଶିକ୍ଷକ ଜଗଦୀଶ ବ୍ରହ୍ମଚାରୀ, ଅମୂଲ୍ୟ କୁମାର ବେହେରା, ମଧୁସ୍ମିତା ନାୟକ, ନିରଞ୍ଜନ ବାରିକ ଓ ଯଜ୍ଞେଶ୍ୱର ଗିରି ଓ ଗୋପାଳ ଚନ୍ଦ୍ର ବାରିକ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ବଳଭଦ୍ର ବାରିକ, ହରିଶ୍ଚନ୍ଦ୍ର ସାହୁ, ବାଇଧର ସେଠୀ, ଧିରେନ ମହାନ୍ତ, ରବୀନ୍ଦ୍ର କୁମାର ବେହେରା, ପାଳମଣି ଗିରି, ବୃନ୍ଦାବତୀ ସାହୁ, ରୁକ୍ମିଣୀ ମହାପାତ୍ର, ମାଳତୀ ମତଗଜ, ଆଶାକର୍ମୀ ଯମୁନା ମାଝୀ ଓ ମନୋରମା ବାରିକ ପ୍ରମୁଖଙ୍କୁ ନୂତନ ବସ୍ତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ହରିଶ୍ଚନ୍ଦ୍ର ଗିରି, ହରେକୃଷ୍ଣ ସାହୁ, ସଂଯୁକ୍ତା ଦଳେଇ, ଝରଣା ରାଣୀ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସହ ସମ୍ପାଦିକା ମମତା ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମନରେଗା କାମ କରୁଛି ମେସିନ: ଟ୍ରାକ୍ଟରରେ ବୁହାହେଉଛି ମାଟି



ନୀଳଗିରି , ୨୩/୦୫ (ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାର ଦାଦନ ମୁକ୍ତ କରି ପ୍ରତି ପଂଚାୟତରେ ଶ୍ରମିକ ମାନଙ୍କୁ ୨୦୦ଦିନର କାର୍ଯ୍ୟ ଯୋଗାଇଦ୍ୱୋ ପାଇଁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ପ୍ରଣୟନ କରିଛନ୍ତି । ମାତ୍ର ବାସ୍ତବ ଚିତ୍ର ଅଲଗା । ଶ୍ରମିକ ମାନଙ୍କୁ କାମ ନଦେଇ ମେସିନ ସାହାଯ୍ୟରେ ମନରେଗା କାମ ଚାଲୁଥିବାର ବହୁଉଦାହରଣ ରହିଥିବାବେଳେ ଏବେ ନୀଳଗିରି ବ୍ଲକ ଧରମପୁର ପଂଚାୟତ ବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମେସିନ ସାହାଯ୍ୟରେ ମାଟି ଉଠାଇ ଟ୍ରାକ୍ଟର ଯୋଗେ ମାଟିବୋହି ଡାକ୍ତରଖାନା ପରିସର ପୋତାଯାଉଥିବା ବେଳେ ଶ୍ରମିକ ଅଶାନ୍ତି ଦେଖାଦେଇଛି । ସୂଚନା ଅନୁଯାଇ ବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜମିର ଉନ୍ନତିକରଣ ପାଇଁ ୨୦୨୩/୨୪ ବର୍ଷରେ ୪ଲକ୍ଷ ଟଙ୍କା ବ୍ୟୟଅଟକଳରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାମ ଚାଲୁଥିବାବେଳେ ଶ୍ରମିକମାନଙ୍କ ଦ୍ୱାରା କାମ କରାନଯାଇ ମେସିନ ସାହାଯ୍ୟରେ କାମ ଚାଲିଛି । ନେଇ କନିଷ୍ଠଯନ୍ତ୍ରୀ ନନ୍ଦିବାବୁ ଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ବିଡିଓ ଙ୍କ ନିର୍ଦ୍ଦେଶରେ ବାହାରୁ ମାଟି ଆଣି କାମ କରାଯାଉଛି ବୋଲି ସଫେଇ ଦେଇଥିଲେ । ତେବେ ଯୋଜନା କାହାପାଇଁ ? ନନ୍ଦୀବାବୁ ଯନ୍ତ୍ରୀ ହିସାବରେ ଉତ୍ତରଦାୟୀ ଥିବାବେଳେ ଉପରିସ୍ଥ ଅଫିସରଙ୍କ ମୁଣ୍ଡରେ ଅଠାବୋଳି୍ବ କେତେଦୂର ଯଥାର୍ଥ । ଏଥିରେ ଜନ ଅସନ୍ତୋଷ ବୃଦ୍ଧି ପାଇଥିବା ବେଳେ ଯନ୍ତ୍ରୀଙ୍କ ସମ୍ପୃକ୍ତି ଥିବା ନେଇ ଅଂଚଳବାସୀ ସନ୍ଦେହ ପ୍ରକାଶ କରିଛନ୍ତି ।

# ପୀତାମ୍ବର ଦାସଙ୍କ ଦୁଇଟି ପୁସ୍ତକ ଲୋକାର୍ପିତ



ବାଲେଶ୍ୱର, ୨୩/୦୫ (ନି.ପ୍ର): ଶିଶୁ ସାହିତ୍ୟ କେବଳ ଶିଶୁମାନଙ୍କଦ୍ୱାରା ରଚିତ ହୋଇ ନ ଥାଏ କିମ୍ବା ଶିଶୁମାନଙ୍କ ପଠନ ଉଦ୍ଦେଶ୍ୟରେ ପ୍ରଣୀତ କରାଯାଇ ନ ଥାଏ। ବରଂ ବୟସ୍କ ବ୍ୟକ୍ତିମାନେ ଅତ୍ୟନ୍ତ ଆଗ୍ରହର ସହିତ ଯାହାକୁ ଅଧ୍ୟୟନ କରିବାକୁ ଭଲପାଇଥାଆନ୍ତି ତାହାକୁ ଉତ୍କୃଷ୍ଟ ଶିଶୁସାହିତ୍ୟ କୁହାଯାଇପାରେ ବୋଲି ଏକ ଗ୍ରନ୍ଥ ଉନ୍ମୋଚନ ଉତ୍ସବରେ ବକ୍ତାମାନେ ମତପ୍ରକାଶ କରିଥିଲେ। ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ ସୋମବାର ସନ୍ଧ୍ୟାରେ ଗୀତିକବି ପୀତାମ୍ବର ଦାସଙ୍କର ଦୁଇଖଣ୍ଡି ଗ୍ରନ୍ଥ 'ବଢ଼ିଆ ଗପ ମଜା ଅମାପ' ଓ 'ସମୟ'ର ଉନ୍ମୋଚନ ଅବସରରେ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ସଭାପତିତ୍ୱ କରିଥିବାବେଳେ ଏବିଏର ଅଧକ୍ଷ କମଳାକାନ୍ତ ଆଋର୍ଯ୍ୟ ତାହାକୁ ଲୋକାର୍ପଣ କରିଥିଲେ। ଗପଗୁଡ଼ିକର ଆଲୋଚନା କରି ଅରୁଣା ରାୟ ତାହା କିଶୋର କିଶୋରୀମାନଙ୍କୁ ଅଭିଭୂତ କରିବାପାଇଁ ସକ୍ଷମ ବୋଲି ମତପ୍ରକାଶ କରିଥିଲେ। ସମୟ ଖଣ୍ଡ ଉପରେ ନିଜର ବକ୍ତବ୍ୟ ରଖି ବରିଷ୍ଠ ସାରସ୍ୱତ ସାଧକ ଡ. ପ୍ରହ୍ଲାଦ ଚରଣ ମହାନ୍ତି ଲେଖକଙ୍କର 'ସମୟ' ନାଟକଟି ସମୟ ସମ୍ପର୍କରେ ଉଚିତ୍ ଦିଗ୍‌ଦର୍ଶନ ଦେଇପାରିଛି ବୋଲି ପ୍ରକାଶ କରିଥିଲେ। ବରିଷ୍ଠ ସାମ୍ବାଦିକ ଶଶିରଞ୍ଜନ ମଲ୍ଲିକ ଗ୍ରନ୍ଥଦ୍ୱୟର ଆଲୋଚନା କରିବା ସଙ୍ଗେସଙ୍ଗେ ସାଂପ୍ରତିକ ସମୟରେ ସାହିତ୍ୟିକମାନେ ପୁରସ୍କାର ପ୍ରତି ଆସକ୍ତ ନ ରହି ଯୁଗୋପଯୋଗୀ ରଚନା କରିବାରେ ପ୍ରୟାସୀ ହେବାକୁ ପରାମର୍ଶ ଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀଦ୍ୱାରା ସମ୍ବର୍ଦ୍ଧିତ ହୋଇଥିବା ସାହିତ୍ୟିକ ବ୍ରଜେନ୍ଦ୍ରନାଥ ଗିରି ଏବଂ ସୃଷ୍ଟିଧର ପରିଡ଼ାଙ୍କୁ ପରିଷଦ ତରଫରୁ ଉପାୟନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସମ୍ବର୍ଦ୍ଧନାର ଉତ୍ତରରେ ସେମାନେ ଏକାଡେମୀର ମର୍ଯ୍ୟାଦା ରକ୍ଷାକରି ସାରସ୍ୱତ ରଚନାରେ ନିରନ୍ତର ବ୍ରତୀ ରହିବେ ବୋଲି ପ୍ରକାଶ କରିଥିଲେ। ଲେଖକ ପୀତାମ୍ବର ଦାସ ଗ୍ରନ୍ଥଦ୍ୱୟର ସୃଷ୍ଟି ସମ୍ପର୍କରେ ଅଙ୍ଗେ ନିଭାଇଥିବା ସ୍ମୃତିମାନ ପ୍ରକାଶ କରିଥିଲେ। କଲ୍ୟାଣୀ ନନ୍ଦ ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିଲେ, ସଂପାଦକ ଦୀପକ ମୋଷ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଡ. ସାରଙ୍ଗଧର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।



ଜୀବନ ବ୍ୟାପୀ ସାରସ୍ୱତ ସାଧନାପାଇଁ ୨୦୨୨ ମସିହା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିବା ଶ୍ରୀଯୁକ୍ତ ସୃଷ୍ଟିଧର ପରିଡ଼ାଙ୍କୁ ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ ସମ୍ବର୍ଦ୍ଧିତ କରାଯାଉଥିବା ଅବସରରେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo